

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର, ୧୬ ଜୁଲାଇ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 16 JULY 2022
Vol.No. 35 ■ No. 184 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022






ପ୍ରକାଶକ : ସୁବର୍ଣ୍ଣଶ୍ରୀ ପ୍ରକାଶିନୀ ବାଲେଶ୍ୱର-୧

ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର

ପ୍ରାପ୍ତିସ୍ଥାନ
ନଲେଜ୍ କର୍ଣ୍ଣର୍, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା ବାଲେଶ୍ୱର-୧


## ରାଜପକ୍ଷଙ୍କ ଦେଶ ଛାଡ଼ିବା ଉପରେ ରୋକ ଲଗାଇଲେ ସୁପ୍ରିମକୋର୍ଟ



କଲମ୍ବୋ, ୧୫/୦୭ (ନି.ପ୍ର): ଶ୍ରୀଲଙ୍କାର ପୂର୍ବତନ ପ୍ରଧାନମନ୍ତ୍ରୀ ମହିନ୍ଦା ରାଜପକ୍ଷଙ୍କୁ ଜୋରଦାର ଝଟକା ଲାଗିଛି । ସେ ପଦ ଛାଡ଼ିଥିଲେ ମଧ୍ୟ ଦେଶ ବାହାରକୁ ଯାଇ ପାରିବେ ନାହିଁ । ସେହିପରି ତାଙ୍କ ଭାଇ ପାଇଁ ତଥା ଦେଶର ପୂର୍ବତନ ଅର୍ଥମନ୍ତ୍ରୀ ବାସିଲ ରାଜପକ୍ଷ ମଧ୍ୟ ଶ୍ରୀଲଙ୍କା ଛାଡ଼ି ଅନ୍ୟତ୍ର ଯାଇ ପାରିବେନି । ଆଜି ସୁପ୍ରିମକୋର୍ଟ ଦୁଇ ଭ୍ରାତାଙ୍କ ଦେଶ ଛାଡ଼ିବା ଉପରେ ଏପରି ରୋକ ଲଗାଇଛନ୍ତି । ଏମାନଙ୍କ ଭାଇ ଗୋଟାବାୟା ରାଜପକ୍ଷ ଶ୍ରୀଲଙ୍କାରୁ ଫେରାର ହେବା ପରେ ରାଷ୍ଟ୍ରପତି ପଦରୁ ଇସ୍ତଫା ଦେଇଛନ୍ତି । ତାଙ୍କ ଭଳି ମହିନ୍ଦା ଓ ବାସିଲ ମଧ୍ୟ ଦେଶ ଛାଡ଼ି ଫେରାର ହେବାର ଆଶଙ୍କା ଥିବାରୁ ସୁପ୍ରିମକୋର୍ଟ ସେମାନଙ୍କୁ ଏପରି ନିର୍ଦ୍ଦେଶ ଦେଇଛନ୍ତି । ଗୋଟାବାୟା ଶ୍ରୀଲଙ୍କାରୁ ପ୍ରଥମେ ମାଳଦ୍ୱୀପ ଯାଇଥିଲେ । ସେଠାରେ ମଧ୍ୟ ତାଙ୍କୁ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଥିଲା । ଏଥିପାଇଁ ସେ ସିଙ୍ଗାପୁର ଚାଲି ଯାଇଛନ୍ତି । ଆର୍ଥିକ ସଙ୍କଟ ମଧ୍ୟ ଦେଇ ଗତି କରୁଥିବା ଶ୍ରୀଲଙ୍କାରେ ଏପ୍ରିଲ ମାସରୁ ବିକ୍ଷୋଭ ଜାରି ରହିଛି । ଲୋକମାନେ ଦୀର୍ଘ ଦିନ ଧରି ଗୋଟାବାୟା ରାଜପକ୍ଷଙ୍କ ଘର ବାହାରେ ବିକ୍ଷୋଭ କରିଥିବାରୁ ଏହାକୁ ପ୍ରଧାନମନ୍ତ୍ରୀ ପଦରେ ଥିବା ମହିନ୍ଦା ରାଜପକ୍ଷ ବିରୋଧ କରିଥିଲେ । ଏପରି କି ବିକ୍ଷୋଭକାରୀଙ୍କୁ ମହିନ୍ଦା ରାଜପକ୍ଷଙ୍କ ସମର୍ଥକମାନେ ମାଡ଼ ମାରିଥିଲେ । ଏହାକୁ ନେଇ ପୂରା ଦେଶରେ ବ୍ୟାପକ ପୋଡ଼ାଜଳା ଦେଖାଯାଇଥିଲା । ବିକ୍ଷୋଭକାରୀମାନେ ପ୍ରଧାନମନ୍ତ୍ରୀ ମହିନ୍ଦା ରାଜପକ୍ଷଙ୍କ ଘର ଜାଳି ଦେଇଥିଲେ । ଏହି ପୋଡ଼ାଜଳାକୁ ଦେଖି ମହିନ୍ଦା ରାଜପକ୍ଷ ଦୁଇ ମାସ ତଳେ ପ୍ରଧାନମନ୍ତ୍ରୀ ପଦ ଛାଡ଼ିଥିଲେ । ଏବେ ତାଙ୍କର ବିଦେଶ ଗସ୍ତ ଉପରେ ସୁପ୍ରିମକୋର୍ଟ ରୋକ ଲଗାଇଛନ୍ତି । ଅନ୍ୟପକ୍ଷରେ ଗୋଟାବାୟା ରାଜପକ୍ଷ ରାଷ୍ଟ୍ରପତି ପଦ ଛାଡ଼ିଥିବାରୁ ରାନୀଲ ବିକ୍ରମସିଂଘେ ଶ୍ରୀଲଙ୍କାର କାମ ଚଳା ରାଷ୍ଟ୍ରପତି ଭାବେ ଆଜି ଶପଥ ନେଇଛନ୍ତି । ରାଜପକ୍ଷ ଇସ୍ତଫା ଦେଇଥିବାରୁ ଶ୍ରୀଲଙ୍କାରେ ମଧ୍ୟ ଶାନ୍ତି ଫେରିବା ଆରମ୍ଭ ହୋଇଛି । ଆସନ୍ତା ୨୦ ତାରିଖରେ ରାଷ୍ଟ୍ରପତି ଚୟନ ପାଇଁ ନିର୍ବାଚନ ହେବ ବୋଲି ମଧ୍ୟ ଜଣାପଡ଼ିଛି ।

## ଏଣିକି ସଂସଦ ଭିତରେ ଧାରଣା, ଉପବାସ ମନା



ନୂଆଦିଲ୍ଲୀ, ୧୫/୦୭ : ସଂସଦକୁ ନେଇ ଗୋଟିଏ ପରେ ଗୋଟିଏ ବିବାଦୀୟ ନିୟମ ଆସୁଛି । ନୂଆ ନିୟମ ଅନୁଯାୟୀ ସଂସଦ ଭିତରେ ସଦସ୍ୟଙ୍କୁ ଧାରଣା ମନା ହୋଇଛି । ଏନେଇ ରାଜ୍ୟସଭା ସାଧାରଣ ସଚିବ ପିସି ମୋଡି ଏକ ବିଜ୍ଞପ୍ତି ଜାରି କରିନ୍ତି ।ମୁଖ୍ୟତଃ ସଂସଦ ଭିତରେ କୌଣସି ଆନ୍ଦୋଳନ, ଧାରଣା, ଷ୍ଟ୍ରାଇକ୍ , ଉପବାସ ମନା କରାଯାଇଛି । ଏମିତିକି କୌଣସି ଧର୍ମୀୟ ଉତ୍ସବ ଆଳରେ ଏସବୁ କରିବାକୁ ମନା କରାଯାଇଛି । ଏହି ମର୍ମରେ ଗୃହ ସଦସ୍ୟମାନଙ୍କୁ ସହଯୋଗ କରିବାକୁ କୁହାଯାଇଛି । ଏହି ନିର୍ଦ୍ଦେଶକୁ ନେଇ କଂଗ୍ରେସ ନେତା ଜୟରାମ ରମେଶ କଡ଼ା ସମାଲୋଚନା କରିଛନ୍ତି । ଦିନକ ପୂର୍ବରୁ ସଂସଦରେ କେତେକ ଶବ୍ଦକୁ ବାରଣ ନେଇ ଛଡ଼ ସୃଷ୍ଟି ହୋଇଛି । ଏବେ ପୁଣି ଏକ ନୂଆ ବିବାଦ ଚର୍ଚ୍ଚା ସୃଷ୍ଟି କରିଛି । ଲୋକସଭା ସଚିବାଳୟ ଦ୍ୱାରା ଜାରି ଏକ ପୁସ୍ତିକାରେ ଅନ୍ୟୁନ ୪୦ଟି ଶବ୍ଦକୁ ଅନପାର୍ଲାମେଣ୍ଟାରୀ ଭାବେ ଚିହ୍ନିତ କରାଯାଇଛି । ଯଦି କେହି ସଂସଦୀୟ କାର୍ଯ୍ୟଧାରାରେ ଏହି ଶବ୍ଦକୁ ବ୍ୟବହାର କରେ ତେବେ ତାହାକୁ ରେକର୍ଡରୁ କାଟିଦିଆଯିବ । ସାଧାରଣଭାବେ ବ୍ୟବହୃତ ଆସେମ୍‌ଡ (ଲଜ୍ଜିତ), ଆବ୍ୟୁଜ୍ ?ଡ (ଦୁର୍ବ୍ୟବହାର), ବିଟ୍ରେଡ୍ (ପ୍ରତାରିତ), କରପ୍ଟ (ଦୁର୍ନୀତିଗ୍ରସ୍ତ, ଭ୍ରଷ୍ଟ), ଡ୍ରାମା (ନାଟକବାଜି), ହିପୋକ୍ରିସି (କପଟତା) ଏବଂ ଇନ୍‌କମ୍ପିଟେଣ୍ଟ (ଅଯୋଗ୍ୟ, ଅପାରଗ) ପରି ଶବ୍ଦକୁ ଅନ୍ ପାର୍ଲାମେଣ୍ଟାରୀ ବୋଲି ଉକ୍ତ ପୁସ୍ତିକାରେ ଦର୍ଶାଯାଇଛି । ଜୁଲାଇ ୧୮ରେ ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହେବାକୁ ଯାଉଥିବା ବେଳେ ତା'ର ଅବ୍ୟବହିତ ପୂର୍ବରୁ ଲୋକସଭା ସଚିବାଳୟ ପକ୍ଷରୁ ଏହି ପୁସ୍ତିକା ପ୍ରକାଶ କରାଯାଇଛି । ଲୋକସଭା ଓ ରାଜ୍ୟସଭାରେ ଯିଏ ଅଧ୍ୟକ୍ଷତା କରୁଥିବେ ସେ ଯେଉଁ ଶବ୍ଦକୁ ଅନ୍ ପାର୍ଲାମେଣ୍ଟାରୀ ବୋଲି କହିବେ ତାହା ହେଉଛି ଅନ୍‌ପାର୍ଲାମେଣ୍ଟାରୀ ▶▶ପୃଷ୍ଠା ୭

## ଶୂନ୍ୟକାଳରେ ଉଠିଲା ସୀମା ସୁରକ୍ଷା ପ୍ରସଙ୍ଗ

ଭୁବନେଶ୍ୱର, ୧୫/୦୭ (ନି.ପ୍ର): କୋରାପୁଟ ଜିଲ୍ଲା କୋଟିଆ ଗ୍ରାମପୁଞ୍ଜ କଥା ଶୁକ୍ରବାର ଦିନ ଉଠିଛି । ରାଜ୍ୟ ସରକାର ଓଡିଶାର ସୀମାକୁ ନେଇ ସମ୍ବେଦନଶୀଳ ନୁହନ୍ତି ବୋଲି ବିରୋଧୀ ଦଳର ଉପନେତା ବିଷ୍ଣୁ ସେଠୀ କହିଛନ୍ତି । ଶୂନ୍ୟକାଳରେ ସେ ଏହି ପ୍ରସଙ୍ଗ ଉଠାଇ କହିଛନ୍ତି ଯେ ସୀମାରେ ଭାଷା, ସାହିତ୍ୟ ଓ ସଂସ୍କୃତି ସୁରକ୍ଷିତ ନୁହେଁ । ଆନ୍ଧ୍ର ସରକାର ସୀମାନ୍ତବର୍ତ୍ତୀ ଲୋକମାନଙ୍କୁ ବିଭିନ୍ନ ଯୋଜନା ଦେଇ ପ୍ରଲୋଭିତ କରୁଛନ୍ତି । ଯେଉଁଥିରେ ଶହେରୁ ଊର୍ଦ୍ଧ୍ୱ ଗ୍ରାମ ଏହା ଦ୍ୱାରା ପ୍ରଭାବିତ । ମାତ୍ର ରାଜ୍ୟ ସରକାର ସବୁବେଳେ ତଥାକଥିତ ଉତ୍ତର ଦେଉଛନ୍ତି ଆମେ ଅନୁଧ୍ୟାନ କରୁଛୁ । ଆମ ପାଖରେ ଖବର ନାହିଁ । ଯଦି ସରକାର ଏପରି କହିବେ ତେବେ ଖବର କିଏ ରଖିବ ବୋଲି ସେ ପ୍ରଶ୍ନ କରିଛନ୍ତି । ସେ ପ୍ରଶ୍ନ କରିଛନ୍ତି ବିଭାଗୀୟ ମନ୍ତ୍ରୀ କାହିଁକି କୋଟିଆ ଅଞ୍ଚଳ ପରିଦର୍ଶନ କରୁନାହାନ୍ତି । ଏପରି କରିବାପେ କେଉଁଠି ଅସୁବିଧା ରହୁଛି ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ବିରୋଧୀ ଦଳ ନୁହେଁ ବରଂ ସରକାରୀ ଦଳର ବିଧାୟକ ମାନେ ମଧ୍ୟ ଏହାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି । ଯେତେବେଳେ ସରକାରୀ ଦଳର ବିଧାୟକ ମାନେ ପ୍ରଶ୍ନ କରୁଛନ୍ତି ସେ ସମୟରେ ସରକାର କହୁଛନ୍ତି ଆମ ପାଖରେ ଖବର ନାହିଁ । ଏଥିରୁ ଆମେ କଣ ବୁଝିବୁ, ବିଜେଡି ବିଧାୟକ ସୌମ୍ୟ ପଟ୍ଟନାୟକ ଯେଉଁ ପ୍ରଶ୍ନ କରିଥିଲେ ଏବଂ ପଟାଙ୍ଗୀ ବିଧାୟକ ପ୍ରୀତମ ପାଢ଼ୀ ଯେଉଁ କଥା କହୁଛନ୍ତି ତାହା ସତ୍ୟ ନା ମନ୍ତ୍ରୀ ପ୍ରମିଳା ମଲିକ ଯେଉଁ ଉତ୍ତର ଦେଲେ ତାହା ସତ୍ୟ ବୋଲି ସେ ପ୍ରଶ୍ନ କରିଛନ୍ତି ।

## ଭୁବନେଶ୍ୱରରେ ସ୍ଥାପନ ହେବ 'ସାଇନ୍ସ ସିଟି'




ଭୁବନେଶ୍ୱର, ୧୫/୦୭ (ନି.ପ୍ର): ଅନ୍ୟ ରାଜ୍ୟ ଢାଂଚାରେ ରାଜଧାନୀ ଭୁବନେଶ୍ୱରରେ ଏକ ସାଇନ୍ସ ସିଟି ସ୍ଥାପନ କରାଯିବ । ଏଥିପାଇଁ ରାଜ୍ୟ ସରକାର ରାଜଧାନୀର ଉପକଣ୍ଠରେ ୩୦ଏକର ଜମି ପ୍ରଦାନ କରିଛନ୍ତି ବୋଲି ରାଜ୍ୟ ବିଜ୍ଞାନ ଓ କାରିଗରି କୌଶଳ ମନ୍ତ୍ରୀ ଅଶୋକ ପଣ୍ଡା ବିଧାନସଭାରେ ସୂଚନା ଦେଇଛନ୍ତି । ଆଜି ଗୃହରେ ମନ୍ତ୍ରୀ ଶ୍ରୀ ପଣ୍ଡା ଭଦ୍ରକ ବିଧାୟକ ସଞ୍ଜିବ ମଲ୍ଲିକଙ୍କ ଏକ ପ୍ରଶ୍ନର ଉତ୍ତର ରଖୁଥିବାବେଳେ ବାଚସ୍ପତିଙ୍କ ଅନୁମତି ନେଇ ଏହି ସୂଚନା ଦେଇଥିଲେ । ସେ କହିଥିଲେ, ଅନ୍ୟ ରାଜ୍ୟ ଢାଂଚାରେ ଭୁବନେଶ୍ୱରରେ ସାଇନ୍ସ ସିଟି ନିର୍ମାଣ କରାଯିବ । ଏହାସହିତ ପୁରୀରେ ଜିଲ୍ଲା ବିଜ୍ଞାନ କେନ୍ଦ୍ର ଓ ପ୍ଲାନେଟୋରିୟମ ପ୍ରତିଷ୍ଠା କରାଯିବ । ପୁରୀରେ ବିଜ୍ଞାନ ପ୍ରଦର୍ଶନୀ ସମେତ ଶ୍ରୀଜଗନ୍ନାଥ ସଂସ୍କୃତି ଓ ଶ୍ରୀମନ୍ଦିର ଐତିହ୍ୟ ଆଦି ସ୍ଥାନ ପାଇବ । ସାତକୋଶିଆ ଅଂଚଳରେ ବାୟୋସ୍ପିୟର ମ୍ୟୁଜିୟମ୍ ମଧ୍ୟ ସ୍ଥାପନ କରାଯିବ । ବଡ଼ମ୍ବା-ନରସିଂହପୁର ଅଂଚଳର ସାତକୋଶିଆଠାରେ ରାଜ୍ୟ ସରକାର ଜୈବବିବିଧତାକୁ ନେଇ ଏକ ପ୍ରାକୃତିକ ସଂଗ୍ରହାଳୟ କରିବେ । ଏଥିରେ କଟକ, ଅନୁଗୋଳ ଓ ନୟାଗଡ଼ ଆଦି ଜିଲ୍ଲାକୁ ସାମିଲ କରାଯାଇଛି । ଏନେଇ ମଧ୍ୟ ଜାତୀୟ ବିଜ୍ଞାନ ପରିଷଦକୁ ସୂଚନା ଦିଆଇଥିବା ନେଇ ମନ୍ତ୍ରୀ ଶ୍ରୀ ପଣ୍ଡା ବିଧାନସଭାକୁ ଅବଗତ କରାଇଥିଲେ । ମନ୍ତ୍ରୀ ଶ୍ରୀ ପଣ୍ଡା ଆଜି ଏହି ସୂଚନା ନିଜ ଆଡୁ ଗୃହରେ ବାଚସ୍ପତିଙ୍କ ଅନୁମତି ନେଇ ରଖିଥିଲେ ।

## ପ୍ରକାଶ ପାଇଲା ଜାତୀୟ ଶିକ୍ଷାନୁଷ୍ଠାନ ରାଙ୍କିଙ୍ଗ୍

### ଟପ୍ ଶହେ ତାଲିକାରେ ନାହିଁ ରାଜ୍ୟର କୌଣସି ସରକାରୀ ଶିକ୍ଷାନୁଷ୍ଠାନ



ଭୁବନେଶ୍ୱର, ୧୫/୦୭ (ନି.ପ୍ର): ଓଡିଶାର ଶିକ୍ଷାନୁଷ୍ଠାନ କେତେ ଭଲ ? ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଓଡିଶାର ସବୁଠାରୁ ପ୍ରମୁଖ ବିଶ୍ୱବିଦ୍ୟାଳୟ ଭାବେ ଜଣାଯାଉଥିବା ଉତ୍କଳ ବିଶ୍ୱବିଦ୍ୟାଳୟ ଶ୍ରେଷ୍ଠ ୧୦୦ ଶିକ୍ଷାନୁଷ୍ଠାନ ତାଲିକାରେ ୯୦ତମ ସ୍ଥାନରେ ରହିଛି । ନ୍ୟାସନାଲ ଇନଷ୍ଟିଚ୍ୟୁସନାଲ ରାଙ୍କ ଫ୍ରେମଓ୍ୱାର୍କ ପକ୍ଷରୁ ପ୍ରକାଶ ପାଇଥିବା ଶ୍ରେଷ୍ଠ ଶହେ ଶିକ୍ଷାନୁଷ୍ଠାନ ତାଲିକାରେ ଚଳିତ ବର୍ଷ ଓଡିଶାକୁ ନିରାଶ ହେବାକୁ ପଡିଛି । ଏପରିକି ଟପ୍ ଟେନ୍ ମଧ୍ୟରେ ଓଡିଶାର କୌଣସି ଶିକ୍ଷାନୁଷ୍ଠାନ ନଥିବା ଚିନ୍ତାର ବିଷୟ ପାଲଟିଛି । ନ୍ୟାସନାଲ ଇନଷ୍ଟିଚ୍ୟୁସନାଲ ରାଙ୍କ ଫ୍ରେମଓ୍ୱାର୍କ ପକ୍ଷରୁ ଦେଶର ଟପ କଲେଜ ଓ ବିଶ୍ୱବିଦ୍ୟାଳୟର ତାଲିକା ପ୍ରକାଶ ପାଇଛି । ଏନଆଇଆରଏଫ ପକ୍ଷରୁ ଦେଶର ଟପ୍ ଶିକ୍ଷାନୁଷ୍ଠାନ ତାଲିକା ଘୋଷଣା କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଜାତୀୟ ଶିକ୍ଷାନୁଷ୍ଠାନ ଟପ ୧୦୦ ବିଶ୍ୱବିଦ୍ୟାଳୟ ରାଙ୍କିଂ ତାଲିକାରେ ପ୍ରଥମ – ଆଇଆଇଟି ବାଙ୍ଗାଲୋର, ଦ୍ୱିତୀୟ-ଜେଏନୟୁ ନୂଆଦିଲ୍ଲୀ, ତୃତୀୟ-ଜାମିୟା ମିଲିୟା ଇସଲାମିଆ ୟୁନିର୍ଭସିଟି, କିଟ୍- ୨୦ ରାଙ୍କ, ଉତ୍କଳ ବିଶ୍ୱବିଦ୍ୟାଳୟ- ୯୦ ତମ ସ୍ଥାନରେ ରହିଛି । ଦେଶର ବିଭିନ୍ନ ଶିକ୍ଷାନୁଷ୍ଠାନ, ବିଶ୍ୱବିଦ୍ୟାଳୟଗୁଡ଼ିକୁ ୧୧ଟି ବର୍ଗରେ ରାଙ୍କ କରାଯାଇଛି । ଶିକ୍ଷାନୁଷ୍ଠାନରେ ପାଠପଢା, ଭିତିଭୂମି, ଗବେଷଣାକୁ ମାପକାଠି ଭାବେ ନିଆଯାଇଛି । ତେବେ ଓଡିଶାର କୌଣସି ଶିକ୍ଷାନୁଷ୍ଠାନ ଟପ ଟେନରେ ସ୍ଥାନ ପାଇନାହିଁ । ବିଶେଷ କରି ରାଜ୍ୟର ପ୍ରମୁଖ ▶▶ପୃଷ୍ଠା ୭

## ଡଲାର ତୁଳନାରେ କମି ଚାଲିଛି ଟଙ୍କାର ମୂଲ୍ୟ



ନୂଆଦିଲ୍ଲୀ, ୧୫/୦୭ : ଡଲାର ତୁଳନାରେ ହ୍ରାସ ପାଉଛି ଟଙ୍କାର ମୂଲ୍ୟ । ଗୋଟିଏ ଡଲାରର ମୂଲ୍ୟ ସର୍ବକାଳୀନ ହ୍ରାସ ପାଇ ପାଖାପାଖି ୮୦ ଟଙ୍କାରେ ପହଁଚିଛି । ଯାହା ଭାରତୀୟ ଅର୍ଥନୀତି ଉପରେ ଚାପ ପକାଇଛି । କାରଣ ରପ୍ତାନୀ ତୁଳନାରେ ଭାରତ ଅଧିକ ଆମଦାନୀ କରିଥାଏ । ତେଣୁ ଏହାର ପ୍ରଭାବ ଭାରତର ପୁଞ୍ଜି ଭଣ୍ଡାର ଉପରେ ପଡିବା ସହ ଆମଦାନୀ ହେଉଥିବା ସାମଗ୍ରୀର ମୂଲ୍ୟ ବଢି ବଢି ଚାଲିଛି । ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କା ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଛି । ଗୁରୁବାର ଦିନ ଟଙ୍କାର ମୂଲ୍ୟ ସର୍ବକାଳୀନ ହ୍ରାସ ପାଇଛି । ଟଙ୍କା ଦୁର୍ବଳ ହୋଇ ଗୋଟିଏ ଡଲାରକୁ ୭୯ ଟଙ୍କା ୯୯ ପଇସାରେ ପହଁଚିଛି । ଟଙ୍କାର ମୂଲ୍ୟ କମି ଚାଲିଥିବାରୁ ଭାରତୀୟ ଅର୍ଥନୀତି ବଡ଼ ଧରଣର ସମସ୍ୟା ଆଡକୁ ଗତି କରୁଛି । ବ୍ୟାଙ୍କ କାରବାର, ଆମଦାନୀ ଏବଂ ଭାରତର ଥିବା ବିଦେଶୀ ପୁଞ୍ଜି ଭଣ୍ଡାର ବିଶେଷ ଭାବେ ପ୍ରଭାବିତ ହେବା ଆଶଙ୍କା ସୃଷ୍ଟି ହୋଇଛି । ଏବେ ବିଦେଶରେ ପାଠ ପଢୁଥିବା ଛାତ୍ର ଛାତ୍ରୀ ଅଧିକ ଟଙ୍କା ଗଣିବେ ଏବଂ ଯେଉଁ ସାମଗ୍ରୀ ବିଦେଶରୁ ଆମଦାନୀ ହୋଇ ଆସୁଛି, ତାହା ମଧ୍ୟ ମହଙ୍ଗା ହୋଇ ଚାଲିଛି । ୧୯୪୭ ମସିହାରେ ଭାରତ ସ୍ୱାଧୀନ ହେବା ବେଳେ ଗୋଟିଏ ଡଲାରର ମୂଲ୍ୟ ଥିଲା ମାତ୍ର ୪ ଟଙ୍କା ୭୬ ପଇସା । ୨୬ ବର୍ଷ ପରେ ଅର୍ଥାତ୍ ୧୯୭୩ ମସିହାରେ ଏହା ଦୁଇ ଗୁଣ ହୋଇ ୮ ଟଙ୍କା ୧୦ ପଇସା ହୋଇଥିଲା । ଏହାର ୧୭ ବର୍ଷ ପରେ ୧୯୯୦ ମସିହାରେ ଡଲାର ତୁଳନାରେ ଟଙ୍କା ୨୫ ଟଙ୍କା ୯୨ ପଇସା ହୋଇ ଯାଇଥିଲା । ୨୦୦୪ରେ ଗୋଟିଏ ଡଲାରକୁ ୪୫ ଟଙ୍କା ୩୨ ପଇସା, ୨୦୧୪ରେ ୫୮ ଟଙ୍କା ୩୯ ପଇସାରେ ପହଁଚିଥିଲା । ୨୦୨୧ରେ ଡଲାର ୭୪ ଟଙ୍କା ଟପିଥିବା ବେଳେ ୨୦୨୨ରେ ଏହା ସର୍ବକାଳୀନ ହ୍ରାସ ପାଇ ୭୯ ଟଙ୍କା ୯୦ ପଇସା ହୋଇଯାଇଛି ।

## ଟ୍ରକ୍‌କୁ ପଛରୁ ଧକ୍କା ଦେଲା ବସ୍, ୨୪ ଯାତ୍ରୀ ଆହତ

ବଲାଙ୍ଗିର, ୧୫/୦୭ (ନି.ପ୍ର): ଟ୍ରକ୍‌କୁ ଧକ୍କା ଦେଲା ଯାତ୍ରୀବାହୀ ବସ୍ । ଦୁର୍ଘଟଣାରେ ୨୪ ଜଣ ବସଯାତ୍ରୀ ଆହତ । ଆଜି ରାତିରେ ବଲାଙ୍ଗିର-ବରଗଡ ୨୬ ନମ୍ବର ଜାତୀୟ ରାଜପଥ ହୀରାପୁର ଛକ ଠାରେ ଘଟିଛି ଏହି ସଡକ ଦୁର୍ଘଟଣା । ସୂଚନା ମୁତାବକ, ବଲାଙ୍ଗିରରୁ ବରଗଡକୁ ଯାଉଥିବା କୁମୁଦିନୀ ଟ୍ରାଭେଲ୍ସ ନାମକ ଯାତ୍ରୀବାହୀ ବସ ବେଦାନ୍ତ କଂପାନୀ କାମରେ ନିୟୋଜିତ ଏକ ଟ୍ରକ୍‌କୁ ପଛପଟୁ ଧକ୍କା ଦେଇଥିଲା । ବସରେ ପ୍ରାୟ ୪୦ ଜଣ ଯାତ୍ରୀ ଥିଲେ । ସେମାନଙ୍କ ଭିତରୁ ୨୪ ଜଣ ଯାତ୍ରୀ ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ସହାୟତାରେ ଆହତ ସମସ୍ତ ଯାତ୍ରୀ ମାନଙ୍କୁ ଲୋଇସିଂହା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଆହତ ମାନଙ୍କ ଚିକିତ୍ସା ଜାରୀ ରହିଛି ।

## ଦୁର୍ଘଟଣା ପରେ ଜଣାପଡିଲା ମହିଳା ପୋଲିସ ଇନ୍ସପେକ୍ଟରଙ୍କ ପ୍ରେମ କାହାଣୀ



ଭୁବନେଶ୍ୱର, ୧୫/୦୭ (ନି.ପ୍ର): ଚର୍ଚ୍ଚାରେ ସୁନ୍ଦରଗଡ଼ର ମହିଳା ଇନ୍ସପେକ୍ଟର ସ୍ମିତ୍ତାରାଣୀ ସୁନା ଓରଫ୍ ସୁନା ମ୍ୟାଡାମ୍ । ମ୍ୟାଡାମ୍‌ଙ୍କ ଗାଡି ଧକ୍କାରେ ୩ ଜଣ ପ୍ରାଣ ହରାଇବା ଘଟଣାକୁ ନେଇ ଚର୍ଚ୍ଚା ଥମିବାର ନାଁ ନେଉନଥିବା ବେଳେ ଏବେ ତାଙ୍କ ପ୍ରେମ ସଂପର୍କକୁ ନେଇ ଚର୍ଚ୍ଚା ଜୋର ଧରିଛି । ଦୁର୍ଘଟଣା ପରେ ଗିରଫ ହୋଇଥିବା ଗାଡି ଚାଳକ ଅଜୟ କୁମାର ଜେଠୀଙ୍କ ସହ ଇନ୍ସପେକ୍ଟର ସୁନା ମ୍ୟାଡାମ୍‌ଙ୍କ ସଂପର୍କକୁ ନେଇ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି । ସୁନ୍ଦରଗଡରେ ଅଧ୍ୟାପକ ଥିବା ସୁରେଶ କୁମାର ବାଗ୍ ସୁନ୍ଦରଗଡ ଟାଉନ ଥାନାରେ ମେ ୨ ତାରିଖରେ ଏକ ଦାୟର କରିଥିଲେ । ଯେଉଁଥିରେ ସେ ନିଜ ପତ୍ନୀ ସ୍ମିତ୍ତାରାଣୀ ସୁନା ଓ ଅନ୍ୟ ଜଣେ ବ୍ୟକ୍ତି ଅଜୟ ଜେଠୀଙ୍କ ନାମରେ ଆଣିଥିଲେ ସଙ୍ଗୀନ ଅଭିଯୋଗ । ତାଙ୍କ ଅଭିଯୋଗ ଅନୁସାରେ ସେ ସୁନ୍ଦରଗଡ଼ରେ ତାଙ୍କ ପତ୍ନୀଙ୍କ କ୍ୱାର୍ଟର୍ସକୁ ଯାଇଥିଲେ । ସେଠାରେ ସେ ଅଜୟ ଜେଠୀଙ୍କୁ ଦେଖିଥିଲେ । ଅଜୟ କିଏ ବୋଲି ପଚାରିବାରୁ ସେ ତାଙ୍କୁ ବିବାହ କରିଥିବା ▶▶ପୃଷ୍ଠା ୭

## ଦେଶର ଶ୍ରେଷ୍ଠ ଉଚ୍ଚ ଶିକ୍ଷାନୁଷ୍ଠାନ ତାଲିକା-୨୦୨୨ ଉନ୍ମୋଚନ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ




ନୂଆଦିଲ୍ଲୀ/ଭୁବନେଶ୍ୱର, ୧୫/୦୭ (ନି.ପ୍ର): ଆମର ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବା ଏବଂ ଯୁବପିଢିଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବା ଦିଗରେ ଦେଶର ଉଚ୍ଚ ଶିକ୍ଷାନୁଷ୍ଠାନ ଗୁଡିକ କାର୍ଯ୍ୟ କରୁଛନ୍ତି । ତେବେ ଏହି ଉଚ୍ଚ ଶିକ୍ଷା ପରିସଂସ୍ଥାନର ଗୁଣାତ୍ମକ ମାନ ବୃଦ୍ଧି କରିବାରେ ଏକ ସୁଦୃଢ ତଥା ଆସେସମେଂଟ୍, ଆକ୍ରେଡିଟେସନ ଓ ର୍ୟାଙ୍କିଂ ପାଇଁ ଉଦ୍ଦେଶ୍ୟମୂଳକ ଫ୍ରେମଓ୍ୱାର୍କ ମୁଖ୍ୟ ଭୂମିକା ଗ୍ରହଣ କରିବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶୁକ୍ରବାର ନୂଆଦିଲ୍ଲୀ ଠାରେ ଶିକ୍ଷା ମନ୍ତ୍ରଣାଳୟର ନ୍ୟାସନାଲ ଇନଷ୍ଟିଚ୍ୟୁସନ ର୍ୟାକିଙ୍ଗ୍ ଫ୍ରେମଓ୍ୱାର୍କ(ଏନଆଇଆରଏଫ) ଅନ୍ତର୍ଗତ ଇଣ୍ଡିଆ ର୍ୟାକିଙ୍ଗସ୍-୨୦୨୨କୁ ଉନ୍ମୋଚନ କରିବା ଅବସରରେ ଶ୍ରୀ ପ୍ରଧାନ ଏହା କହିଛନ୍ତି । ଦେଶର ଶ୍ରେଷ୍ଠ ଉଚ୍ଚ ଶିକ୍ଷାନୁଷ୍ଠାନ ଗୁଡିକୁ ପୁରସ୍କୃତ କରିବା ସହ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଅଭିନନ୍ଦନ ଜଣାଇଛନ୍ତି । ସେ କହିଛନ୍ତି ଯେ ଆମେ ନବସୃଜନ ଏବଂ ପ୍ରଯୁକ୍ତିବିଦ୍ୟା ଯୁକ୍ତ ଶିକ୍ଷା ଆଧାରିତ ଅର୍ଥନୀତି ଗଠନ କରିବାରେ ଅଗ୍ରସର ହେଉଛୁ । ଆମର ଉଚ୍ଚ ଶିକ୍ଷାନୁଷ୍ଠାନ ଗୁଡିକ ଭାରତକୁ ବୈଶ୍ୱିକ ନବସୃଜନ ତଥା ଡିଜିଟାଲ ଅର୍ଥନୀତି କ୍ଷେତ୍ରରେ ଆଗକୁ ▶▶ପୃଷ୍ଠା ୭

## ୪ ଦିନ ଯାଏଁ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୧୫/୦୭ (ନି.ପ୍ର): ଗତକାଲିର ଲଘୁଚାପ ଆଜି ଉପକୂଳ ଓଡିଶା ଏବଂ ପାର୍ଶ୍ୱବର୍ତ୍ତୀ ଅଂଚଳରେ ସକ୍ରିୟ ରହିଛି, ଏହା ସହ ଜଡିତ ଘୁର୍ଣ୍ଣିବଳୟ ବାୟୁମଣ୍ଡଳରେ ୭.୬ କିମି ଉଚ୍ଚତା ଯାଏଁ ବ୍ୟାପିଛି ।ସେହିପରି ମୌସୁମୀ ଜନିତ ନିମ୍ନ ଚାପ ରେଖା ଉତରପୂର୍ବ ଆରବସାଗର ଅଂଚଳର ସୁଦୃଶଃ- ଲଘୁଚାପ କ୍ଷେତ୍ର ର କେନ୍ଦ୍ର ରୁ ବାହାରି, ଉଦୟପୁର, ରାଏସନ, ଜବଲପୁର, ପେନ୍ଦ୍ରା ରୋଡ୍, ହୀରାକୁଦ, ଓଡିଶା ଉପକୂଳର ଲଘୁଚାପ କେନ୍ଦ୍ର ମଧ୍ୟ ଦେଇ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଯାଏଁ ଲମ୍ବିଛି । ଏହା ବାୟୁମଣ୍ଡଳରେ ୧.୫କିମି ଉଚ୍ଚତା ଯାଏଁ ବ୍ୟାପିଛି । ଏହାର ପ୍ରଭାବରେ ଆଗାମୀ ୪ ଦିନ ପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ ପ୍ରବଳ ବର୍ଷା ଜାରି ରହିବ ବୋଲି ଆକଳନ କରିଛି ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର । ସେହିପରି ମତ୍ସ୍ୟଜୀବୀମାନଙ୍କୁ ୧୬ ତାରିଖ ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ନଯିବାକୁ ପରାମର୍ଶ ଦିଆଯାଇଛି । ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆଗାମୀ ୨୪ଘଂଟା ମଧ୍ୟରେ ରାଜ୍ୟର ୭ଟି ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ଏବଂ ୧୭ଟି ଜିଲ୍ଲାରେ ▶▶ପୃଷ୍ଠା ୭

## ଏମପିଭି ୮୩ ଗ୍ରାମରେ ନବଜାତ ଶିଶୁକୁ ହତ୍ୟା ଅଭିଯୋଗ

ମାଲକାନଗିରି,୧୫/୦୭ (ନି.ପ୍ର): ମାଲକାନଗିରି ଜିଲ୍ଲା ମୋଟୁ ଥାନା ଅନ୍ତର୍ଗତ ଲୁଗେଲ ପଚାଂୟତର ଏମପିଭି ୮୩ ଗ୍ରାମର ବିନୋଦ ପାଇକ ଓ ଶ୍ୟାମଲୀ ପାଇକଙ୍କର ଦୁଇ ଦିନ ତଳେ ଏକ ଶିଶୁପୁତ୍ର ଜନ୍ମ ହୋଇଥିଲା । ହେଲେ ଜନ୍ମ କରିଥିବା ବାପା -ମା ଉକ୍ତ ଶିଶୁ ପୁତ୍ରକୁ ହତ୍ୟାକରି ତାର ମୃତଦେହକୁ ପାଖ ଜଙ୍ଗଲରେ ପୋତି ଦେଇଥିଲେ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏ ନେଇ ଆଜି ମୋଟୁ ଥାନା ଅଧିକାରୀଙ୍କ ପାଖରେ ଲିଖିତ ଭାବେ ଏମ୍ ପି ଭି ୮୩ ଗ୍ରାମର କମିଟି ମେମ୍ବର ଓ ଗ୍ରାମର ଅଧିବାସୀ ମାଧବୀ ସରକାର, ଶୁଷମା ଦାସ, ରବି ମଣ୍ଡଳ, ଶ୍ୟାମଳି ମଣ୍ଡଳ ପ୍ରମୁଖ ଅଭିଯୋଗ କରିଛନ୍ତି । ମୋଟୁ ପୋଲିସ ଘଟଣାସ୍ଥଳରେ ପହଂଚି ମାଟି ତଳେ ପୋତା ଯାଇଥିବା ନବଜାତ ଶିଶୁର ମୃତଦେହ ଉଦ୍ଧାର କରି ତଦନ୍ତ ଆରମ୍ଭ କରିଛି । ଏ ବିଷୟରେ ମୋଟୁ ଥାନା ଆଇଆଇସି ଅଶୋକ କୁମାର ବିଶୋଇଙ୍କୁ ପଚାରିବାରୁ ଘଟଣାକୁ ଖଣ୍ଡନ କରି କହିଛନ୍ତି ଯେ, ହତ୍ୟା ହୋଇନାହିଁ ଏବଂ ପରବର୍ତୀ କାର୍ଯ୍ୟାନୁଷ୍ଠାନ ସମ୍ପୂର୍ଣ୍ଣ ତଦନ୍ତ ପରେ ନିଆଯିବ ବୋଲି କହିଛନ୍ତି । ପ୍ରକାଶ ଥାଉ କି, ୨୦୨୦ ମସିହାରେ ଅନୁରୂପ ଭାବେ ଜଣେ ନବଜାତକକୁ ହତ୍ୟା କରାଯାଇ ମାଟିରେ ପୋତି ଦିଆଯାଇଥିଲା ।

## ମୋଟୁ ବନ୍ୟା ସ୍ଥିତିର ଅନୁଧ୍ୟାନ କଲେ ଅତିରିକ୍ତ ଜିଲ୍ଲାପାଳ

ମାଲକାନଗିରି,୧୫/୦୭ (ନି.ପ୍ର): ଲଘୁଚାପଜନିତ ଲଗାଣ ବର୍ଷା ମାଲକାନଗିରି ଜିଲାରେ ଲାଗି ରହିଛି । ଜିଲା ସୀମାନ୍ତ ମୋଟୁଠାରେ ପଡୋଶୀ ରାଜ୍ୟକୁ ସଂଯୋଗ କରିଥିବା ରାଜ୍ୟ ରାଜପଥ ବନ୍ୟା ଜଳରେ ବୁଡିଯିବା ସହ ବିଜୟୱାଡା – ରାଂଚି ଯୋଗାଯୋଗ ତିନି ଦିନ ହେଲା ବିଚ୍ଛିନ୍ନ ହୋଇପଡିଛି । ଫଳରେ ଶତାଧିକ ଯାନବାହାନ ରାସ୍ତାରେ ଅଟକି ରହିଛି । ମୋଟୁଠାରେ ବନ୍ୟା ପରିସ୍ଥିତିର ଅନୁଧ୍ୟାନ ପାଇଁ ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ନାୟକ ପହଂଚି ସେଠାରେ ଅଟକି ରହିଥିବା ଯାତ୍ରୀଙ୍କ ସମସ୍ୟା ଏବଂ ଖାଦ୍ୟ ବ୍ୟବସ୍ଥା ନେଇ ପଚାରି ବୁଝିଥିଲେ । ପରେ ମୋଟୁ ଜଗନ୍ନାଥ ମନ୍ଦିରରେ ଠାକୁରଙ୍କ ଦର୍ଶନ କରି ମୋଟୁ ମୁଗି ପଏଂଟରେ ପହଂଚି ସେଠାରେ ଚାଲୁଥିବା ପୋଲ କାମ ତଦାରଖ କରିଥିଲେ । ମୋଟୁ ପଚାଂୟତର ନଦୀ ପାର୍ଶ୍ୱରେ ରହିଥିବା ଗ୍ରାମ ଗୁଡିକର ସ୍ଥିତି ସମ୍ପର୍କରେ ମଧ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ ।

## ଲୋପ ପାଇବାକୁ ବସିଲାଣି କନ୍ଧମାଳର ଖଜୁରୀ ପଟି ଓ ଖଜୁରୀ ପତ୍ରର କଳାକୃତି

କନ୍ଧମାଳ,୧୫/୦୭ (ନି.ପ୍ର): କନ୍ଧମାଳ ଜିଲ୍ଲାର ପାରମ୍ପରିକ ତଥା ପ୍ରାକୃତିକ ଖଜୁରୀ ପଟିର ଚାହିଦା କମିବାରେ ଲାଗିଛି । ଜିଲ୍ଲାର ଆଦିବାସୀ ମାନେ ଜଙ୍ଗଲରୁ ଖଜୁରୀ ଗଛର ପତ୍ର ସଂଗ୍ରହ କରି ସେଥିରେ ନିଜର ପୁରାତନ ତଥା ପାରମ୍ପରିକ ଶୈଳୀରେ ବିଭିନ୍ନ ପ୍ରକାରର ପଟି ଓ ଅନ୍ୟାନ୍ୟ ଘରକରଣା ଜିନିଷ ପ୍ରସ୍ତୁତ କରି ବ୍ୟବହାର କରିଥାନ୍ତି । ଯାହା ଆଜି ମଧ ଜିଲ୍ଲାର ଆଭ୍ୟନ୍ତରୀଣ ଅଂଚଳରେ ଲୋକେ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି । ଏହି ପଟି ଏବଂ ଖଜୁରୀ ପତ୍ରରେ ପ୍ରସ୍ତୁତ ଚାଙ୍ଗୁଡିକୁ ଫୁଲ ତୋଳିବା, ପୂଜା କରିବା ବେଳେ ବ୍ୟବହୃତ ଆସନ, ସାମୁହିକ ଭୋଜିରେ ବସି ଖାଇବା ପାଇଁ ଲମ୍ବା ଆସନ ସମେତ ଘର ସଜେଇବା ପାଇଁ ବିଭିନ୍ନ ପ୍ରକାରର କଳାକୃତି ଆଦି ଜିଲ୍ଲାରେ ଗ୍ରାମାଂଚଳରେ ହେଉଥିବା ସପ୍ତାହିକି ହାଟରେ ଖଜୁରୀ ପଟି ଏବଂ ଏଥିରେ ତିଆରି ବିଭିନ୍ନ ସାମଗ୍ରୀର ସ୍ୱତନ୍ତ୍ର ପସରା ଖୋଲା ଯାଇ ବିକ୍ରୀ କରାଯାଉଥିଲା । ଏହାକୁ ଜିଲ୍ଲାର ଲୋକେ କିଣି ବ୍ୟବହାର କରୁଥିଲେ । ଖାଲି ସେତିକି ନୁହେଁ ବାହାର ଜିଲ୍ଲା ଓ ରାଜ୍ୟର ଲୋକେ ମଧ ଏହି ଜିନିଷଗୁଡିକ ପ୍ରତି ଆକୃଷ୍ଟ ହୋଇ ଏହାକୁ ବ୍ୟବହାର କରୁଥିଲେ । କାରଣ ଏହା ସମ୍ପୂର୍ଣ୍ଣ ପ୍ରକୃତି ଓ ପ୍ରାଚୀନ କଳା ସମ୍ପର୍ଣ୍ଣ ହେବା ସହିତ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ବିହୀନ ଓ ଦିର୍ଘ ସ୍ଥାୟୀ ହୋଇଥିବା ଯୋଗୁଁ ଲୋକେ ଏହାକୁ କିଣି ନିଜ ନିଜର ଘରେ ଏବଂ ସାମୁହିକ କାର୍ଯ୍ୟକ୍ରମରେ ମଧ ବ୍ୟବହାର କରୁଥିଲେ । ହେଲେ କାଳକ୍ରମେ ପ୍ଲାଷ୍ଟିକର ବହୁଳ ବ୍ୟବହାର ତଥା କମ ଦାମରେ ଏହାର ଉପଲବ୍ଧ ହେବା, ଏହି ଖଜୁରୀ ପଟି ଓ ଖଜୁରୀ ପତ୍ରରେ ତିଆରି ବିଭିନ୍ନ ସାମଗ୍ରୀର ବ୍ୟବହାର ଓ ବିକ୍ରିବଟାକୁ ପ୍ରଭାବିତ କଲା । ଫଳରେ ଜିଲ୍ଲାର ଆଦିବାସୀ ମାନଙ୍କର ଏକ ରୋଜଗାର ବାଧାପ୍ରାପ୍ତ ହେବା ସହିତ ଜିଲ୍ଲାର ଏକ ପ୍ରାକୃତିକ ତଥା ପାରମ୍ପରିକ କଳାକୃତି ଧିରେ ଧିରେ ସର୍ବସାଧାରଣରେ ବ୍ୟବହାର ହେବାରୁ ବଂଚିତ ହେବା ସହିତ ଆଦିବାସୀଙ୍କ ଏକ ସୁନ୍ଦର କଳାକୃତି ମଧ ବିରଳ ହେବାରେ ଲାଗିଛି । ବର୍ତମାନ ଜିଲ୍ଲାରେ ଖଜୁରୀ ପତ୍ରର ବ୍ୟବହାର ଆଉ ଘର କରଣା ଜିନିଷ ପାଇଁ ହେଉନାହିଁ । କିନ୍ତୁ, ଏହି ଜିନିଷ ଗୁଡିକର ଚାହିଦା ସହରାଂଚଳରେ ଏବେ ମଧ ରହିଛି । ତେଣୁ, ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାରେ ଥିବା ମହିଳା ସ୍ୱୟମ ସହାୟକ ଗୋଷ୍ଠୀ ଜରିଆରେ ଏହି କଳାକୃତିର ତାଲିମ ଦେଇ ଜିଲ୍ଲାରେ ଏହି ଖଜୁରୀ ପଟିକୁ ଏକ କୁଟୀର ଶିଳ୍ପ ଭାବରେ ପ୍ରୋତ୍ସାହନମୂଳକ ପଦକ୍ଷେପ ନେଲେ, ଜିଲ୍ଲାର ଏକ ପାରମ୍ପାରିକ ଓ ପ୍ରାକୃତିକ ଜିନିଷର ପୁନରୁଦ୍ଧାର ହେବା ସହିତ ଜିଲାର ଲୋକେ ରୋଜଗାରର ନୂତନ ପନ୍ଥା ପାଇପାରିବେ ।

## ଅଚାନକ ବଲାଙ୍ଗିର ଟାଉନ୍ ବାଳିକା ହାଇସ୍କୁଲ ପରିଦର୍ଶନ କଲେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି

ବଲାଙ୍ଗିର,୧୫/୦୭ (ନି.ପ୍ର): ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି ବଲାଙ୍ଗିର ଟାଉନ୍ ବାଳିକା ଉଚ୍ଚ ବିଦ୍ୟାଳୟ ଗସ୍ତରେ ଯାଇ ସ୍କୁଲର ପ୍ରଧାନଶିକ୍ଷକ, ଶିକ୍ଷୟତ୍ରୀ, ଅଧ୍ୟୟନରତ ଛାତ୍ରୀ ଓ କର୍ମଚାରୀ ମାନଙ୍କୁ ସାକ୍ଷାତ୍ କରି ସ୍କୁଲର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ବଲାଙ୍ଗିର ଟାଉନ୍ ବାଳିକା ଉଚ୍ଚ ବିଦ୍ୟାଳୟକୁ ଖୁବଶୀଘ୍ର ୫-ଟି ରେ ଅନ୍ତର୍ଭୁକ୍ତ କରିବା ପାଇଁ ସ୍କୁଲର ପ୍ରଧାନଶିକ୍ଷକ ନରେନ୍ଦ୍ର ମିଶ୍ର ରାଜ୍ୟସଭା ସାଂସଦ ଶ୍ରୀ ବିଶିଙ୍କୁ ଅନୁରୋଧ କରିଥିଲେ । ସ୍କୁଲରେ ବିଜ୍ଞାନ, ଗଣିତ ଓ ଓଡ଼ିଆ ବିଷୟ ପାଇଁ ଶିକ୍ଷକ ନଥିବାରୁ ପିଲାଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି । ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ, ଏଠାରେ ସ୍କୁଲର ଖେଳ ଶିକ୍ଷୟତ୍ରୀ ଓଡ଼ିଆ ପଢାଉଥିବାର ଦେଖା ଯାଇଥିଲା । ଏନେଇ ପର୍ଯ୍ୟାପ୍ତ ଶିକ୍ଷକ ନିଯୁକ୍ତି ପାଇଁ ରାଜ୍ୟସଭା ସାଂସଦ ଶ୍ରୀ ବିଶିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ସାଂସଦ ଶ୍ରୀ ବିଶି ସ୍କୁଲର ନବମ ଓ ଦଶମ ଶ୍ରେଣୀକୁ ଯାଇ ଛାତ୍ରୀ ମାନଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଥିଲେ । ଏକାଗ୍ରତାର ସହ ପାଠ ପଢିବାକୁ ଶ୍ରୀ ବିଶି ଛାତ୍ରୀ ମାନଙ୍କୁ ଉପଦେଶ ଦେଇଥିଲେ । ଏଥିସହ ଶ୍ରେଣୀ ଗୃହରେ ପାଠ ପଢାଉଥିବାରୁ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କୁ ମଧ ସ୍କୁଲର ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ । ଆଦିବାସୀ ଛାତ୍ରୀ ମାନେ ଯେପରି ରାଜ୍ୟ ସରକାରଙ୍କ ପ୍ରଦତ ଷ୍ଟାଇପେଣ୍ଡ୍ ଓ ଅନ୍ୟାନ୍ୟ ସୁବିଧା ପାଇପାରିବେ ସେ ନେଇ ଛାତ୍ରୀ ମାନଙ୍କୁ ବୁଝାଇବା ସହ ଶିକ୍ଷକ ମାନଙ୍କୁ ତାଗିଦ୍ କରିଥିଲେ । ସ୍କୁଲ ପରିଦର୍ଶନ ସମୟରେ ସାଂସଦ ଶ୍ରୀ ବିଶିଙ୍କ ସହ ବଲାଙ୍ଗିର ନାଗରିକ କମିଟିର ସାଧାରଣ ସମ୍ପାଦକ ମନୋରଞ୍ଜନ ସାହୁ, ଦଳୀୟ କର୍ମୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ଥିଲେ ।

## ଟଙ୍କା ଲୋଭରେ ଝିଅକୁ ବିକ୍ରି ଅଭିଯୋଗ

ବଲାଙ୍ଗିର, ୧୪ ଜୁଲାଇ (ହି.ସ.)- ବେଲପଡ଼ା ଥାନା ମଣ୍ଡଳ ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି । ଜଣେ ବାପା ନିଜ ଝିଅକୁ ଟଙ୍କା ପାଇଁ ତିରପୁର ଅଂଚଳର ୨ ଜଣ ଦଲାଲଙ୍କ ନିକଟରେ ବିକ୍ରି କରିଦେଇଥିବା ଅଭିଯୋଗ ହୋଇଛି । ଯାହାକୁ ନେଇ ବେଲପଡା ପୋଲିସ ଘଟଣାସ୍ଥଳରେ ପହଂଚି ସମସ୍ତଙ୍କୁ ଥାନାକୁ ନେଇ ଅଧିକ ପଚରାଉଚରା କରୁଥିବା ଜଣାପଡିଛି ।
ମିଳିଥିବା ସୂଚନା ଅନୁସାରେ, ବେଲପଡା ଥାନା ମଣ୍ଡଳ ଗାଁର ଜଣେ ଦାଦନ ଦଲାଲ ସର୍ଦାର ନୀରନ ବାଗକୁ ବଇନା ଦେଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ନେଇଥିଲା । ସେଠାରେ ନୀରନ ନିଜ ପରିବାର ସହ ୩ରୁ ୪ ବର୍ଷ ରହିଲା ପରେ କିଛିଦିନ ହେବ ଗାଁକୁ ଫେରିଥିଲେ । ସାଙ୍ଗରେ ୨ ଜଣ ଅଣଓଡିଆ ଲୋକେ ମଧ ଆସିଥିଲେ । ଗାଁରେ ସମସ୍ତେ କିଛିଦିନ ରହିବା ପରେ ଝିଅକୁ ଅଣଓଡ଼ିଆମାନେ ନିଜ ସାଥୀରେ ତିରପୁର ନେଇଯିବାକୁ ଯୋଜନା କରୁଥିବା ଗାଁର କିଛି ଲୋକ ଖବର ପାଇଥିଲେ । ଏହି ଖବର ଗାଁରେ ପ୍ରଚାର ହେବା ପରେ ପୋଲିସ ପାଖରେ ଖବର ପହଂଚିଲା ।ଏହାପରେ ଗାଁରେ ପୁଲିସ ମା’, ବାପା, ଝିଅ ଏବଂ ୨ ଜଣ ଅଣଓଡିଆଙ୍କୁ ଥାନାକୁ ନେଇ ପଚରାଉଚରା କରୁଥିବା ଜଣାପଡିଛି । ଖବର ଲେଖା ହେବା ପର୍ଯ୍ୟନ୍ତ ଥାନାରେ ମାମଲା ରୁଜୁ ହୋଇନଥିବା ବେଳେ ସମସ୍ତଙ୍କୁ ଥାନାରେ ଅଟକ ରଖାଯାଇଥିବା ଜଣାପଡିଛି । ପୁଲିସର କାର୍ଯ୍ୟନୁଷ୍ଠାନକୁ ଅପେକ୍ଷା କରାଯାଇଛି ।

## ସମାଜସେବୀ ସାହେବ ବାରିକଙ୍କ ଅକାଳ ବିୟୋଗରେ ସ୍ମୃତିସଭା

ମାଲକାନଗିରି,୧୫/୦୭ (ନି.ପ୍ର): ମାଲକାନଗିରି ଜିଲ୍ଲା କୁଡୁମୁଲୁଗୁମ୍ମା ସ୍ଥିତ ଡାରଉଇନ୍ ମେମୋରିଆଲ ଉଚ୍ଚ ମାଧମିକ ବିଦ୍ୟାଳୟରେ ସମାଜସେବୀ ସାହେବ ବାରିକଙ୍କ ଅକାଳ ବିୟୋଗରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି । ମହା ବିଦ୍ୟାଳୟର ଅଧକ୍ଷ ଗୌରୀ ଶଙ୍କର ବେହେରା ଏବଂ ଅନୁଷ୍ଠାନର ସମସ୍ତ ଛାତ୍ର ଛାତ୍ରୀ, ଅଧାପକ, ଅଧାପିକା, କର୍ମଚାରୀ ବୃନ୍ଦ ସ୍ୱର୍ଗତ ସାହେବ ବାରିକଙ୍କ ଅକାଳ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା । ଶ୍ରୀ ବାରିକ ଏହି ଅନୁଷ୍ଠାନର ସର୍ବାଙ୍ଗୀନ ଉନ୍ନତି ତଥା ଉଚ୍ଚ ଶିକ୍ଷାର ବିକାଶ ନିମନ୍ତେ ଏହି ଅଂଚଳର ଆଗଧାଡିର ଯୋଦ୍ଧା ଥିଲେ ବୋଲି ଅଧକ୍ଷ ଶ୍ରୀ ବେହେରା ଆଜିର ଏହି ସ୍ମୃତି ସଭାରେ ଉଦବୋଧନ ଦେଇଥିଲେ ।
ଏହି ଅବସରରେ ସ୍ୱର୍ଗତ ସାହେବ ବାରିକଙ୍କ ସ୍ମୃତି ଉଦ୍ୟେଶରେ ପ୍ରତି ବର୍ଷ ଜଣେ ମେଧାବୀ ଛାତ୍ରଛାତ୍ରୀଙ୍କୁ ତାଙ୍କରି ନାମରେ ଏକ ଅର୍ଥରାଶି ପ୍ରଦାନ ନିମନ୍ତେ ବନ୍ଦବୋସ୍ତ କରାଯିବା ପାଇଁ ସ୍ଥିର କରାଯାଇଥିଲା । ସେ ଏହି ମହା ବିଦ୍ୟାଳୟରେ ଦୀର୍ଘଦିନ ଧରି ପରିଚାଳନା କମିଟିର ସମ୍ପାଦକ ଦାୟିତ୍ୱରେ ରହି ୨୦୧୦ ମସିହାରେ ଏ ମହାବିଦ୍ୟାଳୟର ସ୍ଥାପନ କରିଥିଲେ । ଏହି ଅଂଚଳର ଉଚ୍ଚଶିକ୍ଷା ନିମନ୍ତେ ସାହେବ ବାରିକଙ୍କ ଉଦ୍ୟମ ଏବଂ ପ୍ରଚେଷ୍ଟା ଅତୁଳନିୟ । ଏହି ମହା ବିଦ୍ୟାଳୟର ସମସ୍ତ କର୍ମଚାରୀ, ଅଧାପକ, ଅଧାପିକା ଏବଂ ଛାତ୍ରଛାତ୍ରୀ ତାଙ୍କ ଅମର ଆତ୍ମାର ସଦଗତି କାମନା କରିଛନ୍ତି ।

## ଲଘୁଚାପଜନିତ ଲଗାଣ ବର୍ଷା, ପୋଲାଭରମ ପ୍ରକଳ୍ପରୁ ଆସୁଥିବା ପଚ୍ଛୁଆ ଜଳ ପାଇଁ ମୋଟୁରେ ବନ୍ୟା ଆଶଙ୍କା

ମାଲକାନଗିରି,୧୫/୦୭ (ନି.ପ୍ର): ଗୋଦାବରୀ ନଦୀ ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ଏବେ ଓଡ଼ିଶା ପ୍ରତି ବିପଦ ବଢୁଛି । ଆନ୍ଧ୍ରର ବହୁ ଅଂଚଳ ପାଣିରେ ବୁଡ଼ି ସାରିଥିବା ବେଳେ ଏଭଳି ବର୍ଷା ଲାଗି ରହିଲେ ଅତିଶୀଘ୍ର ଓଡ଼ିଶାର ସୀମାନ୍ତ ଅଂଚଳ ମୋଟୁ ବୁଡ଼ିଯିବା ନେଇ ଆଶଙ୍କା ପ୍ରକାଶ ପାଇଛି । ୩ ଦିନ ହେଲା ଆନ୍ଧ୍ରକୁ ଯାତାୟାତ ଠପ୍ ହୋଇ ପଡିଛି । ଅନ୍ୟପକ୍ଷରେ ମାଲକାନଗିରି ଜିଲ୍ଲାରୁ ଆନ୍ଧ୍ରକୁ ଯୋଗାଯୋଗ ସଂପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି । ଓଡ଼ିଶାର ମୋଟୁ ଓ ଆନ୍ଧ୍ର ପ୍ରଦେଶର ଚିନ୍ତୁର ରାସ୍ତା ମଧରେ ଥିବା କୁଇଗୁର ପୋଲ ଉପରେ ଆଜି ବି ୭ ଫୁଟ ଉପରେ ବନ୍ୟାଜଳ ପ୍ରବାହିତ ହେଉଥିବା ଦେଖିବାକୁ ମିଳିଛି । ପୋଲାଭରମ ପ୍ରକଳ୍ପର ଉଚ୍ଚତାକୁ ନେଇ ଓଡ଼ିଶା ବାରମ୍ବାର ବିରୋଧ କରି ଆସୁଥିଲା । କିନ୍ତୁ, ଆନ୍ଧ୍ର ସରକାର ଅଣଦେଖା କରି ଚାଲିବାରୁ ଆଗକୁ ଏହାର ପରିଣାମ ଓଡ଼ିଶା ଭୋଗିବାକୁ ଯାଉଛି । ଗୋଦାବରୀ ନଦୀରେ ବନ୍ୟାଜଳ ପଶିବାରୁ ଅସ୍ୱାଭାବିକ ଭାବେ ନଦୀର ଜଳ ସ୍ତର ବୃଦ୍ଧିପାଇବାରୁ ଆନ୍ଧ୍ର ସରକାର ପୋଲଭରମ ପ୍ରକଳ୍ପର ଗେଟ୍ ଖୋଲିବାକୁ ବାଧ ହୋଇଥିଲେ । ତଥାପି ଠିକ୍ ରୂପେ ଜଳ ନିଷ୍କାସନ ହୋଇପାରୁନି । ଯାହାଫଳରେ ପୋଲଭରମ ପ୍ରକଳ୍ପ ନିକଟସ୍ଥ ତଳିଆ ଅଂଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ପୋଲାଭରମର ପଚ୍ଛୁଆ ପାଣି ଆନ୍ଧ୍ରର ଅନେକ ଅଂଚଳକୁ ବୁଡ଼ାଇଥିବା ଦେଖିବାକୁ ମିଳିଛି । ଭଦ୍ରାଚଂଳମ, କୁନାଭରମ, ଭିଆରପୁରମ, ବୁର୍ଗୁମୁପାଡୁ, ଦୁମୁଗୁଡ଼ମ, ଏଟାପାକା, ଚିନ୍ତୁର ଅଂଚଳର ଅଧିକାଂଶ ଗ୍ରାମ ଏବେ ପାଣି ଘେରରେ ରହିଥିବା ଜଣାପଡ଼ିଛି । ଏମିତି ସ୍ଥିତିରେ ଆନ୍ଧ୍ର ସରକାର ତଳିଆ ଅଂଚଳରେ ରହୁଥିବା ଲୋକଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ନେବା ଆରମ୍ଭ କରିଛି । ବହୁ ଗାଁ ଖାଲି ହୋଇସାରିଲାଣି । ଯଦି ଆହୁରି କିଛି ଘଂଟା ଲଗାଣ ବର୍ଷା ହେବ ତେବେ ଓଡ଼ିଶାର ମୋଟୁ ଅଂଚଳ ମଧ ସଂପୂର୍ଣ୍ଣ ବୁଡ଼ି ଯିବ ବୋଲି କୁହାଯାଉଛି । କାରଣ ମୋଟୁର ଗୋଟିଏ ପାର୍ଶ୍ୱରେ ସିଲେରୁ ଓ ଅନ୍ୟ ପାର୍ଶ୍ୱରେ ସାବେରୀ ନଦୀ ପ୍ରବାହିତ ହେଉଛି । ଉଭୟ ନଦୀର ପାଣି ଚିନାଗୋଦାବରୀ ନଦୀରେ ପଶୁଛି । ଚିନାଗୋଦାବରୀ ନଦୀର ପାଣି ସିଧାସଳଖ ଗୋଦାବରୀ ନଦୀରେ ମିଶୁଛି । ଗୋଦାବରୀ ନଦୀରେ ଆନ୍ଧ୍ର ସରକାର ପୋଲାଭରମ ପ୍ରକଳ୍ପ ନିର୍ମାଣ କରିଥିବାରୁ ଏହାର ପ୍ରଭାବ ପଡ଼ିବ ବୋଲି ବିଶେଷଜ୍ଞ କହିଛନ୍ତି । ଯାହାର ପ୍ରମାଣ ବି ଗତବର୍ଷ ଦେଖିବାକୁ ମିଳିଥିଲା । ପୋଲାଭରମ ପ୍ରକଳ୍ପରେ ଜଳ ନିଷ୍କାସନ ଠିକ୍ ରୂପେ ନ ହେଲେ ସିଲେରୁ ଓ ସାବେରୀ ନଦୀରେ ପଶୁଥିବା ବନ୍ୟାଜଳ ନିଷ୍କାସନ ନ ହୋଇ ଏହି ଅଂଚଳକୁ ବୁଡ଼ାଇବ । ବର୍ତମାନ ଏମିତି ପରିସ୍ଥିତି ସୃଷ୍ଟି ହୋଇସାରିଥିବା ଦେଖିବାକୁ ମିଳିଛି । ଉପର ମୁଣ୍ଡରେ ବର୍ଷା ଲାଗି ରହିଲେ ଆଗାମୀ କିଛି ଘଂଟା ମଧରେ ମାଲକାନଗିରି ଜିଲ୍ଲାର ମୋଟୁରେ ବଡ଼ଧରଣର ବନ୍ୟା ହେବାର ସମ୍ଭାବନା ରହିଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ପରିସ୍ଥିତିର ସମୀକ୍ଷା କରି ସତର୍କ ନଜର ରଖିବାକୁ ସ୍ଥାନୀୟ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି ।

## ତୈଳିକ ବୈଶ୍ୟ ସମାଜ ପକ୍ଷରୁ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ

ବଲାଙ୍ଗିର ,୧୫/୦୭ (ନି.ପ୍ର): ସ୍ଥାନୀୟ ରେଳ ଷ୍ଟେସନ ନିକଟସ୍ଥ ହରି ଭବନଠାରେ ବଲାଙ୍ଗିର ଜିଲ୍ଲା ତୈଳିକ ବୈଶ୍ୟ ସମାଜ ପକ୍ଷରୁ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ଉମାକାନ୍ତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ସାଧାରଣ ସଂପାଦକ ପ୍ରଦୀପ କୁମାର ସାହୁ, ନଗର ସଭାପତି ରେବତୀକାନ୍ତ ସାହୁ ମଂଚାସୀନ ଥିବା ବେଳେ ମଂଚ ପରିଚାଳନା କରିଥିଲେ ପ୍ରସନ୍ନ ସାହୁ । ଏହି ଅବସରରେ ବଲାଙ୍ଗିର ପୌର ପରିଷଦ ଅଧକ୍ଷା ଶ୍ରୀମତୀ ଲିକା ସାହୁ, ଦେଓଗାଁ ବ୍ଲକ ଅନ୍ତର୍ଗତ ମକୁନ୍ଦପୁର ଗ୍ରାମ ପଞ୍ଚାୟତ ସରପଞ୍ଚ ଶ୍ରୀମତୀ ଜାନକୀ ସାହୁ, ବଲାଙ୍ଗିର ବ୍ଲକ ଅନ୍ତର୍ଗତ ବରକାନୀ ଗ୍ରାମ ପଞ୍ଚାୟତ ସରପଞ୍ଚ ବଳଦେବ ସାହୁ, ଲୋଇସିଂହା ବ୍ଲକ ଅନ୍ତର୍ଗତ ବାଦୀମୁଣ୍ଡା ଗ୍ରାମ ପଞ୍ଚାୟତ ସରପଞ୍ଚ କିରଣ ସାହୁ, ତୁଷୁରା ଏନ୍ଏସି କାଉନ୍ସିଲର ଶ୍ରୀମତୀ ସୁଷମା ସାହୁ, ଲରମ୍ଭା ସମିତି ସଭ୍ୟ ପ୍ରବୋଧ କୁମାର ସାହୁ, ଖୁଜେନପାଲି ସମିତି ସଭ୍ୟା ଶ୍ରୀମତୀ ସୂର୍ଯ୍ୟକାନ୍ତୀ ସାହୁ, ସାଲେପାଲି ସମିତି ସଭ୍ୟା ଶ୍ରୀମତୀ ଗାୟତ୍ରୀ ସାହୁ, ବାଦୀମୁଣ୍ଡା ସମିତି ସଭ୍ୟା ଶ୍ରୀମତୀ ସୁକାନ୍ତୀ ସାହୁଙ୍କ ସମେତ ସ୍ୱର୍ଗତ ରଣଜିତ ସାହୁଙ୍କ ଧର୍ମପତ୍ନୀ ଶ୍ରୀମତୀ ଅଂଜନା ସାହୁ ଏବଂ ବଲାଙ୍ଗିର ହାଉସିଂ ବୋର୍ଡ ଉପସଭାପତି କଲ୍ୟାଣୀ ସାହୁଙ୍କୁ ବଲାଙ୍ଗିର ଜିଲ୍ଲା ତୈଳିକ ବୈଶ୍ୟ ସମାଜ ପକ୍ଷରୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । କଂସ ଭୂମିକାରେ ଅଭିନୟ କରି ସାରା ଓଡ଼ିଶାରେ ବିଶେଷ ସୁନାମ ଅର୍ଜନ କରିଥିବା ବିଶିଷ୍ଟ କଳାକାର ରବିନ୍ଦ୍ର କୁମାର ସାହୁ ଏହି ସମାରୋହରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ସମାରୋହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଦିଲୀପ କୁମାର ସାହୁ । ଏହି ସଭାରୋହ ଆୟୋଜନରେ ମହେନ୍ଦ୍ର କୁମାର ସାହୁ, ଫକୀର ସାହୁ, କୃଷ୍ଣ ବିହାରୀ ସାହୁ, ଧ୍ରୁବ ସାହୁ, ପ୍ରମୋଦ ସାହୁ, ସୁଦାମ ସାହୁ, ଆନନ୍ଦ ସାହୁ, ଅନୁପ କୁମାର ସାହୁ, ଫିରୋଜ କୁମାର ସାହୁ, ଅଙ୍ଗିରା ସାହୁ, ସୌକିଲାଲ ସାହୁ, ପାଟଣାଗଡ଼ ବ୍ଲକ ସଭାପତି ରାଜକିଶୋର ସାହୁ, ଆଗଲପୁର ବ୍ଲକ ସଭାପତି ନିରଂଜନ ସାହୁ, ଗୌରୀ ସାହୁ, ସବିତା ସାହୁ, ମହେଶ୍ୱତା ସାହୁ, ସ୍ୱିଟି ସାହୁ ତଥା ଅନ୍ୟ ସମାଜର ସଦସ୍ୟମାନେ ବିଶେଷ ସହ ଯୋଗ କରିଥିଲେ ।

## ଡୁମୁଡିବନ୍ଧ ତହସିଲଦାର ପଟ୍ଟା ବାଂଟିଲେ

କନ୍ଧମାଳ,୧୫/୦୭ (ନି.ପ୍ର): କନ୍ଧମାଳ ଜିଲ୍ଲା ଦୁର୍ଗମ ତଥା ମାଓ ଇଲାକା ଭାବେ ପରିଚିତ ଡୁମୁଡିବନ୍ଧ ତହସିଲଦାର ଅନୁରାଧା ମଲ୍ଲିକ ସରକାରଙ୍କ ନିର୍ଦ୍ଦେଶ ପ୍ରକାରେ ବ୍ଲକ ଅଂଚଳରେ ଥିବା ସମସ୍ତ ଶିକ୍ଷାନୁଷ୍ଠାନ ଗୁଡିକର ପଟ୍ଟା ପ୍ରଦାନ କରିଛନ୍ତି । ପୂର୍ବରୁ ବର୍ଷବର୍ଷ ଧରି ସରକାରି ସ୍କୁଲ ଗୁଡିକ ଚଳୁଥିଲେ ବି ସେମାନଙ୍କ ନିଜସ୍ୱ ପଟ୍ଟା ନଥିଲା । ଫଳରେ ବିଭିନ୍ନ ସମୟରେ ଖାଲି ପଡିଥିବା ଜମିକୁ ଲୋକେ ଜବରଦଖଲ କରୁଥିଲେ । ବର୍ତମାନ ଜମିପଟ୍ଟା ପାଇବା ପରେ ସ୍କୁଲ କର୍ତୃପକ୍ଷ ଓ ସ୍କୁଲ ପରିଚାଳନା କମିଟୀ ବେଶ ଖୁସି ବ୍ୟକ୍ତ କରିଛନ୍ତି ।
ସେହିପରି ତହସିଲଦାର ଅନୁରାଧା ବନ୍ୟା, ବାତ୍ୟା, ଘରପୋଡି, ଦୁର୍ଘଟଣା ଆଦି ସମୟରେ ଖବର ପାଇବା ମାତ୍ରେ ଘଟଣାସ୍ଥଳରେ ପହଂଚି ଯଥା ସମ୍ଭବ ସରକାରି ସହାୟତା ଯୋଗାଇ ଦେଇଥାନ୍ତି ।
କେବଳ ସେତିକି ନୁହେଁ ବେଆଇନ ଭାବେ ସରକାରୀ ଜାଗା ଜବରଦଖଲ କରିଥିବା ଜବରଦଖଲକାରିଙ୍କୁ ଉଚ୍ଛେଦ କରି ସରକାରୀ ଖାତାକୁ ଜମି ଫେରାଇ ଆଣି ସାହାସୀକତାର ପରିଚୟ ଦେଖାଇଛନ୍ତି ।

## ମାଲକାନଗିରି ମହାବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ ସଭାପତିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ମାଲକାନଗିରି,୧୫/୦୭ (ନି.ପ୍ର): ମାଲକାନଗିରି ମହାବିଦ୍ୟାଳୟ ଅଧକ୍ଷଙ୍କ ପ୍ରକୋଷ୍ଟରେ ମହାବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ ସଭାପତି ଅତିରିକ୍ତ ଜିଲ୍ଲାପାଳ ବୀରସେନ ପ୍ରଧାନଙ୍କୁ ବିଦାୟୀକାଳନ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି ସଭାରେ ଅଧକ୍ଷ ଅଶୋକ କୁମାର ଷଡଙ୍ଗୀ ସଭାପତିତ୍ୱ କରି ବିରସେନଙ୍କ କାର୍ଯ୍ୟଶୈଳୀକୁ ପ୍ରଶଂସା କରିବା ସହିତ ମହାବିଦ୍ୟାଳୟ ପ୍ରତି ଥିବା ତାଙ୍କର ଅବଦାନ ଉପରେ ଆଲୋକପାତ କରିଥିଲେ । ସଭାକୁ ଅଧାପକ ଡ଼ଃ. ରଞ୍ଜନ କୁମାର ସ୍ୱାଇଁ ପରିଚାଳନା କରିଥିଲେ । ପୂର୍ବତନ ସଭାପତି ବୀରସେନ ପ୍ରଧାନଙ୍କୁ ଉପଢୌକନ ଓ ଉତରୀୟ ଦେଇ ସମ୍ମାନିତ କରି ବିଦାୟ ଜଣାଇଥିଲେ । ଶ୍ରୀ ପ୍ରଧାନ ତାଙ୍କ ଅଭିଭାଷଣରେ ମହାବିଦ୍ୟାଳୟର ଉତରୋତର ମଙ୍ଗଳ କାମନା କରିଥିଲେ । ସେ ପ୍ରାୟ ଦୀର୍ଘ ୨ ବର୍ଷରୁ ଅଧିକ ସମୟ ଧରି ମାଲକାନଗିରି ମହାବିଦ୍ୟାଳୟ ପରିଚାଳନା କମିଟିର ଦାୟିତ୍ୱ ସଫଳ ଭାବେ ତୁଲାଇଥିଲେ । ସଭାରେ ମହାବିଦ୍ୟାଳୟର ବରିଷ୍ଠ ପ୍ରାଧାପକ ଲିଙ୍ଗରାଜ ମିଶ୍ର, ଅଧାପିକା ନମିତା ଦଣ୍ଡସେନା, ପ୍ରେମରେଖା ଭୋତ୍ରା, ଗୌତମ ନାୟକ, ଜିମୂତ ନାୟକ, ପ୍ରମୀୟ କୁମାର ମହାନ୍ତି, ଲିପସାରାଣୀ ନାୟକଙ୍କ ସମସ୍ତ ଅଧାପକ ଅଧାପିକା ଓ ଅଣଶିକ୍ଷକ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ । ସଭାଶେଷରେ ଅଧାପକ ଗୌତମ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ବଲାଙ୍ଗିରରେ ପୁଣି ଥରେ ଫେରିଛି ମାସ୍କ ଓ ଅନ୍ୟ କଟକଣା

ବଲାଙ୍ଗିର,୧୫/୦୭ (ନି.ପ୍ର): ବଢୁଥିବା କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ବଲାଙ୍ଗିର ସହରକୁ ପୁଣି ଥରେ ଫେରିଛି ମାସ୍କ ଓ ଅନ୍ୟ କଟକଣା । ଯଦିଓ ପୂର୍ବରୁ ମାସ୍କ ପିନ୍ଧିବାକୁ କୁହାଯାଉଥିଲା କିନ୍ତୁ ଏବେ ଏହାକୁ ବାଧ୍ୟତାମୂଳକ କରାଯାଇଛି । ଏନେଇ ପ୍ରଚାର ଗାଡ଼ି ମାଧ୍ୟମରେ ପୌର ଅଧିକାରୀ ସରକାର ଜାରି କରିଥିବା ନିୟମ ପାଳନ ପାଇଁ ଅନୁରୋଧ କରିଛନ୍ତି । ଏକ ଗାଇଡଲାଇନ୍ ଜାରି କରିଛି ବଲାଙ୍ଗିର ପୌରପରିଷଦ । ଦୋକାନ ବଜାରରେ ସାମାଜିକ ଦୂରତା ସହ ଦୂରତ୍ୱ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ରାସ୍ତାକଡ଼ ଦୋକାନରେ ଯେଭଳି ଲୋକଙ୍କ ଭିଡ ନହୁଏ ସେଥିପ୍ରତି ଧ୍ୟାନ ଦେବାକୁ କୁହାଯାଇଛି । ଏହାସହ ବଡ଼ ବଡ଼ ହୋଟେଲ ଓ ସପିଂ ମଲରେ କର୍ମଚାରୀ ସହ ଗ୍ରାହକଙ୍କୁ ମାସ୍କ ପିନ୍ଧିବାକୁ ବାଧ୍ୟତାମୂଳକ କରାଯାଇଥିବା ବେଳେ ନିଜ ସୁବିଧାରେ ପାଳନ କରିବାକୁ କୁହାଯାଇଛି । ରାସ୍ତା ରେ ଭିଡ ଅଯଥାଭିଡ ନକରିବା କୁକୁହାଯାଇଛି । ଥଣ୍ଡା ସର୍ଦ୍ଦି ଖାସ ଜ୍ୱର ହେଲେ ତୁରନ୍ତ ନିକଟସ୍ଥ ଡାକ୍ତରଖାନା ରେ ପରାମର୍ଶ ସହିତ ଔଷଧ ସେବନ କରିବାକୁ କୁହାଯାଇଛି । ଏହାସହ ବଲାଙ୍ଗିର ମୁନିସିପାଲଟି ଅଞ୍ଚଳରେ ଥିବା କିମ୍ବା ଏଠାକୁ ଆସୁଥିବା ଲୋକ ନିୟମିତ ମାସ୍କ ପିନ୍ଧିବାକୁ ବାଧ କରାଯାଇଛି । ନଚେତ କୋଭିଡ୍ ଗାଇଡ୍‌ଲାଇନ୍ ଉଲଂଘନ ପାଇଁ ଦଣ୍ଡିତ କରାଯିବ ବୋଲି ଘୋଷଣା କରାଯାଇଛି ।

## ଡାକ୍ତର ଦୀନବନ୍ଧୁ ମହାନନ୍ଦଙ୍କୁ ମାଡ଼ ଘଟଣାକୁ ନେଇ କର୍ମଚାରୀଙ୍କ ଆନ୍ଦୋଳନ

ନୂଆପଡ଼ା,୧୫/୦୭ (ନି.ପ୍ର): ନୂଆପଡା ଜିଲ୍ଲା ଖଡ଼ିଆଲ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ଇନଚାର୍ଜ ଡାକ୍ତର ଦିନବନ୍ଧୁ ମହାନନ୍ଦଙ୍କୁ ମାଡ଼ ଘଟଣାକୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଏହି ଆନ୍ଦୋଳନରେ ସମସ୍ତ ଜରୁରୀ କାମକୁ ସହଯୋଗ କରୁଥିବା ବେଳେ ବାକି କାମ ନ କରି ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଏହି ଆନ୍ଦୋଳନରେ ଇନଚାର୍ଜ ଡ଼ାକ୍ତର ମହାନନ୍ଦ, ବରିଷ୍ଠ ଡାକ୍ତର ଭୁବନେଶ୍ୱର ମିଶ୍ର, ଡାକ୍ତର ରଞ୍ଜିତ ରାଉତ, ଡାକ୍ତର ମହେନ୍ଦ୍ର ମାଝୀ, ଡାକ୍ତର ବିଷ୍ଣୁ ନାଏକ, ଡକ୍ଟର ଆଇସା ଦାସ, ଡାକ୍ତର ଆସ୍ମା ନାଏକ, ଡାକ୍ତର ଚିତରଞ୍ଜନ ବିଶ୍ୱାଳ, ଡାକ୍ତର ପ୍ରବୀଣ କୁମାର ମେହେର, ଡାକ୍ତର ଦେବାଶିଷ ସିଂ, ଡାକ୍ତର ସୂର୍ଯ୍ୟଲଗ୍ନା ନାଏକ, ଡାକ୍ତର ସୁଭସ୍ମିତା ମେହେର, ଆୟୁଷ ଡାକ୍ତର ଅନ୍ନଦା ଶଙ୍କର ଦାସ, ସଂଘମିତ୍ରା ବାବୁ, ଫାର୍ମାସିଷ୍ଟ କୃଷ୍ଣଚନ୍ଦ୍ର ରଥ, ଅନୁପ ଭୂଷଣ, ଏଲଏଚଭି ଜ୍ୟୋତିର୍ମୟୀ ସେନାପତି, ଏନସିଡି କାଉନସିଲର ରାଣୀ ଠାକୁରଙ୍କ ସମେତ ଏସଡିଏଚର ସମସ୍ତ ଷ୍ଟାଫ ନର୍ସ ଏଏନଏମ, ଲାବ୍ରୋଟାରୀ ଟେକନିକ ସିଆନଙ୍କ ସମେତ ସିକ୍ୟୁରିଟି ଗାର୍ଡ, ସଫେଇ କର୍ମଚାରୀ ମାନେ ସାମିଲ ହୋଇଥିଲେ । ସୂଚନା ଥାଉକି, ଏହି ଆନ୍ଦୋଳନରେ ଡାକ୍ତର ସମେତ ସମସ୍ତ ସ୍ୱାସ୍ଥ୍ୟ କର୍ମଚାରୀ ମାନଙ୍କୁ ପୋଲିସ ସୁରକ୍ଷା, ଡାକ୍ତରଙ୍କୁ ମାଡ଼ ମାରିଥିବା ଅଭିଯୁକ୍ତଙ୍କୁ କଠୋର କାର୍ଯ୍ୟନୁଷ୍ଠାନ, ଚିକିତ୍ସାଳୟରେ ପୋଲିସ ଫାଣ୍ଡିର ବ୍ୟବସ୍ଥା କରିବା ପାଇଁ ଦାବି କରିଛନ୍ତି । ଏହି ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଚିକିତ୍ସାଳୟର ସମସ୍ତ କର୍ମଚାରୀ କହିଛନ୍ତି ।

## ପ୍ରତିଶ୍ରୁତି ପାଳନ କଲେ ସରପଂଚ : ୩ଟି ବିଦ୍ୟାଳୟକୁ ଆରଓ ପ୍ରଦାନ କଲେ

ବଲାଙ୍ଗିର,୧୫/୦୭ (ନି.ପ୍ର): ମୁରିବାହାଲ ବ୍ଲକ ଇଚ୍ଛାପଡା ପଚାଂୟତ ସରପଂଚ ଶ୍ରୀମତୀ ସୁବାସିନୀ ବେହେରା ନିଜସ୍ୱ ପାଣ୍ଠିରୁ ପ୍ରଥମ ଦିନରେ ୩ ବିଦ୍ୟାଳୟକୁ ଆରୋ ପ୍ରଦାନ କରିଛନ୍ତି । ଇଚ୍ଛାପଡା ପଚାଂୟତରେ ପ୍ରଥମ ଦିନରେ ୩ ଗୋଟି ବିଦ୍ୟାଳୟରେ ଅନ୍ତର୍ଲା, କତରଲଗା, ବଗୁଆବାହାଲରେ ସରପଂଚ ଶ୍ରୀମତୀ ବେହେରା ଆରୋ ପ୍ରଦାନ କରିଥିଲେ । ଏହି ଅବସରରେ ଅନ୍ତର୍ଲା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଆରତୀ ସିଂ ବରିହା, ସହକାରୀ ଶିକ୍ଷକ ଶଶୀଭୂଷଣ ବେହେରା, ଶିକ୍ଷକ ଶୁଭରାଜ ବଗର୍ତା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମନୋଜ ବାଗ, ଅଙ୍ଗନବାଡି ୱାର୍କର ଡମେନ ଭୋଇ, ଆଶା ପୁଷ୍ପରେଣୁ ବେହେରା, ମେମ୍ବର ଶାନ୍ତ ବଗର୍ତା, ସୁତାର ବାଗ, ଯୋଗେଶ୍ୱର ସୁନାନୀ ପ୍ରମୁଖ ଉପସ୍ଥିତ ଥିଲେ । କତରଲଗା ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଜଗମୋହନ ରାଉତ, ଶିକ୍ଷୟତ୍ରୀ ଝୁମକି ରାଣୀ ମଲ୍ଲିକ, ଶିବାନୀ ବାଗ, ଶୁଶାନ୍ତ ରାଉତ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ହର୍ଷ ନାଗ, ଅଙ୍ଗନବାଡି ମଇଥଳି ନାଗ, ମେମ୍ବର ସରୋଜିନୀ ବାଗ, ଛନକା ବାଗ ଅକ ନାଗ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ବଗୁଆବାହାଲ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନନ୍ଦିକିଶୋର ବୁଢ଼େକ, ସହକାରୀ ଶିକ୍ଷକ ପ୍ରମୋଦ ସୁନା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସନ୍ତୋଷ ନାଗ, ଅଙ୍ଗନବାଡି ବନିତା ବିଭାର, ମେମ୍ବର ଭୀମରାଜ ବେଂଟକାର, ରାଧାକାନ୍ତ ଭୁଏ, ଲିଙ୍ଗରାଜ ନାଗ, ଜୟରାମ ଭୋଇ, ଦେବେନ୍ଦ୍ର ନିଆଲ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ଗୁପ୍‌ଚୁପ୍ ଖାଉଥିଲେ ସତର୍କତା ପାଳନ୍ତୁ



ଭାରତର ଯେକୌଣସି ସହରକୁ ଯାଆନ୍ତୁ ନା କାହିଁକି ଆପଣ ସେଠାରେ ଗୁପ୍‌ଚୁପ୍ ଠେଲାଗାଡ଼ି ପାଖରେ ଉଭୟ ପୁରୁଷ ଏବଂ ମହିଳାଙ୍କ ଭିଡ଼ ଦେଖିବେ । ଖଟା, ମିଠା ଏବଂ ରାଗର ସ୍ୱାଦ ଥିବା ଗୁପ୍‌ଚୁପ୍‌ର ମଜା ବେଶୀ ଯୁବପିଢ଼ି ଉଠାଇଥାନ୍ତି । ହେଲେ ଆପଣ ଜାଣନ୍ତି କି ! ଗୁପ୍‌ଚୁପ୍ ଖାଇଥିବା ସମୟରେ ଅସାବଧାନତା ଫଳରେ ଗୁପ୍‌ଚୁପ୍‌ର ରାଗ ପାଣି ଆମ ମୁଣ୍ଡକୁ ଉଠିଯାଇଥାଏ । ଯାହା ଫଳରେ କାଶ ହେବା ସହ ନିଃଶ୍ୱାସ ପ୍ରଶ୍ୱାସ ନେବାରେ ଅସୁବିଧା ଦେଖାଯାଇଥାଏ । ଏହି କାରଣରୁ ବ୍ୟକ୍ତିଙ୍କ ହୃଦ୍‌ଘାତ ମଧ୍ୟ ହୋଇପାରେ । ତେଣୁ ଗୁପ୍‌ଚୁପ୍ ଖାଇବା ସମୟରେ ତରତର ନହୋଇ ଧୀରେ ଧୀରେ ଗୁପ୍‌ଚୁପ୍ ଚୋବାଇ ଖାଆନ୍ତୁ । କେତେକ ଲୋକ ଥାଆନ୍ତି, ଗୁପ୍‌ଚୁପ୍ ପାଣି ବାରମ୍ବାର ମଗାଇ ପିଇଥାନ୍ତି । ଏହି କାରଣରୁ ପେଟ ଯନ୍ତ୍ରଣା, ବାନ୍ତି କିମ୍ବା ତରଳ ଝାଡ଼ା ହୋଇଥାଏ । ତରତର ହୋଇ ଗୁପ୍‌ଚୁପ୍ ଖାଇଲେ ଖାଦ୍ୟନଳୀ ଉପରେ କୁପ୍ରଭାବ ପଡ଼ିଥାଏ । ଏଥିରୁ ଖାଦ୍ୟନଳୀ ସଂକ୍ରମଣ ହେବାର ଆଶଙ୍କା ଉଦ୍‌ଭୟ ରହିଥାଏ । ତେଣୁ ଗୁପ୍‌ଚୁପ୍ ଖାଇବା ସମୟରେ କଥା ନକହି ଧୀରେ ଧୀରେ ଖାଆନ୍ତୁ ।

## ମୋବାଇଲ ନମ୍ବରରୁ ଜାଣନ୍ତୁ ବ୍ୟକ୍ତିତ୍ୱ

**ମୋବାଇଲ ନମ୍ବରରେ ୧୦ଟାରୁ ୯ପର୍ଯ୍ୟନ୍ତ ଅଙ୍କର ଉପସ୍ଥିତି ଓ ଅନୁପସ୍ଥିତି ଆମ ଜୀବନ, ସ୍ୱାଭାବ ଓ ବ୍ୟକ୍ତିତ୍ୱକୁ ପ୍ରଭାବିତ କରିଥାଏ । କେଉଁ ଅଙ୍କ ସକାରାତ୍ମକ ଓ କେଉଁ ଅଙ୍କ ନକାରାତ୍ମକ ପ୍ରଭାବ ପକାଇଥାଏ ସେ ନେଇ ଜାଣିବାର ଆଗ୍ରହ ମନ ମଧ୍ୟରେ ଜାଗି ଉଠିବଣି । ତାହେଲେ ଏ ସମ୍ପର୍କରେ ଜଣାଶୁଣା ନ୍ୟୁମରୋଲୋଜିଷ୍ଟ ଶ୍ୱେତା ଜୁମାନି କଣ କୁହନ୍ତି ଆସନ୍ତୁ ଜାଣିବା ।**

*ନମ୍ବର ୧:* ନେତୃତ୍ୱକୁ ଦର୍ଶାଏ ୧ ୧ଅଙ୍କ । ଯେଉଁମାନଙ୍କର ମୋବାଇଲ ନମ୍ବରରେ ଏହି ଅଙ୍କ ରହିଛି ସେମାନଙ୍କର ନେତୃତ୍ୱ ନେବାର ଗୁଣ ରହିଛି ଓ ସେମାନେ ଜୀବନରେ ବହୁତ ଅଗ୍ରଗତି କରିଥାନ୍ତି । ଯଦି କାହାର ମୋବାଇଲ ନମ୍ବରରେ ୧ଅଙ୍କ ନଥାଏ, ତାହେଲେ ଏହି ଲୋକଙ୍କର ନେତୃତ୍ୱ ନେବାର କ୍ଷମତା କମ ବୋଲି ଧରିବାକୁ ହେବ । ଯାହାଙ୍କ ନମ୍ବରରେ ୧ଅଙ୍କ ବାରମ୍ବାର ଆସିଥାଏ ସେମାନେ ସ୍ୱାର୍ଥକୈନ୍ଦ୍ରିତ ଅର୍ଥାତ ସ୍ୱାର୍ଥୀ ହୋଇଥାନ୍ତି । ସେମାନେ କେବଳ ନିଜ ସମ୍ପର୍କରେ ଚିନ୍ତା କରିଥାନ୍ତି ।

*ନମ୍ବର ୨-* ଏହି ଅଙ୍କ ସମ୍ପର୍କ, ସମ୍ବେଦନଶୀଳତା, ଭାବୁକତା ଓ ସୃଜନାତ୍ମକତାକୁ ବ୍ୟକ୍ତ କରିଥାଏ । ମୋବାଇଲ ନମ୍ବରରେ ୨ଅଙ୍କର ଉପସ୍ଥିତି ଜଣାଇଦିଏ ଏହି ଲୋକ ଜଣକ ସମ୍ବେଦନଶୀଳ ଓ ଭାବୁକ ପ୍ରକୃତିର । ସେମାନେ ସମ୍ପର୍କକୁ ଜୀବନ୍ତ ରଖିବାରେ ବିଶ୍ୱାସ କରନ୍ତି । ଯାହାଙ୍କର ମୋବାଇଲ ନମ୍ବରରେ ୨ଅଙ୍କ ନଥାଏ, ସେ ନିଜ ପରିବାର ଅନ୍ୟ ସମ୍ପର୍କ ପ୍ରତି ସମ୍ବେଦନଶୀଳ ହୋଇନଥାଏ । ଯାହାଙ୍କ ୨ଅଙ୍କ ବାରମ୍ବାର ଆସିଥାଏ ସେ ଜୀବନରେ ସମ୍ପର୍କକୁ ଅଧିକ ଗୁରୁତ୍ୱଦେବା ସହିତ ବଂଧୁ ଓ ସମ୍ପର୍କୀୟଙ୍କ ଠାରୁ ବହୁତ କିଛି ଆଶା କରିଥାନ୍ତି । ଆଶା ପୂରଣ ନହେଲେ ସମ୍ପର୍କକୁ ଅଣଦେଖା କରିଥାନ୍ତି । ଏଣୁ ସମ୍ପର୍କରେ ସମତା ରକ୍ଷା କରିବା ଜରୁରୀ ।

*ନମ୍ବର-୩:* ଏହି ଅଙ୍କ ଆର୍ଥିକ ସମ୍ପନ୍ନତାକୁ ଦଶାଏ । ଯାହା ସେଲଫରେ ୩ ଅଙ୍କ ଥାଏ ତାର ଆର୍ଥିକ ସ୍ଥିତି ମଜବୁତ ହୋଇଥାଏ । ସ୍ମରଣଶକ୍ତି ଶକ୍ତିଶାଳୀ ହେବା ସହିତ ଜନସମ୍ପର୍କରେ ଆଗୁଆ ଥାନ୍ତି । ଅନ୍ୟ ସହିତ ସମ୍ପର୍କ ଯୋଡ଼ିବାରେ ଏମାନଙ୍କୁ ବେଶି ସମୟ ଲାଗେନାହିଁ । ୩ ଅଙ୍କ ବାରମ୍ବାର ଆସୁଥିବା ବ୍ୟକ୍ତି ସର୍ବଦା ଅର୍ଥ ପଛରେ ଗୋଡ଼ାଇଥାଏ । ସ୍ୱାଭାବରେ ସେମାନେ କଂଜୁସ୍ ହୋଇଥାନ୍ତି । ୩ ଅଙ୍କ ନଥିବା ମୋବାଇଲଧାରୀଙ୍କ ଆର୍ଥିକ ଅବସ୍ଥା ଭଲ ନଥାଏ ।

*ନମ୍ବର-୪:* ଅଙ୍କ ୪ ଅନୁଶାସନ ଓ ମେହନତକୁ ଦର୍ଶାଏ । ଯେଉଁମାନଙ୍କ ସେଇ ନମ୍ବରରେ ୪ଅଙ୍କ ରହିଛି ସେମାନେ ପରିଶ୍ରମୀ, ସଂଗଠିତ ଓ ଶୃଙ୍ଖଳିତ ହୋଇଥାନ୍ତି । ନିଜ ଲକ୍ଷ୍ୟ ପ୍ରତି ପୂର୍ଣ୍ଣ ସମର୍ପିତ ଓ ଏକାଗ୍ରଚିତ୍ତ ହୋଇଥାନ୍ତି । ସେଲଫରେ ୪ଅଙ୍କ ନଥିବା ବ୍ୟକ୍ତି ଆଳସ୍ୟପରାୟଣ ଓ ବେଖାତିର ସ୍ୱାଭାବର ହୋଇଥାନ୍ତି । ଯେଉଁମାନଙ୍କ ସେଲଫରେ ୪ଅଙ୍କ ବାରମ୍ବାର ଆସିଥାଏ ସେମାନେ ଅନ୍ୟମାନଙ୍କୁ ସର୍ବଦା ଭୁଲ ବୁଝିଥାନ୍ତି । ସେମାନେ ସୌଖୀନ ସ୍ୱାଭାବର ଓ ଯୁକ୍ତି କରିବାକୁ ଭଲ ପାଇଥାନ୍ତି ।

*ନମ୍ବର-୫:* ଯେଉଁମାନଙ୍କ ମୋବାଇଲ ନମ୍ବରରେ ୫ ଅଙ୍କ ଥାଏ ।ସେମାନଙ୍କ ଜୀବନ ସନ୍ତୁଳିତ ଓ ସ୍ଥିର ହୋଇଥାଏ । ଏମାନଙ୍କର ପ୍ରକାଶ ଓ ଯୋଗାଯୋଗ କ୍ଷମତା ଅଧିକ । ସ୍ୱାଭାବରେ ଏମାନେ ଚଞ୍ଚଳ ହୋଇଥାନ୍ତି । ଲୋକମାନଙ୍କୁ ନିଜର କରି ଜାଣନ୍ତି । ଯାହାଙ୍କ ନମ୍ବରରେ ୪ଅଙ୍କ ବାରମ୍ବାର ଆସିଥାଏ ସେମାନେ କୌଣସି କାମକୁ ଅଧିକ ସମୟ କରିପାରନ୍ତି ନାହିଁ । ଯଦିବା କରନ୍ତି ତାହେଲେ ଅଧାରୁ ଛାଡ଼ି ଦିଅନ୍ତି । ସେମାନଙ୍କ ଏକାଗ୍ରତାର ଅଭାବ ଥାଏ ।

*ନମ୍ବର-୬:* ଏହି ଅଙ୍କ ଥିବା ବ୍ୟକ୍ତି ସୌଭାଗ୍ୟଶାଳୀ, ଅବସରବାଦୀ ଓ ରସିକ ସ୍ୱାଭାବର ହୋଇଥାନ୍ତି । ପରିଶ୍ରମରୁ ଭରପୂର ଲାଭ ଉଠାଇ ନିଜ ଯୋଗ୍ୟତା ମାପିଥାନ୍ତି । ସମାଜରେ ସମ୍ମାନ ପାଇ ଲୋକପ୍ରିୟ ହୋଇଥାନ୍ତି । ସୁଖ ସୁବିଧା ଓ ଅୟସରେ ଜୀବନଯାପନ ସହ ଖାଇବା ପିଇବା ଓ ବ୍ରାଣ୍ଡେଡ ସାମଗ୍ରୀ ପ୍ରିୟ ହୋଇଥାନ୍ତି । ନୃତ୍ୟ, ଗୀତ ଓ ସଂଗୀତ ସହିତ ସମ୍ପର୍କ ରଖିଲେ ଲାଭବାନ ହୋଇଥାନ୍ତି । ୬ଅଙ୍କ ନଥିବା ଲୋକଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିଥାଏ ।

*ନମ୍ବର-୭:* ଶାନ୍ତି ଓ ପବିତ୍ରତାକୁ ଦର୍ଶାଇଥାଏ ଅଙ୍କ ୭ । ଯାହାଙ୍କ ମୋବାଇଲରେ ୭ଅଙ୍କ ରହିଥାଏ ସେ ମାନସିକସ୍ତରରେ ଶାନ୍ତ, ସାଧାସିଧା ଜୀବନଯାପନ ସହିତ ସନ୍ତୁଷ୍ଟ ସ୍ୱାଭାବର ହୋଇଥାନ୍ତି । ଆଧ୍ୟାତ୍ମିକ ଦିଗ ଆଡ଼କୁ ବେଶୀ ଆକର୍ଷିତ ହୋଇଥାନ୍ତି । ସେମାନଙ୍କ ଚେହେରାରେ ଚମକ ରହିଥାଏ ।




*ନମ୍ବର -୮:* ଏହି ଅଙ୍କ ଧୈର୍ଯ୍ୟକୁ ଦର୍ଶାଇଥାଏ । ଏହି ଅଙ୍କ ଥିବା ମୋବାଇଲ ଧାରକମାନେ ସବୁ କାମକୁ ମନଧ୍ୟାନ ଦେଇ କରିବା ସହିତ ସଫଳତାର ଶୀର୍ଷ ଛୁଇଁଥାନ୍ତି । ଯାହା ମୋବାଇଲରେ ୮ଅଙ୍କ ବାରମ୍ବାର ଆସିଥାଏ ସେମାନଙ୍କ ଜୀବନରେ ସମସ୍ୟା ବାରମ୍ବାର ଆସିଥାଏ ।

*ନମ୍ବର -୯:* ଯାହାଙ୍କର ମୋବାଇଲ ନମ୍ବରରେ ୯ଅଙ୍କ ଆସିଥାଏ ସେମାନେ ଗର୍ବୀ ତଥା ଧୈର୍ଯ୍ୟଶୀଳ ହୋଇଥାନ୍ତି । ବୁଝି ବିଚାରି କାମ କରନ୍ତି । ଖୁବ୍ ଶୀଘ୍ର ରାଗି ଯାଆନ୍ତି । ଯାହାଙ୍କର ମୋବାଇଲରେ ୯ ଅଙ୍କ ବାରମ୍ବାର ଆସିଥାଏ ସେ ଖୁବ୍ ଜିଦିଆ ଓ ଅହଂକାରୀ ହୋଇଥାନ୍ତି ।

ମୋବାଇଲ ନମ୍ବରର ସବୁ ଅଙ୍କକୁ ଯୋଡ଼ିବା ପରେ ଯେଉଁ ଅଙ୍କ ଆସିଥାଏ ତାହାର ମଧ ଗୁରୁତ୍ୱ ରହିଛି । ସେହି ଅଙ୍କ ଯଦି ୧, ୩ ବା ୫ହୁଏ ତାହେଲେ ତାହା ଲକି ନମ୍ବର ବୋଲି ମାନିବାକୁ ହେବ ।

## ଲୋରି ଶୁଣି ଶୋଇଥାନ୍ତି କାହିଁକି ?

ଆମେ ପ୍ରାୟ ଦେଖିଥାଉ, ଲୋରି ଶୁଣିବାମାତ୍ରେ ଶିଶୁମାନେ ଶୋଇ ପଡ଼ିଥାନ୍ତି । ନିକଟରେ ଏହାର କାରଣକୁ ବ୍ୟାଖ୍ୟା କରିଛି ଲଣ୍ଡନରେ ଥିବା 'ଗ୍ରେଟ ଓରମୋଣ୍ଡ ଷ୍ଟ୍ରିଟ୍ ହସ୍ପିଟାଲ' । ଏହା ଏକ ଶିଶୁ ଡାକ୍ତରଖାନା । କାରଣ ଜାଣିବା ପାଇଁ ଏହି ହସ୍ପିଟାଲ ୩ ବର୍ଷ ବୟସର ୩୭ ଜଣ ଶିଶୁଙ୍କୁ ନେଇଥିଲା । ସେହି ଶିଶୁମାନଙ୍କ ମଧ୍ୟରୁ ପ୍ରାୟ ଶିଶୁ ହୃଦୟ ରୋଗ ଏବଂ ଶ୍ୱାସରୋଗରେ ପୀଡ଼ିତ ଥିଲେ । ସେମାନଙ୍କୁ ତିନୋଟି ପର୍ଯ୍ୟାୟରେ ପରୀକ୍ଷା କରାଯାଇଥିଲା । ପ୍ରଥମ ପର୍ଯ୍ୟାୟରେ କାର୍ଯ୍ୟର ଗତିବିଧି ଅଧ୍ୟୟନ କରାଯାଇଥିଲା, ଦ୍ୱିତୀୟ ପର୍ଯ୍ୟାୟରେ ସେମାନଙ୍କ ଆଗରେ ଲୋରି ଗାନ ହୋଇଥିଲା ଏବଂ ତୃତୀୟ ପର୍ଯ୍ୟାୟରେ ସେମାନଙ୍କ ଏକୁଟିଆ ଛଡ଼ା ଯାଇଥିଲା । ଏହି ତିନୋଟି ପର୍ଯ୍ୟାୟରେ ସେମାନଙ୍କ କାର୍ଯ୍ୟକୁ ଅନୁଧ୍ୟାନ କରି ଜଣାପଡ଼ିଥିଲା ଯେ, ଲୋରି ଶୁଣିବା ସମୟରେ ପିଲାମାନଙ୍କର ହୃଦୟ ସ୍ପନ୍ଦନ ଠିକ୍ ଭାବେ ଚାଲିଥିଲା । ସେମାନଙ୍କର ଯନ୍ତ୍ରଣା ଏବଂ ଚିନ୍ତା ସେହି ସମୟରେ ଶାନ୍ତ ପଡ଼ିଯାଇଥିଲା । ଏପରିକି କେତେକ ଶିଶୁ ଯନ୍ତ୍ରଣା ଭୁଲି ଶୋଇପଡ଼ିଥିଲେ । ଡାକ୍ତରଙ୍କ ଅନୁସାରେ ଯେତେବେଳେ ଶିଶୁଙ୍କୁ ମା'ମାନେ ଲୋରି ଶୁଣାଇଥାନ୍ତି, ମା'ଙ୍କ ସ୍ୱର ଶୁଣି ଶିଶୁମାନେ ଏକୁଟିଆ ଅନୁଭବ କରନ୍ତିନାହିଁ ଏବଂ ସେମାନଙ୍କର ସଙ୍ଗୀତ ଶିଶୁଙ୍କ ହୃଦୟ ପାଖରେ ପହଞ୍ଚିଥାଏ । ଫଳରେ ସେମାନେ ଶାନ୍ତ ଅନୁଭବ କରି ଶୋଇପଡ଼ିଥାନ୍ତି । ତେଣୁ ଶିଶୁମାନେ ପ୍ରଥମେ 'ମା' ଶବ୍ଦ ଉଚ୍ଚାରଣ କରିଥାନ୍ତି । ସେମାନେ ଏହି ଶବ୍ଦ ତାଙ୍କ ଭାଷାରେ ପ୍ରଥମେ କହିଥାନ୍ତି ।

## କେଶରେ ଚମକ ଆଣିବ 'ବ୍ଲାକ୍ ଟି'

ରୁକ୍ଷ ଏବଂ ମଳିନ ଦେଖାଯାଉଥିବା କେଶରେ ପୁଣି ଚମକିବ । ସେଥିପାଇଁ ସାଲୁନକୁ ବାରମ୍ବାର ଯାଇ ଟଙ୍କା ଖର୍ଚ୍ଚ କରିବାର ଆବଶ୍ୟକତା ନାହିଁ । ଘରୋଇ ଭାବେ କେଶ ପାଇଁ ଆପଣାନ୍ତୁ ବ୍ଲାକ୍ ଟି । ପ୍ରଥମେ ଏକ କପ୍ ବ୍ଲାକ ଟି ବିନା ଚିନିରେ ପ୍ରସ୍ତୁତ କରି ଥଣ୍ଡା କରନ୍ତୁ । କେଶକୁ ନଖଉଷୁମ ପାଣିରେ ଧୋଇ ଦିଅନ୍ତୁ । ତାହାପରେ ବ୍ଲାକ ଟିକୁ କେଶରେ ଲଗାଇ ସେହିଭଳି ତାକୁ ୫ରୁ୧୦ମିନିଟ ଛାଡ଼ି ଦିଅନ୍ତୁ । ତାପରେ ପୁଣି ଉଷୁମ ପାଣିରେ ଧୋଇ ଦିଅନ୍ତୁ । ଅଧ ଚାମଚ ହେନା ପାଉଡର ଏବଂ କଫି, ୨ରୁ ୩ଚାମଚ ବ୍ଲାକ ଟି ନେଇ ତାହାକୁ ଭଲ ଭାବରେ ପେଷ୍ଟ କରିଦିଅନ୍ତୁ । ଉକ୍ତ ପେଷ୍ଟକୁ ଖପୁରୀ ଏବଂ କେଶର ଶେଷ ଭାଗରେ ଭଲଭାବରେ ଲଗାନ୍ତୁ । ସେଭଳି ଅବସ୍ଥାରେ ୩୦ମିନିଟ୍ ଝାଡ଼ି ଦିଅନ୍ତୁ । ତାପରେ ସାମ୍ପୁ କରିଦିଅନ୍ତୁ । ଏକ ଚାମଚ ବ୍ଲାକ ଟି, ଦୁଇ ଚାମଚ ନଡ଼ିଆ ତେଲ ପକାଇ ତାହାକୁ ଭଲ ଭାବରେ ଫେଣ୍ଟି ଦିଅନ୍ତୁ । ସେହି ମିଶ୍ରଣକୁ ନେଇ ଖପୁରୀ ଏବଂ କେଶର ଅଗ୍ରଭାଗ ପର୍ଯ୍ୟନ୍ତ ଭଲଭାବରେ ଘଷନ୍ତୁ । ଘଣ୍ଟାଏ ପରେ ନଖ ଉଷୁମ ପାଣି ଓ ସାମ୍ପୁରେ ଧୋଇ ଦିଅନ୍ତୁ । ମହୁ ଏବଂ ଦୁଇ ଚାମଚ ଗ୍ରୀନଟି, ଓ ବ୍ଲାକ ଟି ନେଇ ତାହାକୁ ମିଶାନ୍ତୁ । ସେହି ମିଶ୍ରଣକୁ ଖପୁରୀରେ ଲଗାଇ କିଛି ଧୀରେ ଧୀରେ ଘଷନ୍ତୁ । ଏପରି ସପ୍ତାହରେ ୨ଥର କରି କେଶରେ ଫରକ ଦେଖନ୍ତୁ ।





## ଲବଙ୍ଗଲତା



***ଆବଶ୍ୟକ ସାମଗ୍ରୀ:*** ମଇଦା, ଚିନି, ଘିଅ, ଲବଙ୍ଗ, ଲୁଣ, ଖୁଆ, ସୁଜି, ଡ୍ରାଏ ଫ୍ରୁଟ୍, ତେଲ ଓ ପାଣି ।

***ପ୍ରସ୍ତୁତି ପ୍ରଣାଳୀ:*** ଲବଙ୍ଗଲତା ତିଆରି କରିବା ପାଇଁ ପ୍ରଥମେ ଶିରା ପ୍ରସ୍ତୁତ କରି ତାକୁ ଏକ ପାତ୍ରରେ ରଖନ୍ତୁ । ପରେ ଅନ୍ୟ ଏକ ପାତ୍ରରେ କିଛି ମଇଦା ନିଅନ୍ତୁ । ସେଥିରେ ଅଳ୍ପ ଲୁଣ ଓ ଗୁଆ ଘିଅ ପକାଇ ଭଲ ଭାବରେ ଗୋଳାନ୍ତୁ । ପରେ ସେଥିରେ ଅଳ୍ପ ପାଣି ଦେଇ ଅଟା ପରି ଚକଟି ତାକୁ ୧୦ରୁ ୧୫ ମିନିଟ ପାଇଁ ଢାଙ୍କି ରଖି ଦିଅନ୍ତୁ । ଏବେ ଲବଙ୍ଗଲତା ପାଇଁ ପୁର ପ୍ରସ୍ତୁତ କରନ୍ତୁ । ସେଥିପାଇଁ ପ୍ରଥମେ କରେଇରେ ଘିଅ ପକାଇ ଗରମ କରନ୍ତୁ । ସେଥିରେ କିଛି ସୁଜି ଓ ଡ୍ରାଏ ଫ୍ରୁଟ୍ ପକାଇ ଭାଜନ୍ତୁ । ତା'ପରେ ସେଥିରେ ଅଳ୍ପ ଚିନି ଓ ଖୁଆ ପକାଇ କିଛି ସମୟ ପାଇଁ ଗୋଳାନ୍ତୁ । ପୁର ପ୍ରସ୍ତୁତ ହେବାପରେ କରେଇକୁ ତଳକୁ ଓହ୍ଲାଇ ଦିଅନ୍ତୁ । ଏ କାମ ସରିବା ପରେ ପୂର୍ବରୁ ଘୋଡ଼ାଇ ରଖିଥିବା ମଇଦାକୁ ଛୋଟ ଛୋଟ ଗୁଟୁଳା କରି ତାକୁ ପୁରି ଆକାରରେ ବେଲନ୍ତୁ । ତାର ଚାରିପାଖେ ପାଣି ମାରନ୍ତୁ । ଯେପରି ଫୋଲ୍ଡ଼ି କରିବା ବେଳେ ନ ଖୋଲିବ । ପାଣି ମାରି ସାରିବା ପରେ ତା' ମଝିରେ ପୁରକୁ ଦେଇ ଚାରି କୋଣିଆ ଆକାରରେ ଭାଙ୍ଗି ଦିଅନ୍ତୁ । ପରେ ତା' ମଝିରେ ଏକ ଲବଙ୍ଗ ଲଗାଇ ଦିଅନ୍ତୁ । ଏହା ପରେ କରେଇରେ ତେଲ ଗରମ କରନ୍ତୁ । ତେଲ ଗରମ ହେବା ପରେ ସେଥିରେ ଲବଙ୍ଗଲତାକୁ ପକାଇ ଛାଣନ୍ତୁ । ଲବଙ୍ଗଲତାର ରଙ୍ଗ ବାଦାମି ହୋଇଆସିଲା ପରେ ତାକୁ ଛାଣି ଶିରାରେ କିଛି ସମୟ ପାଇଁ ପକାଇ ଦିଅନ୍ତୁ । ପ୍ରସ୍ତୁତ ହେଇଗଲା ଲବଙ୍ଗଲତା ।

## ବନ୍ୟା ଓ ଜଳ ସମସ୍ୟାରୁ ମୁକ୍ତ ହେବ ମାନବ ଜାତି ଓଡିଶାର ଯଶ, କୀର୍ତ୍ତି ଓ ଗୌରବ ହେବ ବିଶ୍ୱବ୍ୟାପୀ

**ଶ୍ୟାମ ସୁନ୍ଦର ରାଠି**

ଜଳ ବହୁଳେ ସୃଷ୍ଟି ନାଶ ! ଜଳ ବିହୁନେ ସୃଷ୍ଟି ନାଶ !! ଏହା ଓଡିଶାର ବହୁ ପ୍ରଚଳିତ ଲୋକ ଅଭିମତ । ଏହାର ମର୍ମ ହେଲା ନ୍ତବନ୍ୟା ଜେତିକି ବିନାଶକାରୀ ମରୁଡି ମଧ ସେତିକି ବିନାଶକାରୀ' । ମାନବ ଜାତିକୁ ଉଭୟ ପ୍ରକାରର ବିନାସରୁ ସୁରକ୍ଷା ପ୍ରଦାନ କରିବା ବିଜ୍ଞାନ ଓ ବୈଜ୍ଞାନିକ ମାନଙ୍କର ଉତ୍ତରଦାୟିତ୍ୱ । ବିଜ୍ଞାନ ଏହି ଉତ୍ତରଦାୟିତ୍ୱ ନିର୍ବାହନ କରିବା ପାଇଁ ଲକ୍ଷ ଲକ୍ଷ ବୈଜ୍ଞାନିକ କାର୍ଯ୍ୟରତ ଓ ସେମାନଙ୍କ ଭିତରେ ମୁଁ ମଧ ଜଣେ । ଏହା ମୋର ସୌଭାଗ୍ୟ ଯେ ଲକ୍ଷ ଲକ୍ଷ ବୈଜ୍ଞାନିକ ମାନଙ୍କ ଭିତରେ ବିଜ୍ଞାନ ଜଗତର ସର୍ବୋଚ୍ଚ ସଫଳତା ମୋତେ ମିଳିଛି ଏହାର ଏକମାତ୍ର କାରଣ ହେଲା ସେମାନେ ଧନ ଉପାର୍ଜନ କରି ଜୀବିକା ନିର୍ବାହ କରିବା ପାଇଁ ବୈଜ୍ଞାନିକ ବୃତି ଆପଣେଇଛନ୍ତି କିନ୍ତୁ ମୁଁ ୩୨ ବର୍ଷ ପୂର୍ବେ ମାନବ ଜାତିକୁ ବନ୍ୟା ମୁକ୍ତ କରିବାର ସଂକଳ୍ପ ନେଇ ମୋର ସମ୍ପୂର୍ଣ୍ଣ ଜୀବନ ବିଜ୍ଞାନକୁ ସମର୍ପଣ କରି ରଖିଛି ଏବଂ ବିଜ୍ଞାନ ପାଇଁ ନିଜ ହାତରୁ କୋଟି କୋଟି ଖର୍ଚ୍ଚ କରି ମାନବ ଜାତିକୁ ବନ୍ୟା ଓ ଜଳ ସମସ୍ୟାରୁ ମୁକ୍ତ କରିବାର ସଫଳତା ପାଇ ପାରିଛି ।

ବୈଜ୍ଞାନିକ ସମ୍ପୂର୍ଣ୍ଣ ମାନବ ଜାତିର ଗର୍ବ ଓ ଗୌରବ - ବୈଜ୍ଞାନିକ ମାନଙ୍କର ଶୌଧକୁ ମାନବ ଜାତିର ସମ୍ପତ୍ତି ଓ ବୈଜ୍ଞାନିକ ମାନଙ୍କୁ ସମ୍ପୂର୍ଣ୍ଣ ମାନବ ଜାତିର ଗର୍ବ ଓ ଗୌରବ ଭାବେ ଗ୍ରହଣ କରାଯାଏ । ମୋର Researchରୁ ମାନବ ଜାତି ଶତାଧିକ ସମସ୍ୟାରୁ ମୁକ୍ତି ପାଇବ ତେଣୁ ବୁଦ୍ଧିଜିବୀ ମାନେ ମୋତେ ସମ୍ପୂର୍ଣ୍ଣ ବିଶ୍ୱ ଓ ମାନବ ଜାତିର ସର୍ବଶ୍ରେଷ୍ଠ ବୈଜ୍ଞାନିକ ବିବେଚନା କରି ବିଜ୍ଞାନ ଜଗତ ଓ ବିଶ୍ୱର ସର୍ବୋଚ୍ଚ ଉପାଧି ନ୍ତବିଶ୍ୱର ସର୍ବକାଳୀନ ମହାନତମ ବୈଜ୍ଞାନିକ / Universal Lord of Scientistsନ୍ତ ଦେଇ ଅଛନ୍ତି । ଏହି ବିଜ୍ଞାନର ଲାଭ ଅତିଶୀଘ୍ର ଧାରାତଳ ଉପରେ ଦେଖିବାକୁ ମିଳିବ ଏବଂ ଓଡିଶାବାସୀଙ୍କ ଓ ଦେଶ ସହ ସମ୍ପୂର୍ଣ୍ଣ ମାନବ ଜାତି ଏହାର ଲାଭ ପାଇବେ । ଏହା ଦ୍ୱାରା କୋଟି କୋଟି ଲୋକଙ୍କର ଜୀବନ ଓ କଳନା ବାହାରର ସମ୍ପତ୍ତି କ୍ଷୟ କ୍ଷତି ହେବାରୁ ରକ୍ଷା ପାଇଯିବ ।

ସାର୍ବଜନିକ ଜଳ ଭଣ୍ଡାରଣ ବ୍ୟବସ୍ଥାର ଆୟୁଦ୍ଧ ନ୍ତନଦୀ ବନ୍ଧ ପ୍ରକଳ୍ପ'- ପ୍ରତ୍ୟେକ ରାଷ୍ଟ୍ରରେ ନିଜ ରାଜ୍ୟର ଜନସାଧାରଣଙ୍କୁ ବନ୍ୟା ଓ ଜଳ ସମସ୍ୟାରୁ ମୁକ୍ତ କରିବା ଏବଂ ଚାଷୀ ମାନଙ୍କର ୧୦୦% ଜମିକୁ ଜଳ ସେଚନର ସୁବିଧା ଦେବା ପାଇଁ ସାର୍ବଜନିକ ଜଳ ଭଣ୍ଡାରଣର ବ୍ୟବସ୍ଥା କାୟାମ କରି ରଖିଛନ୍ତି । ଆମ ଦେଶର ୧୩୫ କୋଟି ଲୋକଙ୍କ ଘରଦ୍ୱାର ବନ୍ୟାରେ ନ ବୁଡୁ ଓ ବନ୍ୟାରେ କାହାରି ମୃତ୍ୟୁ ନ ହେଉ, ଦେଶର ୧୫ଲକ୍ଷ ବର୍ଗ କିମି କୃଷିଭୂମିକୁ ଜଳ ସେଚନର ସୁବିଧା ମିଳୁ, ଦେଶ ମରୁଡିରୁ ମୁକ୍ତ ହେଉ ଏବଂ ସରକାର ସମସ୍ତଙ୍କୁ ବିଶୁଦ୍ଧ ପାନୀୟ ଜଳ ପ୍ରଦାନ କରିବା, ଦେଶ ପାଇଁ ପ୍ରଚୁର ପରିମାଣର ଜଳବିଦ୍ୟୁତ ଉତ୍ପାଦନ କରିବା, ଉଦ୍ୟୋଗ ମାନଙ୍କ ପାଇଁ ପାଣିର ବ୍ୟବସ୍ଥା କରିବା, ନଦୀ ନାଳ ମାନଙ୍କର ଜଳକୁ ସ୍ୱଚ୍ଛ ରଖିବା ହେଉଛି ସାର୍ବଜନିକ ଜଳ ଭଣ୍ଡାରଣ ବ୍ୟବସ୍ଥାର ମୁଖ୍ୟ କାମ । ଏହି ବ୍ୟବସ୍ଥାର ସଫଳତା ଉପରେ ଦେଶର ଆର୍ଥିକ ଅଭିବୃଦ୍ଧି ଏବଂ ନାଗରିକ ମାନଙ୍କର ସମୃଦ୍ଧ ଓ ସ୍ୱଚ୍ଛଳ ଜୀବନ ନିର୍ଭର କରେ । ସବୁଠାରୁ ବଡ ଦୁଃଖର କଥା ଦେଶ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଉ ଥିବା ସାର୍ବଜନୀକ ଜଳ ଭଣ୍ଡାରଣ ବ୍ୟବସ୍ଥାର ୫,୦୦୦ବର୍ଷ ପୁରୁଣା ଆୟୁଦ୍ଧ / ଉପକରଣ - ନଦୀ ବନ୍ଧ ପ୍ରକଳ୍ପ ଜମିନି ସ୍ତରରେ ଜଳ ଭଣ୍ଡାରଣର କାମରେ ନିୟୋଜିତ କରି ରଖିଛନ୍ତି । ଏହି ୫,୦୦୦ ବର୍ଷ ପୁରୁଣା ଆୟୁଦ୍ଧ / ଉପକରଣ - ନଦୀ ବନ୍ଧ ପ୍ରକଳ୍ପ ନିଜେ ୨ ବର୍ଗ କିମି ଜାଗା ଆକ୍ତିଆର କଲେ ୧ବର୍ଗ କିମି ଜମିକୁ ଜଳ ସେଚନର ସୁବିଧା ଦିଏ ଏବଂ ଆଧୁନିକ ଭଣ୍ଡାରଣ ବିଜ୍ଞାନର ଆସ୍ତିତ୍ୱ, ଆଦର୍ଶ, ନିତୀ ନିୟମ ଓ ନିୟମାବଳୀକୁ ସ୍ୱୀକାର କରେ ନାହିଁ । ସାର୍ବଜନୀକ ଜଳ ଭଣ୍ଡାର ବ୍ୟବସ୍ଥାର ଆଧୁନିକ ବିଜ୍ଞାନ ଯୁଗର ମଧ ଭଣ୍ଡାରଣ ବିଜ୍ଞାନର ଅଷ୍ଟିତ୍ୱକୁ ମାନୁ ନ ଥିବା ୫,୦୦୦ ବର୍ଷ ପୁରୁଣା ନଦୀ ବନ୍ଧ ପ୍ରକଳ୍ପ ମାନଙ୍କୁ ଜାବୁଡି ଧରି ବସିଛି । ଏହାର ପରିଣତି ହେଲା ପ୍ରତିବର୍ଷ ଆମ ଦେଶରେ ୪ରୁ୫ କୋଟି ଘରଦ୍ୱାର ବନ୍ୟାରେ ବୁଡି ୫୦ଲକ୍ଷ କୋଟି ଟଙ୍କାର ସମ୍ପତ୍ତିର କ୍ଷୟକ୍ଷତି ଘଟିବା ସହ ହଜାର ଲୋକ ବନ୍ୟାରେ ମୃତ୍ୟୁ ବରଣ କରୁଛନ୍ତି । ଆମର ଭୂଗର୍ଭ ଜଳ ସମାପ୍ତ ହେବା ଉପରେ, ପାନୀୟ ଜଳ ପାଇଁ ଲମ୍ବା ଲାଇନ ଓ ଝଗଡା ସବୁଆଡେ ଲାଗି ରହିଥାଏ ଏବଂ ଦେଶର ନଦୀ ନାଳ ଅପରିଷ୍କାର ହୋଇ ନାଳୁଆ ପାଲଟି ଗଲେଣି । ଆଧୁନିକ ଭଣ୍ଡାରଣ ବିଜ୍ଞାନର ଆୟୁଦ୍ଧ ନ୍ତଉପକରଣ ପାଣି / ଟାଙ୍କିନ୍ତ - ଟାଙ୍କି ହେଉଛି ଜଳ ଭଣ୍ଡାରଣର ବିଜ୍ଞାନର ଆୟୁଦ୍ଧ ଏବଂ ସବୁ ପ୍ରକାର ତରଳ ଓ ଗ୍ୟାସ ଜାତୀୟ ପଦାର୍ଥ ମାନଙ୍କର ଭଣ୍ଡାରଣ ପାଇଁ ଏହି ଉପକରଣ ବିଶ୍ୱବ୍ୟାପୀ ବ୍ୟବହାର ହେଉଛି । ଆମେ ସମସ୍ତେ ମଧ ଘରୋଇ ଜଳ ଭଣ୍ଡାରଣ ପାଇଁ ପାଣି ଟାଙ୍କି ବ୍ୟବହାର କରିବା ପରଠାରୁ ଜଳ ସମସ୍ୟାରୁ ମୁକ୍ତି ସହ ଅନେକ ପ୍ରକାରର ସୁବିଧା ପାଇ ପାରିଛୁ ଏଥିରେ ତିଳେ ହେଲେ ସନ୍ଦେହ ନାହିଁ । ଜନସାଧାରଣଙ୍କୁ ସୁବିଧା ଦେବା ପାଇଁ ସାର୍ବଜନିକ ଜଳ ବିତରଣ ବ୍ୟବସ୍ଥା ଆମର ଘରୋଇ ପାଣି ଟାଙ୍କି ଠାରୁ ହଜାର ହଜାର ଗୁଣ ବଡ ପାଣି ଟାଙ୍କି ବ୍ୟବହାର କରି ଆମ ଘରୁକୁ ପାଣି ପହଞ୍ଚାଇବାର କାମ କରୁଛି । ଏହି ଉପକରଣ ପାଣି ଟାଙ୍କିର ବିଶେଷତ୍ତ୍ୱ ଓ ଲାଭ ବିଷୟରେ ଆମେ ସମସ୍ତେ ଜାଣିଛୁ । କମ୍ ଜାଗାରେ ଅଧିକ ପିରମାଣର ପାଣିକୁ ଦୀର୍ଘଦିନ ଧରି ସୁରକ୍ଷିତ ରଖିବାର କ୍ଷମତା ପାଣି ଟାଙ୍କି ମାନଙ୍କର ରହିଛି ଓ ପାଣି ଟାଙ୍କି ମାନଙ୍କର ଏହି ବିଶେଷତ୍ତ୍ୱ ହିଁ ମାନବ ଜାତିକୁ ବନ୍ୟା ଏବଂ ଜଳ ସମସ୍ୟାରୁ ମୁକ୍ତି ପ୍ରଦାନ କରିବ ।

ବନ୍ୟା ଓ ଜଳ ସମସ୍ୟା ଉପରେ ବିଜୟର ଆୟୁଦ୍ଧ ନ୍ତବିରାଟକାୟ ପାଣି ଟାଙ୍କି MSD Tank Tech' - ସାର୍ବଜନିକ ଜଳ ବିତରଣ ବ୍ୟବସ୍ଥା ବ୍ୟବହାର କରୁଥିବା ୫,୭ ଲକ୍ଷ ଲିଟର କ୍ଷମତାର ଟାଙ୍କି ଠାରୁ ହଜାର ହଜାର ଗୁଣ ବଡ ବିରାଟକାୟ ଟାଙ୍କି ଭଣ୍ଡାର ଗୃହ ରୂପେ ବିଶ୍ୱ ସାରା ବ୍ୟବହାର ହେଉଛି । ସେମାନଙ୍କର ସେବା ଅତି ଉନ୍ନତ ମାନ ତେଣୁ ଆଧୁନିକ ଭଣ୍ଡାରଣ ବିଜ୍ଞାନର ଆୟୁଦ୍ଧ ବିରାଟକାୟ ଟାଙ୍କି ବୈଜ୍ଞାନିକ ଓ ଇଂଜିନିୟର ମାନଙ୍କ ପାଇଁ ନୂଆ ଉପକରଣ ନାହିଁ । ପାଣି ରଖିବା ପାଇଁ ଆବଶ୍ୟକୀୟ ପରିବର୍ତ୍ତନ କରି ଉନ୍ନତ ମାନର ବିରାଟକାୟ ପାଣି ଟାଙ୍କି MSD Tank ର ନିର୍ମାଣ କରିବାରେ କୌଶଳ ମୋର ରଚିତ ଶୌଧ ଗ୍ରନ୍ଥ New Concept of Mega Science ରେ ଲେଖି ଦେଇଛି ତଥା ନିର୍ମାଣ କରିବାର ଶୈଳୀ ସହ ଆବଶ୍ୟକୀୟ Design, ସାମଗ୍ରୀ ଏବଂ ବିଶେଷ ପ୍ରକାରର ଆନୁଷଙ୍ଗିକ ଉପକରଣର ଉରତ୍ସୃସଶଭ ମଧ ବିବୃତ୍ତି ସହ ପ୍ରଦାନ କରିଛି ଯାହା ଦ୍ୱାରା ଅତି କମ୍ ଖର୍ଚ୍ଚରେ ଅଳ୍ପଦିନ ଭିତରେ ଅତି ଉନ୍ନତ ମାନର ମଜବୁତ୍ ବିରାଟକାୟ ଗଝଡ଼ ପାଣି ଟାଙ୍କିର ନିର୍ମାଣ କରାଯାଇ ପାରିବ ଏବଂ ଉକ୍ତ MSD ପାଣି ଟାଙ୍କିମାନେ ଶହ ଶହ ବର୍ଷ ମାନବ ସମାଜକୁ ସେବ ପ୍ରଦାନ କରି ପାରିବେ । ଏହି ବିରାଟକାୟ ପାଣି ଟାଙ୍କି ମାନଙ୍କୁ pump ବ୍ୟବହାର କରି ଭର୍ତ୍ତି କରିବା ମଧ ଅତି ସହଜ । ଏହି କାମ ପାଇଁ ପୂରାପୂରି ବର୍ଷା ଋତୁର ୪ ମାସର ସମୟ ଆମ ହାତରେ ରହିବ ଏବଂ ଯେତେବେଳେ ନଦୀ ନାଳ ମାନଙ୍କରେ ଅଧିକା ପାଣି ରହିବ pump ଚଳାଇ ଟାଙ୍କି ଭର୍ତ୍ତି କରି ପାରିବା । ବିରାଟକାୟ ପାଣିଟାଙ୍କି ମାନଙ୍କରେ pump ବ୍ୟବହାର ନ କରି ପାଣି ଭର୍ତ୍ତି କରିବାର ବିଶେଷ ଶୈଳୀ ମଧ ବହିରେ ଦିଆ ଯାଇଛି । MSD Tank Tech ବଳରେ ୪,୫ ବର୍ଷ ଭିତରେ ବିଶ୍ୱ ହେବ ବନ୍ୟା ଓ ଜଳ ସମସ୍ୟା ମୁକ୍ତ - ଆଧୁନିକ ବିଜ୍ଞାନର ଆୟୁଦ୍ଧ, ଉପକରଣ ଓ ଯନ୍ତ୍ରପାତି ମାନଙ୍କର ତୁଳନା ୫,୦୦୦ ବର୍ଷ ପୁରୁଣା ଉପକରଣ ମାନଙ୍କ ସହ କରିବା ଭୁଲ କାରଣ ସେମାଙ୍କର କାର୍ଯ୍ୟ କୁଶଳତାର ତୁଳନାତ୍ମକ ପାର୍ଥକ୍ୟ ଆକାଶ ପାତାଳ ସଦୃଶ । ଜେଉ କାର୍ଯ୍ୟ ୫,୦୦୦ ବର୍ଷ ପୁରୁଣା ଉପକରଣ ମାନଙ୍କୁ ନେଇ କରିବା ଅସାଧ ଥିଲା ସେହିକାମ ଆଧୁନିକ ଉପକରଣ ଅତି ସହଜରେ ନିର୍ଭୁଲ ଭାବେ ସମ୍ପାଦନ କରୁଛନ୍ତି । ୫,୦୦୦ ବର୍ଷ ପୁରୁଣା ଉପକରଣ - ନଦୀ ବନ୍ଧ ପ୍ରକଳ୍ପକୁ ନେଇ ବନ୍ୟା ନିୟନ୍ତ୍ରଣ ଓ ୧୦୦% ଚାଷ ଜମିକୁ ଜଳ ସେଚନର ସୁବିଧା ଦେବା ଅସମ୍ଭବ ଥିଲା । ତେଣୁ କ୍ଷୟକ୍ଷତିର ପରିମାଣକୁ ଆଖି ଆଗରେ ରଖି ଉଭୟ ବନ୍ୟା ଓ ମରୁଡିକୁ ପ୍ରାକୃତିକୁ ପ୍ରାକୃତିକ ଆପଦା ବୋଲି ଗ୍ରହଣ କରି ନେଇଥିଲୁ । ସାର୍ବଜନିକ ଜଳ ଭଣ୍ଡାରଣ ବ୍ୟବସ୍ଥା MSD Tank Tech ବଳରେ ୪,୫ ବର୍ଷ ଭିତରେ ପ୍ରଚୁର ପରିମାଣର ବନ୍ୟା ଜଳ stock କରି ବନ୍ୟା ନିୟନ୍ତ୍ରଣ ସହ ୧୦୦% ଚାଷ ଜମିକୁ ଜଳ ସେଚନର ସୁବିଧା ସମାଜକୁ ଦେଇ ପାରିବ ।

ସାର୍ବଜନିକ ଜଳ ଭଣ୍ଡାରଣ ବ୍ୟବସ୍ଥାର ନଦୀ ବନ୍ଧ ପ୍ରକଳ୍ପ ଜରିଆରେ ୫,୦୦୦ ବର୍ଷ ପୂର୍ବେ ପ୍ରାରମ୍ଭ ହୋଇଥିଲେ । ବହୁତ ପରିମାଣର ପାଣି stock ରହିଲେ ଜନସାଧାରଣଙ୍କୁ ବିଭିନ୍ନ କାମ ପାଇଁ ସୁବିଧାରେ ପାଣି ପାଇ ପାରିବେ ଏହି ମହତ ଉଦ୍ଦେଶ୍ୟ ନେଇ ସାର୍ବଜନିକ ଜଳ ଭଣ୍ଡାରଣ କରାଯାଉଥିଲା । ସାର୍ବଜନୀକ ଜଳ ଭଣ୍ଡାରଣ ବ୍ୟବସ୍ଥା ଆଜି ପର୍ଯ୍ୟନ୍ତ ସେହି ୫,୦୦୦ ବର୍ଷ ପୁରୁଣା ଆୟୁଦ୍ଧ ନଦୀ ବନ୍ଧ ପ୍ରକଳ୍ପ ଉପରେ ନିର୍ଭର ଥିଲା ତେଣୁ ଆଧୁନିକ ଭଣ୍ଡାରଣ ବିଜ୍ଞାନ ସହ ତାଳ ଦେଇ ଚାଲି ପାରୁ ନଥିଲା । ସେଥିପାଇଁ ବିଶ୍ୱବ୍ୟାପି ବନ୍ୟା ଓ ଜଳ ସମସ୍ୟାର ରାଜତ୍ୱ ଚାଲିଛି । ବିଶ୍ୱର ସର୍ବ ଶ୍ରେଷ୍ଠ ବୈଜ୍ଞାନିକଙ୍କ ଜ୍ଞାନ ଓ ବିଜ୍ଞାନ MSD Tank Techକୁ ସାର୍ବଜନିକ ଜଳ ଭଣ୍ଡାରଣ ବ୍ୟବସ୍ଥା ଆପଣେଇ ଆଧୁନିକ ଭଣ୍ଡାରଣ ବିଜ୍ଞାନ ସହ ତାଳ ଦେଇ ଚାଲିପାରିବ । ଫଳ ସ୍ୱରୂପ ବିଶ୍ୱବ୍ୟାପି ଅନ୍ଧବିଶ୍ୱାସ ସହ ବନ୍ୟା ଓ ଜଳ ସମସ୍ୟାର ଚାଲିଥିବା ରାଜତ୍ୱର ଅନ୍ତ ଘଟିବ । MSD Tank Tech ବଳରେ ଜ୍ଞାନର ନୂଆ ସୂର୍ଯ୍ୟ ଉଦୟ ହୋଇ ସମ୍ପୂର୍ଣ୍ଣ ବିଶ୍ୱ ୪,୫ ବର୍ଷ ଭିତରେ ବନ୍ୟା ଏବଂ ଜଳ ସମସ୍ୟା ମୁକ୍ତ କରିବ । ମାନବ ଜାତି ବିଶ୍ୱର ସର୍ବଶ୍ରେଷ୍ଠ ବୈଜ୍ଞାନିକ ପାଇବାଏକ ଚମତ୍କାରି ଘଟଣା ଏବଂ ଏହିପରି ଘଟଣା କେବେ ଘଟି ନାହିଁ କି ଘଟିବ ନାହିଁ । ବିଶ୍ୱର ସର୍ବଶ୍ରେଷ୍ଠ ବୈଜ୍ଞାନିକଙ୍କର ଯଶ ଓ କୀର୍ତ୍ତିର ଗାଥା ସହ ଓଡିଶାର ଗୌରବ ହେବ ବିଶ୍ୱବ୍ୟାପୀ । ଓଡିଶାର ଗୌରବଶାଳି ଇତିହାସରେ ସଂଯୁକ୍ତ ହେବ ନୂଆ ସୋପାନ !!

+ମୋ: ୭୬୮୨୯୪୨୩୪୭

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଅନିଶ୍ଚିତ ଭବିଷ୍ୟତ...

ଶ୍ରୀଲଙ୍କାରେ ଦିନକୁ ଦିନ ରାଜନୈତିକ ଅରାଜକତାର ମାତ୍ରା ବଢ଼ି ବଢ଼ି ଚାଲିଛି । ଜନଆନ୍ଦୋଳନକାରୀଙ୍କୁ ସାମ୍ନା କରିନପାରି ରାଷ୍ଟ୍ରପତି ଗୋଟାବାୟା ରାଜପାଥେ ଦେଶ ଛାଡ଼ି ପ୍ରଥମେ ମାଳଦ୍ୱୀପ ଓ ପରେ ସିଙ୍ଗାପୁର ପଳାୟନ କରିବା ପରେ ମଧ ଏ ଆନ୍ଦୋଳନ ଥମିବାର ନାଁ ଧରୁନାହିଁ । ବରଂ ବିକ୍ଷୋଭକାରୀମାନେ ରାଷ୍ଟ୍ରପତିଙ୍କ ପରେ ଏବେ ପ୍ରଧାନମନ୍ତ୍ରୀ ରାନିଲ ବିକ୍ରମସିଂଘେଙ୍କ ଇସ୍ତଫା ଦାବିରେ ଅଡ଼ି ବସିଛନ୍ତି । ତେଣୁ ରାଜଧାନୀ କଲମ୍ବୋ ସହରରେ ଗଣବିକ୍ଷୋଭ ଓ ଆନ୍ଦୋଳନ ଯଥାରୀତି ଜାରି ରହିଛି । ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସକାଶେ ସହରରେ କର୍ଫ୍ୟୁ ଜାରି କରାଯାଇଛି । କଲମ୍ବୋ ସହର ସାରା ଏବେ ସଶସ୍ତ୍ର ସୈନିକ ପଇଁତରା ମାରୁଛନ୍ତି । ବାସ୍ତବ ଦୃଷ୍ଟିକୋଣରୁ ବିଚାର କଲେ ଶ୍ରୀଲଙ୍କାରେ ଏବେ ଅରାଜକତା ବିରାଜମାନ କରିଛି । ନିର୍ବାଚିତ ସରକାରଙ୍କ ଉପରୁ ଲୋକଙ୍କ ଆସ୍ଥା ତୁଟିସାରିଛି ଏବଂ ଶାସନ କ୍ଷମତାରେ ଥିବା ଅଧିକାରୀ ମଧ ଲୋକମାନଙ୍କ ଆଗରେ ଏକପ୍ରକାର ହାତ ଟେକି ଦେଇଛନ୍ତି । ତେବେ ଏ ସଂକଟର କୌଣସି ଆଶୁ ସମାଧାନ ସୂତ୍ର ମଧ ବାହାରିବା ପରି ପ୍ରତୀୟମାନ ହୁଏନାହିଁ । ନିଜ ପ୍ରାଣ ବଂଚାଇବାକୁ ପରିବାର ସହ ଦେଶ ଛାଡ଼ି ପଳାୟନ କରିଥିବା ରାଷ୍ଟ୍ରପତି ଗୋଟାବାୟା ରାଜପାକ୍ଷେ ଅଦ୍ୟାବଧି ନିଜ ପଦରୁ । ଆନୁଷ୍ଠାନିକ ଭାବେ ଇସ୍ତଫା ଦେଇନାହାଁନ୍ତି । ସେ ଓ ତାଙ୍କ ପରିବାର ସୁରକ୍ଷିତ ସ୍ଥାନରେ ନହପହଞ୍ଚିବା ପର୍ଯ୍ୟନ୍ତ ନିଜ ପଦ ନଛାଡ଼ିବାକୁ । ସେ କହିଥିଲେ ଗୋଟାବାୟା ଦେଶ ଛାଡ଼ିବା ପୂର୍ବରୁ ଅସ୍ଥାୟୀ ଭାବେ ପ୍ରଧାନମନ୍ତ୍ରୀ ବିକ୍ରମସିଂଘଙ୍କୁ ରାଷ୍ଟ୍ରପତି କ୍ଷମତା ଦେଇଛନ୍ତି ସତ, କିନ୍ତୁ ସମ୍ବିଧାନତଃ ସେ ନିଜର କ୍ଷମତା ଉପଯୋଗ କରିବାକୁ ଅସମର୍ଥ । ଅପରପକ୍ଷେ, ଦେଶର ବିକ୍ଷୁ ଜନତା ବିକ୍ରମସିଂଘେଙ୍କ ରାଷ୍ଟ୍ରପତିତ୍ୱକୁ ସ୍ୱୀକାର କରିବାକୁ ନାରାଜ । ଅବଶ୍ୟ ନୂତନ ରାଷ୍ଟ୍ରପତି ଦୌଡ଼ରେ ଶ୍ରୀ ବିକ୍ରମଘେ ହିଁ ସର୍ବାଗ୍ରେ ଅଛନ୍ତି । ଆସନ୍ତା ସପ୍ତାହ ସୁଦ୍ଧା ଯଦି ପରିବର୍ତ୍ତିତ ସ୍ଥିତିରେ ନୂତନ ରାଷ୍ଟ୍ରପତି ଚୟନ ପ୍ରକ୍ରିୟା ଶେଷ ହୁଏ, ତେବେ ହୁଏତ ଦ୍ୱୀପ ରାଷ୍ଟ୍ର ଶ୍ରୀଲଙ୍କାରେ ଜନଅସନ୍ତୋଷ ସାମାନ୍ୟ ଥମିପାରିବ। କିନ୍ତୁ ଦେଶରେ ଯେଉଁ କାରଣ ଲାଗି ଏ ସଂକଟ ସୃଷ୍ଟି ହୋଇଛି ତାହାର ମୂଳରେ ରହିଛି ଆର୍ଥିକ ସଂକଟ । ସେ ଦେଶ ଏବେ ଘୋର ଆର୍ଥିକ ସଂକଟ ଦେଇ ଗତି କରୁଛି । ସରକାରୀ ତହବିଲରେ ବୈଦେଶିକ ମୁଦ୍ରା ନାହିଁ । ପୂର୍ବରୁ ଆଇଏମଏଫ, ବିଶ୍ୱ ବ୍ୟାଙ୍କ କି ଏସୀୟ ବିକାଶ ବ୍ୟାଙ୍କରୁ ସରକାର ଯେଉଁ ଋଣ ଆଣିଥିଲେ ତାହା ପରିଶୋଧ କରିବାକୁ ଅସମର୍ଥ । ଦେଶରେ ଖାଦ୍ୟଶସ୍ୟ ଠାରୁ ନେଇ ପେଟ୍ରୋଲ, ଡିଜେଲ ରନ୍ଧନ ଗ୍ୟାସ, ଔଷଧ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀର ଘୋର ଅଭାବ । ଏଥିପାଇଁ ସାଧାରଣ ଲୋକେ ମାସ ମାସ ଧରି ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହୋଇ ଆସୁଛନ୍ତି । ନୂଆ ସରକାର ଅବସ୍ଥାପିତ ହେଲେ ସୁଦ୍ଧା ରାତାରାତି ଶ୍ରୀଲଙ୍କାର ଆର୍ଥିକ ସଂକଟ ସମାଧାନ ହେବା ଅସମ୍ଭବ । ଏହା ବର୍ଷ ବର୍ଷ ଧରି ଚାଲି ଆସିଥିବା କୁ ପରିଚାଳନାର ପରିଣାମ । ଯେହେତ ସେଠାରେ ଏକ ସି ର ସରକାର ନାହିଁ ଓ ରାଜନୈତିକ ଅସ୍ଥିରତା ଲାଗି ରହିଛି, କୌଣସି ଆନ୍ତଃରାଷ୍ଟ୍ରୀୟ ଆର୍ଥିକ ଅନୁଷ୍ଠାନ କଲମ୍ବୁ ତତ୍କାଳ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଅନିଚ୍ଛୁକ। ଏକ ହିତୈଷୀ ପ୍ରତିବେଶୀ ରାଷ୍ଟ୍ର ଭାବେ ଭାରତ ଶ୍ରୀଲଙ୍କାକୁ ଯଥେଷ୍ଟ ସାହାଯ୍ୟ ଯୋଗାଇ ଦେଇଛି । କିନ୍ତୁ ତାହା ପର୍ଯ୍ୟାପ୍ତ ନୁହେଁ ବରଂ ଏବେ ଶ୍ରୀଲଙ୍କା ସହ ବାଣିଜ୍ୟ କାରବାର କରୁଥିବା ଶହ ଶହ ବ୍ୟବସାୟୀ ଓ ଅନୁଷ୍ଠାନ ହଜାର ହଜାର କୋଟି ଟଙ୍କା ହରାଇବାର ଆଶଙ୍କାରେ ଅଛନ୍ତି । ଶ୍ରୀଲଙ୍କାରେ ଏବେ ଦେଖା ଦେଇଥିବା ଆର୍ଥିକ ସଂକଟ ସେ ଦେଶ ଗ୍ରହଣ କରିଥିବା ଭୁଲ ନୀତିର କୁପରିଣାମ । ଏଥିତି ସେ ଦେଶ ସରକାର କେବେ ଦୃଷ୍ଟି ଦେଇନଥିଲେ । ଅପରପକ୍ଷେ ରାଜପାକ୍ଷେ ପରିବାରର ରାଜନୈତିକ କ୍ଷମତାଲିପ୍ସା ଓ ଦୁର୍ନୀତିଖୋର ମନୋଭାବ ଶ୍ରୀଲଙ୍କା ସଂକଟକୁ ଆହୁରି ଉତ୍କଟ କରିପକାଇଛି । ପ୍ରଧାନମନ୍ତ୍ରୀ ରାନିଲ ବିକ୍ରମସିଂଘ ଜଣେ ଅଭିଜ୍ଞ ରାଜନେତା। ଦେଶ ଶାସନ କାଳରେ ସେ ଦୀର୍ଘ ଦଶନ୍ଧି ଧରି ରହି ଆସିଛନ୍ତି । ତେବେ ତାଙ୍କ ନେତୃତ୍ୱକୁ ଦେଶବାସୀ ଓ ଅନ୍ୟ ରାଜନୈତିକ ଦଳର ନେତୃବର୍ଗ କେତେଦୂର ସମର୍ଥନ କରୁଛନ୍ତି ତାହା ଉପରେ ଶ୍ରୀଲଙ୍କାର ଭବିଷ୍ୟତ ନିର୍ଭରଶୀଳ ।

# ଆଜି ସାପର ଦିନ



**ବୈଷ୍ଣବ ମେହେର**

ଖାଦ୍ୟ ଶୃଙ୍ଖଳାରେ ସନ୍ତୁଳନ ରକ୍ଷା ସହ ଜୀବଜଗତର କଲ୍ୟାଣ ନିମିତ୍ତ ଅନ୍ୟାନ୍ୟ ଜୀବଙ୍କ ଭଳି ସାପର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । କିନ୍ତୁ ସାପର ନାଁ ଶୁଣିଲା ମାତ୍ରେ ଅଧିକାଂଶ ଲୋକଙ୍କ ମନରେ ଆପଣା ଛାଏ ଛନକା ପଶିଯାଏ । ପୃଥିବୀ ପୃଷ୍ଠରେ ଅନେକ ପ୍ରଜାତିର ବିଷହୀନ ସାପ ରହିଥିଲେ ମଧ୍ୟ କିଛି ବିଷଧର ସାପ ଯୋଗୁଁ ସାଧାରଣତଃ ସାପ ପ୍ରତି ଏତେ ଭୟ ସୃଷ୍ଟି ହୁଏ । ପୁନଶ୍ଚ ପାରମ୍ପରିକ ଭାବରେ ସାପକୁ ନେଇ ଲୋକଙ୍କ ମନରେ ଅନେକ ପ୍ରକାର ଅନ୍ଧବିଶ୍ୱାସ ରହିଛି । ବିଜ୍ଞାନ ଯୁଗର ମଣିଷ ବିକାଶର ଚରମ ସୀମାକୁ ଛୁଇଁ ଥିଲେ ହେଁ, ଏବେ ବି ସାପ କାମୁଡ଼ିଲେ ଡାକ୍ତରି ଚିକିତ୍ସା କରିବା ପରିବର୍ତ୍ତେ ଅନେକ ଲୋକ ଝଡ଼ାଫୁଙ୍କା ଉପରେ ବିଶ୍ୱାସ କରିଥାନ୍ତି । ଫଳରେ ଠିକ୍ ସମୟରେ ଉଚିତ ଚିକିତ୍ସା ଅଭାବରୁ ସାପ କାମୁଡ଼ାର ଶିକାର ହୋଇଥିବା ବ୍ୟକ୍ତିର ଅକାଳ ବିୟୋଗ ଘଟିଥାଏ । ସାପ କାମୁଡ଼ି ଦେବା ଭୟରେ ଅନେକ ସ୍ଥଳରେ ଲୋକେ ସାପକୁ ଦେଖିଲା ମାତ୍ରେ ଗୋଡ଼ାଇ ଗୋଡ଼ାଇ ମାରି ଦେଇଥାନ୍ତି । ଅପରପକ୍ଷେ ସାପ ଏକ ନିରୀହ ପ୍ରାଣି ହୋଇଥିବା ବେଳେ ତାର ଶରୀରକୁ ଆଘାତ ନ କରିବା ଯାଏଁ ସେ କାହାର କିଛି କ୍ଷତି କରେ ନାହିଁ । ବାସ୍ତବରେ ସାପ ନିଜର ସୁରକ୍ଷା ପାଇଁ ହିଁ ଅନ୍ୟକୁ ଆଘାତ କରିବାକୁ ବାଧ୍ୟ ହୋଇଥାଏ । ସାପକୁ ଦେଖିଲେ ମଣିଷ ଯେତିକି ଭୟ କରେ ମଣିଷକୁ ଦେଖି ତା'ଠୁ ଅଧିକ ସାପ ଭିତରେ ମଧ୍ୟ ଭୟ ଜାତ ହେଉଥିବା କୁହାଯାଏ । ଭୌତିକାନୁଗତ ମଣିଷ ଜଙ୍ଗଲ କାଟି ସବୁଜ ପରିବେଶର ଦ୍ରୁତ ଅବକ୍ଷୟ କରିବା ଏବଂ ଜଳବାୟୁରେ ଆହେତୁକ ପରିବର୍ତ୍ତନ ଯୋଗୁଁ ସାପ ମାନେ ବାସହରା ଓ ଖାଦ୍ୟହରା ହୋଇ ପଡ଼ିଛନ୍ତି । ଫଳରେ ଖାଦ୍ୟ ଅନ୍ୱେଷଣ ଏବଂ ସୁରକ୍ଷିତ ବଂଶ ବିସ୍ତାର କରିବା ପାଇଁ ସାପମାନେ ବାଧ୍ୟ ହୋଇ ଜନବସତି ଆଡ଼କୁ ମୁହାଁଉଥିବା ବିଶେଷଜ୍ଞ ମାନେ କହନ୍ତି । ଫଳରେ ମଣିଷ ଓ ସାପଙ୍କ ମଧ୍ୟରେ ମୁହାଁମୁହିଁ ଲଢ଼େଇ ହୋଇ ଉଭୟ ମଣିଷ ଏବଂ ସାପର ଜୀବନହାନୀ ଘଟୁଛି ।

ସାଧାରଣରେ ସାପ ପ୍ରତି ରହିଥିବା ଆତଙ୍କ ଓ ଭୁଲଧାରଣା ଦୂର କରିବା ସହ ଏହି ପ୍ରାଚୀନ ଜୀବର ବିଭିନ୍ନ ପ୍ରଜାତି ବିଷୟରେ ଜାଣିବା, ତାର ପ୍ରାକୃତିକ ଆବାସସ୍ଥଳୀ, ଖାଦ୍ୟ ଆହରଣ, ସାପ ମଣିଷ ବିବାଦର କାରଣ ଓ ସାପ ପ୍ରତି ସତର୍କତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଜୁଲାଇ ମାସ ୧୬ ତାରିଖକୁ 'ବିଶ୍ୱ ସର୍ପ ଦିବସ' ଭାବରେ ପାଳନ କରାଯାଇ ଆସୁଛି । ଅଦ୍ୟାବଧି ବିଶ୍ୱରେ ୩୪୫୮ ପ୍ରଜାତିର ସାପ ଚିହ୍ନଟ କରାଯାଇଛି । ଆମ ଦେଶ ଭାରତରେ ୩୦୦ ରୁ ଉର୍ଦ୍ଧ ଏବଂ ଓଡ଼ିଶାରେ ପ୍ରାୟ ୮୨ ପ୍ରଜାତିର ସାପ ରହିଥିବା ବିଭିନ୍ନ ଗବେଷଣାତ୍ମକ ତଥ୍ୟରୁ ଜଣାପଡ଼େ । ଭାରତରେ ରହିଥିବା ସାପମାନଙ୍କ ମଧ୍ୟରୁ ପ୍ରାୟ ୮୨ ପ୍ରତିଶତ ସାପ ବିଷହୀନ ହୋଇଥାନ୍ତି । ବଳକା ୧୮ ପ୍ରତିଶତ ସାପ ବିଷଧର ହୋଇଥିଲେ ମଧ୍ୟ ଏହି ସବୁ ସାପଙ୍କ ଦଂଶନ ଜନିତ ବିଷକ୍ରିୟାରୁ ସୁସ୍ଥ ହେବା ପାଇଁ ସଂପ୍ରତି ଉନ୍ନତ ଚିକିତ୍ସା ପଦ୍ଧତି ଉପଲବ୍ଧ ହୋଇସାରିଛି । ତେଣୁ ସାପ କାମୁଡ଼ି ଦେଲେ ଅଯଥା କାଳବିଳମ୍ବ ନକରି ଅତିଶୀଘ୍ର ଡାକ୍ତରି ଚିକିତ୍ସା କରାଯାଇ ପାରିଲେ ରୋଗୀ ସୁସ୍ଥ ହେବାର ସମ୍ଭାବନା ଖୁବ ଅଧିକ ଥାଏ । କିନ୍ତୁ ଅନେକ କ୍ଷେତ୍ରରେ ଲୋକଙ୍କ ଅସଚେତନତା, ଅନ୍ଧବିଶ୍ୱାସ ଯୋଗୁଁ ରୋଗୀ ନିଜ ଲୋକଙ୍କ ଦ୍ୱାରା ଅବହେଳାର ଶୀକାର ହୋଇ ମୃତ୍ୟୁ ମୁଖରେ ପଡୁଥିବା ଦେଖାଯାଏ । ବିଶ୍ୱରେ ପ୍ରତିବର୍ଷ ସାପ କାମୁଡ଼ାରେ ଲକ୍ଷାଧିକ ମଣିଷଙ୍କ ଜୀବନ ଯାଇଥାଏ। ଭାରତରେ ସଡ଼କ ଦୁର୍ଘଟଣା ପରେ ଦ୍ୱିତୀୟ ମୁଖ୍ୟ ଦୁର୍ଘଟଣା ହେଉଛି ସର୍ପ ଦଂଶନ । ଆମ ଦେଶରେ ସାପ କାମୁଡ଼ାରେ ବର୍ଷକୁ ୫୦ ହଜାରରୁ ଅଧିକ ଲୋକ ପ୍ରାଣ ହରାଉଥିବା ଆକଳନ କହେ । ଚିନ୍ତାର ବିଷୟ ଯେ, ସର୍ପ ଦଂଶନରେ ମୃତ୍ୟୁବରଣ କରୁଥିବା ଲୋକଙ୍କ ମଧ୍ୟରୁ ଚାରି ଭାଗରୁ ଏକ ଭାଗ ଶିଶୁ ରହିଛନ୍ତି । ଆଣ୍ଟାର୍କଟିକା ମହାଦେଶରେ ଆଦୌ ସାପ ଦେଖାଯାଉ ନଥିବା ବେଳେ ନ୍ୟୁଜିଲାଣ୍ଡରେ କୌଣସି ସ୍ଥଳଚର ସାପ ଦେଖା ଯାଆନ୍ତି ନାହିଁ । କିନ୍ତୁ ବ୍ରାଜିଲର ଏକ ଦ୍ୱୀପରେ ପ୍ରତି ଗୋଟିଏ ବର୍ଗ ମିଟରରେ ପାଂଚଟି ସାପ ଦେଖା ଯାଆନ୍ତି । ଫଳରେ ଉକ୍ତ ଦ୍ୱୀପକୁ ନିଷିଦ୍ଧ ଅଂଚଳ ଭାବରେ ଘୋଷଣା କରାଯାଇଛି ।

ପୂର୍ବ ଅପେକ୍ଷା ଗତ କିଛି ବର୍ଷ ହେଲା ସାପକୁ ନେଇ ଧିରେଧିରେ ଲୋକଙ୍କ ମଧ୍ୟରେ ସଚେତନତା ବୃଦ୍ଧି ପାଇବାରେ ଲାଗିଛି । ଅନେକ ସାପଧରାଳି ଗ୍ରାମାଂଚଳରେ ଏବେ ସାପ ଧରୁଥିବା ଦେଖିବାକୁ ମିଳୁଛି । ଫଳରେ ଲୋକେ ଆଗ ଭଳି ସାପଟିଏ ଦେଖିଲେ ତାକୁ ମାରି ନଦେଇ ସାପ ଧରାଳିଙ୍କ ସହଯୋଗ ନେଉଛନ୍ତି । ସାପଧରାଳିମାନେ ମଧ୍ୟ ସାପକୁ ନମାରି ତାକୁ ସୁରକ୍ଷିତ ସ୍ଥାନରେ ଛାଡ଼ି ଦେଉଥିବା କିମ୍ବା ବନ ବିଭାଗକୁ ହସ୍ତାନ୍ତର କରୁଥିବା ଦେଖିବାକୁ ମିଳୁଛି। ତେବେ ଗ୍ରାମାଂଚଳର ଅନେକ ସ୍ଥଳରେ ଅଣତାଲିମ ପ୍ରାପ୍ତ ସାପଧରାଳି ବିନା ସରଞ୍ଜାମରେ ବିପଦପୂର୍ଣ୍ଣ ଭାବରେ ସାପ ଧରୁ ଥିବା କାରଣରୁ ବିଭିନ୍ନ ପ୍ରକାର ଅଘଟଣ ମଧ୍ୟ ଘଟୁଛି । ସରକାରଙ୍କ ତରଫରୁ ସାପଧରାଳିମାନଙ୍କୁ ଚିହ୍ନଟ କରି ସେମାନଙ୍କ ପଞ୍ଜିକରଣ କରିବା ସହ ପ୍ରଶିକ୍ଷିତ କରାଗଲେ ଏହା ଉଭୟ ସାପଧରାଳି ଓ ସାଧାରଣ ଲୋକଙ୍କ ପାଇଁ ଅଧିକ ଲାଭଦାୟକ ହୋଇ ପାରନ୍ତା । ଆବଶ୍ୟକ ପ୍ରଶିକ୍ଷଣ ଓ ସଚେତନତାର ଅଭାବ କାରଣରୁ କିଛି ସାପଧରାଳି ବାହାଦୁରି ଦେଖାଇବାକୁ ଯାଇ ସାପକୁ ଦାନ୍ତରେ ଖେଳାଇବାରେ ଲାଗନ୍ତି । ସାପ ଧରିବା ଓ ଖେଳାଇବା ବେଳର ଫଟୋ ଉଠାଇ କିମ୍ବା ଭିଡ଼ିଓ ସୁଟିଂ କରି ସାମାଜିକ ଗଣମାଧ୍ୟମରେ ଛାଡ଼ିଥାନ୍ତି । ଏଭଳି କାର୍ଯ୍ୟ ଉଭୟ ମଣିଷ ଏବଂ ସାପଙ୍କ ପାଇଁ ବିପଦପୂର୍ଣ୍ଣ ହୋଇଥିବା ଯୋଗୁଁ ୧୦୧୪ ଡିସେମ୍ବର ୩୦ରୁ ୱାଇଲ୍ଡ ଲାଇଫ ଲାଇନ୍ କନଟ୍ରୋଲ ବ୍ୟୁରୋ ତରଫରୁ ବନ୍ୟପ୍ରାଣୀଙ୍କୁ ଧରି ଖେଳ ଖେଳାଇବା ଓ ଏହାର ଭିଡ଼ିଓକୁ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିବାକୁ ସଂପୂର୍ଣ୍ଣ ଅବୈଧ ଘୋଷଣା କରାଯାଇଛି । ଏପରି କରିବାକୁ ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ୧୯୭୨ର ଉଲଂଘନ ଜନିତ ଅପରାଧ ଧରାଯାଇ ସଂପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନର ବ୍ୟବସ୍ଥା ରହିଛି । ତଥାପି ସଚେତନତାର ଅଭାବ କାରଣରୁ ଅନେକ ବ୍ୟକ୍ତି ସାପକୁ ଧରି ଦୁଃସାହସିକ କାର୍ଯ୍ୟ କରୁଥିବା ଦୃଶ୍ୟ ଅନେକ ସମୟରେ ସାମାଜିକ ଗଣମାଧ୍ୟମରେ ଦେଖିବାକୁ ମିଳୁଛି । ଏବେ ତ ଅନେକ ବିରଳ ପ୍ରଜାତିର ସାପ ବେଆଇନ ଭାବରେ ଚୋରା ଚାଲାଣ ହେଉଥିବା ଦେଖିବାକୁ ମିଳୁଛି । ଏହି ସାପ ଗୁଡ଼ିକ ଅନ୍ତର୍ଜାତୀୟ ବଜାରରେ ଲକ୍ଷାଧିକ ଟଙ୍କାରେ ବିକ୍ରି ହେଉଥିବା ମଧ୍ୟ ଚର୍ଚ୍ଚା ହେଉଛି । ଫଳରେ ଅନେକ ମାଫିଆ ସାପର ଚୋରା କାରବାରରେ ମାତିଥିବା ଖବର ଗଣମାଧ୍ୟମରୁ ଜାଣିବାକୁ ମିଳୁଛି । ସାପ ଚୋରା ଚାଲାଣକୁ ରୋକା ନ ଗଲେ ଏହା ସାପ ଭଳି ଏକ ନିରୀହ ସରୀସୃପ ପାଇଁ ଆଗାମୀ ଦିନରେ ବଡ଼ ବିପଦ ହୋଇ ଯାଇପାରେ ।

ସାପ ମଣିଷର ଶତ୍ରୁ ନୁହେଁ । ବରଂ ଆମ ପରିବେଶର ଶୃଙ୍ଖଳିତ ଭାରସାମ୍ୟ ସକାଶେ ଅନ୍ୟ ଜୀବଙ୍କ ଭଳି ସାପ ମାନେ ରହିବା ନିତାନ୍ତ ଆବଶ୍ୟକ । ଆମେ ଭୁଲିଯିବା ଉଚିତ ନୁହେଁ ଯେ, ସାପ ମାନଙ୍କ ବିଷ ସଂଗ୍ରହ କରି ସେଥିରୁ ପ୍ରସ୍ତୁତ ଔଷଧ୍ୟ ଓ ଇଞ୍ଜେକସନ ଦ୍ୱାରା ବହୁ ବଡ଼ ବଡ଼ ରୋଗର ଉପଶମ କରାଯାଇ ମୂଲ୍ୟବାନ ମଣିଷ ଜୀବନକୁ ରକ୍ଷା କରାଯାଇ ପାରୁଛି । ଏଭଳି ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବରେ ସାପ ମଣିଷ ସମାଜର ବହୁବିଧ ଉପକାର କରିଥାଏ । ତେଣୁ ସାପକୁ ଶତ୍ରୁ ନଭାବି ଆମ ପରିବେଶରେ ସାପର ଆବଶ୍ୟକତାକୁ ନେଇ ସଚେତନ ଓ ସତର୍କ ହେଲେ ହିଁ 'ବିଶ୍ୱ ସର୍ପ ଦିବସ' ପାଳନର ପ୍ରକୃତ ଲକ୍ଷ୍ୟ ପୂରଣ ହୋଇପାରିବ ।

ସିନାପାଲି, ନୂଆପଡ଼ା

# ଅଗ୍ନୀବୀର



**ଅଜୟ କୁମାର ବେହେରା**

ଏଇ ଚାରି ଅକ୍ଷରର ଏ ଶବ୍ଦଟି ନୂଆ ନୁହଁ। ଏହାର ପ୍ରମାଣିକ ଓ ପୌରାଣିକ ତଥ୍ୟ ବି ଅଛି। କୁହାଯାଏ ପୂର୍ବେ ଯୁଦ୍ଧ ବାହୁଯୁଦ୍ଧ ଯାହା ବଳ କଷାକଷିରେ ହାର ଜିତ ଥିଲା। ଯହିଁରେ ଅସ୍ତ୍ରର ବା ଶସ୍ତ୍ରର ଆବଶ୍ୟକତା ନଥାଏ ମାତ୍ର ସମୟାନ୍ତରକୁ ଅପେକ୍ଷାକୃତ ଅତି ସବଳ ମାଂସପେଶୀ ସଞ୍ଚାଳକ ଗୁରୁଠାରୁ ଯୁଦ୍ଧ କୌଶଳ ଶିକ୍ଷିତ ବ୍ୟକ୍ତି ସହିତ ଦୁର୍ବଳ ବ୍ୟକ୍ତି ଟିଏ ଯୁଦ୍ଧକୁ ସାମର୍ଥ୍ୟ ଦେଖାଇପାରେ ନାହିଁ। ହେଲେ କୌଶଳରେ ଭୟ ଦେଖାଇ ବଳବାନକୁ ପରାସ୍ତ କରିବା ଚିନ୍ତନର ପ୍ରବେଶ ମନୁଷ୍ୟ ମୁଣ୍ଡରେ ପଶିଲା। ଏ ମଧରେ ଅସ୍ତ୍ର ଶସ୍ତ୍ରର ବ୍ୟବହାର ଆସିଗଲା। ପଶୁପକ୍ଷୀଙ୍କୁ ଘଉଡାଇବା ପାଇଁ ଶବ୍ଦ କରି ଟେକା ଫୋପାଡି ଘଉଡାଯାଏ ବା ଆବଶ୍ୟକ ହେଲେ ପକ୍ଷୁପକ୍ଷୀକୁ ଟେଳା ଫୋପାଡ଼ି ମାରି ଦିଆଯାଇପାରେ। ଏଥିରୁ ବାହାରିଲା ବୁଦ୍ଧି ମୁନିଆଁ ତୀକ୍ଷ୍ଣ ପଥର ମୁଣ୍ଡା କାଠ, ଧାତବ ଖଣ୍ଡ ଇତ୍ୟାଦି ଏହା ପରେ ପୁଣି ସଂସ୍କାର ହୋଇ ଖଣ୍ଡା, ବର୍ଚ୍ଛା, ତୀର, ତେଣ୍ଟା ପରି ଅସ୍ତ୍ରର ବ୍ୟବହାର, ପୋଂପଡ଼ ମରା ଠେଙ୍ଗା ପିଟାରୁ ଗଦା ପରି ଓଜନ ପିଟୁଣି ବାହାର କରାଗଲା। ଏହା ବାରମ୍ବାର ସଂସ୍କାର ହୋଇ ଅସ୍ତ୍ର, କ୍ଷେପଣାସ୍ତ୍ର ଆସିଗଲା।

ରାଜାଙ୍କସ ସ୍ୱ ରାଜଧାନୀ ଛାଡ଼ି ପ୍ରଜା ବାସକୁ ନଯାଇ ପ୍ରଜାଙ୍କୁ ଡରାଇ ମରାଇ ଧରାଇ ଦଣ୍ଡ ଦେଇ ପ୍ରଶାସନ ଜାହିର କରୁଥିଲେ। ଏପରିକି ବହୁ କୌଶଳ ବିଫଳ ପରେ ଗୋପ ସର୍ଦ୍ଦାର ନନ୍ଦରାଜଙ୍କ ଦି ପୁଅଙ୍କୁ ଛଳ ଛଦ୍ମ କରି ସ୍ୱରାଜଧାନୀରେ ନିସଙ୍ଗ ଖେଳ ପ୍ରତିଯୋଗିତା ଆଳରେ ମରାଇବାର ଏକ ଚକ୍ରାନ୍ତ କରିଥିଲେ। ସେ ଏକ ଧନୁଘର ପ୍ରତିଷ୍ଠା କରି ପ୍ରଜାରେ ପ୍ରଚାର କରୁଥିଲେ ରାଜ ବିରୋଧକୁ କେମିତି ଦୂରରୁ ଅସ୍ତ୍ର ଉତ୍କ୍ଷେପଣୁ ନିଶେଷ କରାଯାଇପାରେ ଏଇ ଧନୁ ଘର ହିଁ ବର୍ତ୍ତମାନ କ୍ଷେପଣାସ୍ତ୍ର ଉତ୍କ୍ଷେପଣ କେନ୍ଦ୍ରର ଏକ ମୌଳିକ ରୂପ। ରାଜା ଆଦେଶରେ ପ୍ରଜାକୁ ବାସହରା ଗେଗ ସମ୍ଭବ, ଚାଷହରା ହେବା ବିରଳ ନୁହେଁ ବୃତ୍ତିହରା କଥା ଛାଡ଼। ସବୁ ମୂଳରେ ରାଜା ପ୍ରଜାଙ୍କର ଅହିଭୟ ସ୍ରଷ୍ଟା। ଏସବୁ ଅନ୍ତଃ ଘଟାଇଥିଲେ ସେହି କୃଷ୍ଣବଳରାମ, ତହାଳ ସେମାନେ ଅଗ୍ନୀବୀର। ଜଣେ ଔଷଧର ଜଡ଼ିବୁଟିର ସଂରକ୍ଷିତ ଜଙ୍ଗଲ କରିଛନ୍ତି। ଜଣକୁ ଜଟିଳ ରୋଗ ସେ ଜଡ଼ିବୁଟିର ଭସ୍ମ ଖାଇଲେ ରୋଗମୁକ୍ତ ହୋଇପାରନ୍ତି ମାତ୍ର ଏହା ସମ୍ଭବ ନୁହଁ କାରଣ ଜଙ୍ଗଲଟି ବଜ୍ର ଅଗ୍ନିହସ୍ତା ଦେବରାଜ ଇନ୍ଦ୍ରଙ୍କର ଉପବନ, ତଥାପି ଉପାୟ ଖୋଜରେ ଘଟଣାର ପୂର୍ଣ୍ଣଛେଦ ପଡ଼ିଲା। ବନାଗ୍ନି ପ୍ରଜ୍ୱଳିତ ହେଲା ଏହାର ଉଦ୍ୟୋକ୍ତା ଦୁଇଜଣ ଅଗ୍ନିବୀର ଅର୍ଜୁନ ଓ ଶ୍ରୀକୃଷ୍ଣ। ଅଗ୍ନିଙ୍କର ଲଦୁବୁଦ ଅଗ୍ନିମାଳ୍ୟ ସେ ଜଙ୍ଗଲ ଭସ୍ମରେ ଆରୋଗ୍ୟ ହୋଇଥିଲା। ଆର୍ୟୁବେଦରେ ଭସ୍ମର ବ୍ୟବହାର ଅଛି। କାରଣ ମାରଣା ଶୋଧନ ପ୍ରକ୍ରିୟା ଅଛି। ଏହା ଅଗ୍ନି ସମ୍ବନ୍ଧର ପ୍ରକ୍ରିୟା ଏ ପାଇଁ ଉପାୟ ସ୍ରଷ୍ଟାଙ୍କ ନାମ ଅଗ୍ନିବେଶ। ତେବେ କେଉଁ ଭସ୍ମ କେଉଁ ରୋଗ ଭଲ କରିପାରେ ଏହା ଦ୍ରବ୍ୟଗୁଣରେ ଲେଖିରଖିଛନ୍ତି। ପାଉଁଶ ହୋଇଗଲେ ସବୁ ସମାନ ପାଉଁଶରୁ କିଏ କଣ କେମିତି ବଛାଯିବ? ଏ ପାଇଁ ଶାସ୍ତ୍ରରେ ଅତି ସାବଧାନ ତଥ୍ୟ ଅଛି।

ବିଭୁତି, ଭୁତି ଶିବଙ୍କର ବିଭୁତିର ନାମ। ସେ ବିଭୁତି ଭୂଷଣ ତାଙ୍କର ତିନି ନେତ୍ରରୁ ୧ ନେତ୍ର ଅଗ୍ନିନେତ୍ର। ତାଣ୍ଡବ ନାଚିଲେ ସେ ନେତ୍ର ଖୋଲେ। ସେ ନାଚରେ ପ୍ରଳୟ ହୋଇପାରେ। ଯାହା ସବୁ ଧ୍ୱଂସ ହେଲେ ସେ ଶାନ୍ତରେ ସବୁ ଶାସ୍ତ୍ର ତାଙ୍କପରି ଜ୍ଞାନ କିଏ ଅଛି ଦାନୀ କିଏ ଅଛି। ଅତଏବ ସେ ଅଗ୍ନି ଦମନକାରୀ ବ୍ୟକ୍ତି। ଅଗ୍ନି ଅନେକ ପ୍ରକାରରୁ କାମାଗ୍ନୀ ଯୁବକାଳରେ ଜଟିଳ ରୂପ ନେଇପାରେ ସେ ଠାକୁର କାଶ ଦହନକାରୀ କାମ ମର୍ଦ୍ଦକ କନ୍ଦର୍ପକୁ ଅନଙ୍ଗ କରିଦେଇଛନ୍ତି। ଏପରି ଅଗ୍ନିବୀର କିଏ ଅଛି? ରାଜଶକ୍ତିଙ୍କର ଅନେକ ଦେବକଳା ଅଛି। ଯଥା ଇନ୍ଦ୍ରକଳା, ବରୁଣକଳା, ବୈଶ୍ୱାନର ଅଗ୍ନିକଳା ଅଛି। ରାଜକୋପରୁ ତ୍ରାହି ସମ୍ଭବ ନୁହେଁ। ଦେଖ ଏ ଦେଶରୁ ଟଙ୍କା ଋଣ ହଡ଼ପ କରି ବିଜୟ ମାଲ୍ୟା ଓ ହୀରା ବେପାରୀ ନିରବ ଓ ବମ୍ବେରେ ଦଙ୍ଗାରଟାଇ ଦାଉଦ ବିଦେଶରେ ଲୁଚିଲେ ବ ତ୍ରାହିଁ ନାହିଁ। ଲାଡ଼େନ ସଦାମ ଯେତେ ପ୍ରକାର ଆତ୍ମଗୋପନ କଲେ ବି ଆମେରିକା ପ୍ରଶାସନ ଖୋଜି ଖୋଜି ତାଙ୍କୁ ଦଣ୍ଡ ଦେଇଛନ୍ତି। ସେମିତି ବିଭିନ୍ନ ରାଜ୍ୟ ପୋଲିସ ଚୋର ଡାକୁ ଠକକୁ ପଳାତକକୁ ଭିନ୍ନ ଭିନ୍ନ ପ୍ରକାର ତଲାସୀରେ ଖୋଜକରି ରାଜଦଣ୍ଡ ଭୋକ୍ତା କରାଉଛନ୍ତି। ରାଜା ଓ ଭଗବାନ ସ୍ୱହସ୍ତରେ ଦଣ୍ଡ ଦିଅନ୍ତି ନାହିଁ। ଏ ସବୁ କାର୍ଯ୍ୟ ଯେଉଁମାନଙ୍କ ଦ୍ୱାରା ସାଧିତ ହୁଏ ସେ ଅଗ୍ନିବୀର। ଦେଖ ଅତୀତର ଠଗୀ ଦମନ, ପିଣ୍ଡାରୀ ଦମନ ପରି କାର୍ଯ୍ୟ ବିଭିନ୍ନ ରାଜ ପ୍ରଶାସନ କରିଥିେ ଏବେ ଉଗ୍ରପନ୍ଥୀ, ନକ୍ସଲ ପରି ଆକ୍ରମଣକାରୀ ବିଦ୍ରୋହକାରୀ ସରକାର ଦମନ ଲିପ୍ତ ଅଛନ୍ତି। ଏସବୁ ପାଇଁ ଶୌର୍ଯ୍ୟବଳ ନିହାତି ଆବଶ୍ୟକ। ଏହା ସହିତ ବିସ୍ତାରବାଦୀ ଲୁଟକାରୀ ଗୋଷ୍ଠୀ ବିଚ୍ଛେଦକାରୀ ଗୋଷ୍ଠୀଙ୍କୁ ଦମନକାରୀ ବ୍ୟକ୍ତି ଆବଶ୍ୟକ। ପ୍ରାକୃତିକ ଦୁର୍ବିପାକ ସାଂଘାତିକ ଏଥିରେ ପୂର୍ଣ୍ଣ ସାହାସକୁ କିଛି ତାଲିମରେ ରହି ତାଙ୍କର ଅନୁଭୂତିକୁ ପୁଣି ବିକାଶ, ପ୍ରସାର ତାଙ୍କର ଉତ୍ତରାଧିକାରୀ ସମସାମୟିକ ବନ୍ଧୁ ପରିଜନ ମଧରେ ସେମାନେ କରି ଏକ ସାହାସର ମହୋଲ ତିଆରି କରିପାରିବେ।

ରାଶି ଚକ୍ରରେ 'ଅ' ଲୁଚିଛି ବୃଶ୍ଚିକାର ୧ମ ପାଦରେ ଯହିଁରେ ଏବେ ଦୁର୍ଦ୍ଦାନ୍ତ ରାହୁ ଅଛନ୍ତି। ଯେ ଅଗ୍ନିରାଶିରେ ଅଗ୍ନି ନକ୍ଷତ୍ରରେ ଅଛନ୍ତି ବେଦ ବିରୁଦ୍ଧ ଗ୍ରହ ଏ ପାଇଁ ସରକାରଙ୍କ ଘୋଷଣା ବିରୁଦ୍ଧରେ ଲୋକେ ଏକ ଭୁଲବୁଝାମଣାରେ ଉତ୍ୟକ୍ତ। ପ୍ରକୃତରେ ରାହୁ ଏକ ମୁଣ୍ଡ ଏହା ଗୋଡ଼ହାତ କେତୁ ଏହାକୁ ଉସକାଇ କୌଣସି ଏକ କପଟ ଶକ୍ତି ଘଟଣାକୁ ଭିନ୍ନ ରୂପ ଦେବାକୁ ଚେଷ୍ଟିତ। ଅଗ୍ନିବୀର ପ୍ରସଙ୍ଗକୁ ରଦ୍ଦ ବା ପଣ୍ଡ ପାଇଁ ଚେଷ୍ଟା କରାଯାଉଛି। ଏନସିସି ବିଦ୍ୟାଳୟରେ ଲାଗୁ ପାଇଁ ଆଦେଶ ହେଲା ପରେ ପରେ କଲେଜରେ ବି ଲାଗୁ ହେଲା ହେଲେ ସେତେବେଳେ ଏମିତି ଗୁଜବ ଲୋକମତ ରାଜ ଆଦେଶ ବିରୁଦ୍ଧରେ ହୋଇଥିଲା। ଏହା ପୂର୍ବରୁ ଦେଶରେ ଏସିସି ପରି ଶିକ୍ଷା ଥିଲା, ସ୍କାଉଟ ବଳଚର ସଂସ୍ଥାରେ ତାଲିମ ଥିଲା। ପ୍ରତି ବିଦ୍ୟାଳୟରେ ଡ୍ରିଲ କ୍ଲାସ, ପିଟିଆଇ ପରେ ପିଇଟିଙ୍କ ଦ୍ୱାରା କରାଯାଉଛି ଶନିବାର ସକାଳୁ ମାସ ଡ୍ରିଲ ଅନେକ ବିଦ୍ୟାଳୟରେ କରାଯାଉଥିଲା। ଲୋକେ ସ୍ୱାସ୍ଥ୍ୟ ସଚେତନ ଶରୀରର ସୁସ୍ଥ ରଖିବା ପାଇଁ ଏବେ ଯୋଗକୁ ପ୍ରାଧାନ୍ୟ ଦେଲେଣି ଅଥଚ ଏହାର ବିଭିନ୍ନ ପ୍ରକାର ଅଙ୍ଗ ସଞ୍ଚାଳନ ପ୍ରକ୍ରିୟା ୪ର୍ଥରୁ ୧୦ମ ଯାଏ ଶିକ୍ଷା ଦିଆଯାଇଥାଏ। ଏହାକୁ ଯଦି ଶିକ୍ଷା ବିଭାଗ କେବେ ବଦଳାଇବେ ଏମିତି କିଛି ବିରୁଦ୍ଧ ମତ ବି ଆସିପାରେ।

ଯୁବଶକ୍ତି ନିଶ୍ଚେ ଏକ ଶକ୍ତିଶାଳୀ ଶକ୍ତି। ଯୁବଶକ୍ତି ହିଁ ଶତ୍ରୁର ମୁକାବିଲା ପାଇଁ ଦକ୍ଷତା ହାସଲ କରିପାରିବେ। ମହାଭାରତ ଯୁଦ୍ଧ ରାମାୟଣରେ ଭୟଙ୍କର ମୁକାବିଲା ଯୁଦ୍ଧରେ ଯୁବକମାନେ ହିଁ ମୁକାବିଲା କରିଥିଲେ ତେବେ ଅଧିକ ବୟସ ଯୁଥ ପଡ଼ିବା ଚମୁପତି ବା ସେନାପତି ମୁଖ୍ୟ ସେନାପତି ଥିଲେ। ଏଥିରେ ଶତ୍ରୁର ତାପ ସହି ଶତ୍ରୁର ଶକ୍ତିକୁ ପ୍ରତିହତ କରିବାରେ ଗୁରୁତ୍ୱପୂର୍ଣ୍ଣ ସମ୍ମାନ ଅଛି। ଯୁଦ୍ଧ ବୀରଗତି ପ୍ରାପ୍ତ ଯବାନର ଶରୀର ମୃତ ହେଲେ ବି ସରକାରଙ୍କ ମୁଖ୍ୟ ମୁଖ୍ୟ କର୍ଣ୍ଣଧାର ସଲାମ କରୁଛନ୍ତି। ଯୁଦ୍ଧଜୟୀ ବୀର ହିଁ ବରେଣ୍ୟ। ଅତଏବ ଏହି ଅଗ୍ନୀବୀର ଯୋଜନା ଚାଲୁହେଲେ ଆସ୍ତେ ଆସ୍ତେ ପର ସରକାର ପରିସ୍ଥିତି ଦେଖି ଭିନ୍ନ ପ୍ରକାର କଲ୍ୟାଣ ଯୋଜନା କରିପାରନ୍ତି। ତେବେ ସୈନ୍ୟ ବିଭାଗର କଣ କଣ ଯୋଜନା ଏଇଟା ସାର୍ବଜନୀନ କେବେ କରାଯାଏନାହିଁ। ଯେତେବେଳେ ହେବ ତାହା ଦେଶ ପାଇଁ ଦେଶବାସୀଙ୍କ ଅମଙ୍ଗର ଡାକ ଦେବ।


ବରେଣ୍ୟ ବାଣୀ
ପିସି ସରକାର ଲେନ୍,
ଅରୁଣୋଦୟ ମାର୍କେଟ, କଟକ,
ମୋ: ୯୪୩୭୦୩୧୨୫୩




## ଦୁବରେ ଥାଏ ଔଷଧୀୟ ଗୁଣ

**ଅମରନାଥ ବାରିକ୍**

ମଧୁମେୟ ରୋଗ କରେ ନିୟନ୍ତ୍ରଣ
ରକ୍ତ ଚାପରୁ ମୁକତି
ଦୁବ ଘାସ ରସ ଦୁଇ ଚାମଚ ରେ
ମିଶାଇଲେ ନିମ ପତି ।

ସକାଳୁ ସକାଳୁ ଅଖିଆ ପେଟରେ
ଗୋଟେ ଗିଲାସ ପାଣିରେ
ନିୟମିତ କଲେ ସେବନ ଏହାକୁ
ଯନ୍ତ୍ରଣା ରୁ ଦୁର କରେ ।

ହେଉଥିଲେ କେବେ ମାଢ଼ିରେ ଦରଜ
ରେଢ଼ା ଉପଶମ ପାଇଁ
ମାଲିସ କରିଲେ ଦୂର୍ବାଦଳ ରସ
ମିଳେ ଆରାମ ଟି ତହିଁ ।

ଚର୍ମ ରୋଗ ଥିଲେ ଦେହରେ ପୁରୁଣା
ହେଉଥାଏ ଯଦି ବ୍ରଣ
ମୁଲତାନି ମାଟି ହଳଦୀ ସାଥିରେ
ଦୁବ ରସ ଦେବ ପୁଣ ।

ଲଗାଇ ଏହାକୁ କିଛି କ୍ଷଣ ପରେ
ପାଣିରେ ଦେବଟି ଧୋଇ
ଧିରେ ଧିରେ ବ୍ରଣ ଭଲ ହୋଇଯିବ
ଦାଗ ବି ଯିବ ଉଭେଇ ।

ଋତୁସ୍ରାବ ଯଦି ଅନିୟମିତତା
ହେଉଥାଏ ନାରୀଙ୍କର
ଏକ ଚାମଚର ମଧୁ ସହିତ ରେ
ଦୁବ ରସ ପାନ କର ।

ପାଟିକୁ ଲାଗିଲେ ସ୍ୱାଦୁ କି ଅରୁଚି
ନଦେଖିଲେ ଆମେ ତାହା
ଗ୍ରହଣ କରିଲେ ଔଷଧୀୟ ରୂପେ
ମିଳିବ ଆମକୁ ରାହା ।

ଶରୀର ରହିବସୁସ୍ଥ ଓ ସବଳ
କାମରେ ଲାଗିବ ମନ
ଚମତ୍କାର ତା'ର ମହାନତା ଗୁଣ
ଲେଖେ ତା ବିଧିବିଧାନ ।


କୟାଁ, ମଙ୍ଗଳପୁର, ଯାଜପୁର
ଓଡ଼ିଶା - ୭୫୫୦୧୧
୯୫୪୦୩୦୮୦୯୫


## ବଦଳା ଜୀବନ

**ଦେବାଶିଷ ମହାନ୍ତି**

ବଦଳା ଜୀବନେ ରଙ୍ଗ ବଦଳଇ କେବେ ସାତରଙ୍ଗେ ଭରା,
ସମୟ ବଦଳେ ମଣିଷ ବଦଳେ କେବେ ଛାଇ କେବେ ଖରା ।

ଆଜି ଅଛେ କାଲି ଥିବା କି ନଥିବା ଆଜି ସୁଖ କାଲି ଦୁଃଖ,
ଦୁଃଖେ ହସିବାର ସୁଖେ କାନ୍ଦିବାର ତାରିକାକୁ ମନେ ରଖ ।

ନବା ଦବା ଏହି ବିଚିତ୍ର ସଂସାରେ ଲୋଭ ମୋହ ବୈରାଗ୍ୟ,
କ୍ଷଣେ ଆସେ କ୍ଷଣେ ବିଲୁପ୍ତ ହୁଅଇ କଲା କର୍ମ ହୁଏ ଭାଗ୍ୟ ।

ଛ ଖଣ୍ଡ କାଠରେ କୋକେଇ ହୁଅଇ ଛ ଖଣ୍ଡେ ଇନ୍ଧୁଡ଼ି ଜଳେ,
ଇନ୍ଧୁଡ଼ି ନିଆଁରୁ ଜୁଇ ନିଆଁ ଯାଏଁ ମଣିଷର ସବୁ ସରେ ।

ସବୁ ଜାଣି ଶୁଣି ବାଇୟା ମଣିଷ ଗୋଟାଏ ସବୁ ଆବୋରି,
ଅଣ୍ଟି କଣା ବୋଲି ହେତୁ ତାର ନାହିଁ ସବୁ ଯାଉଥାଏ ଗଳି ।

ବେଣା ମୂଳ ଖୋଳି ପଇସା ପାଇବା ପାଇଁ ଆଶା କଲା ପରି,
ଅନ୍ଧ ନୋହି ସବୁ ଅଣ୍ଡାଳି ପକାନ୍ତି ବାନ୍ଧି ଆଖିରେ ପୋଟଳି ।

ରାତିରେ ଆକାଶେ ତାରା ଜହ୍ନ ଦେଖି ଦିନ ଦିପହରେ ଖୋଜେ,
ଝଡ଼ ଆଷାଢ଼ରେ କୋଇଲିର ସ୍ୱର ଶୁଣିବାକୁ ମନ ହେଜେ ।

ଆକାଶ କଇଁଆ ଚିଲିକାର ମାଛ ଦିବା ସ୍ୱପ୍ନ ଦେଖୁଥାଏ,
ଗଛରେ ପଣସ ଓଠେ ତେଲ ମାରି ମନକୁ ବୁଝାଉ ଥାଏ ।

ଆଗତ ଚଢେଇ ଶିକାରକୁ ଆଶା ବେସର ବାଟଣ କରେ,
ଗୋଦର ଗୋଡ଼ରେ ବଳା ପିନ୍ଧିବାକୁ ମନେ ମନେ ହେଣ୍ଡି ମାରେ ।

ଆଶାକୁ କରଇ ଆଗୁସାର ସିନା କର୍ମେ ରଖେ ବିଡମ୍ବନା,
ସେଥିପାଇଁ ପରା ଦୁଃଖ ଭୁଂଜେ ଜୀବ ଭ୍ରମେ ହୁଏ ଆନମନା ।


ମଲ୍ଲୀପୁର, ନିଆଳ ଖୋର୍ଦ୍ଧା


## ରଥ

**କବିତା ପଣ୍ଡା**



ବରଷକେ ପରେ
ଆସିଛି ଯାତ
ହସୁଛି କାଳିଆ
ହସେ ଜଗତ...

ଦୁଇ ବରଷ ହେଲା
ଲାଗିନି ଭିଡ଼
ଜଗା ଅଥୟ ଯେ
ଭକତ ମେଳ...

ଗହଳି ଚହଳିରେ
ପୁରିବ ଦାଣ୍ଡ
ଶରଧା ବାଲିରୁ
ସାଗର ମୁଣ୍ଡ...

କେତେ ରୂପ ବେଶ
ହେବ କାଳିଆ
ଝୁଲି ଝୁଲି ରଥେ
ବିଜେ ମନୁଆ...

ଶଙ୍ଖ ହୁଳହୁଳି
ମୃଦଙ୍ଗ ଭେରୀ
ଘଣ୍ଟା ହରିବୋଲ
ଭକ୍ତ ଗୁହାରୀ....

ପଡୁଥିବ ଜଗା
ଜଗାର ଡାକ
ଉଭା ହୋଇଥିବ
କଳା ସାଆନ୍ତ...

ଭାବ ବିନୋଦିଆ
ଭବ ମୁରାରୀ
ଅଟକି ଯିବ ସେ
ଘଡ଼ିକେ ଘଡ଼ି...

ଓଡ଼ିଆର ମାନ
ଗୌରବ ମାଟି
ଗୌରବ ମାଟି

ଜୟ ଜୟ ଜଗା
ହେ ଚକା ଆଖି...


ମଙ୍ଗଳପୁର, ସୋର, ବାଲେଶ୍ୱର
ମୋ: ୭୭୩୫୭୭୬୩୪୨


## ପ୍ରଭାତ ଆସନ୍ତେ

**ପ୍ରତିଭା ସାହୁ**

ସିନ୍ଦୂରା ଫାଟିଲେ ଜହ୍ନ ତାରା ଲୁଚେ
ଆସ୍‌ଇ ପ୍ରଭାତ ରାଣୀ
ପ୍ରକୃତିର ଆଭା ଦିଶେ କେଡେ ଶୋଭା
ଗଢିଛି କେଉଁ ବିନ୍ଧାଣୀ ।

କୁକୁଟର ରାବ ଆହା କି ମଧୁର
ସର୍ବେ ଉଠ ପ୍ରଭାତରେ
କିଚିରି ମିଚିରି ପକ୍ଷୀର କାକଳି
ଶୁଭେ ନୀଳ ଗଗନରେ ।

ପୂର୍ବୁ ଦିଗରେ ରବି ଆଗମନେ
ତିମିର ଗଲାଣି ଲୁଚି
ଲାଲ୍ ଟୁକୁ ଟୁକୁ ସୁନେଲି କିରଣେ
ଜ୍ୟୋତି ଦେଇଥାନ୍ତି ବିଞ୍ଚି।

ପ୍ରଭାତ ଆସନ୍ତେ ପୁଲକିତ ମନ
ମୁଖରେ ଉକୁଟେ ହସ
ଗୋମୟ ସିଞ୍ଚନ କରି ଆକୁଞ୍ଚନ
ଶୁଦ୍ଧପୂତ କର ବାସ ।

କାଖରେ ଗାଗରା ଧରି ବାହାରିଲା
ଗାଆଁ କୂଳ ଭୁଆସୁଣୀ
ସ୍ୱଚ୍ଛ ନଈଜଳେ ସ୍ନାନ ସାରି ଫେରେ
ମୁଣ୍ଡରେ ଓଢଣା ଟାଣି ।

ଏ ଶୁଭ ପ୍ରଭାତ ମଙ୍ଗଳ କରତା
ସବୁରି ପରାଣ ଶାନ୍ତ
ପ୍ରଭାତ ଶୀତଳ ଛୁଆଁରେ ଆସ
କର୍ମରେ ହୋଇବା ଲିପ୍ତ ।।


ବ୍ରଇଣ୍ଡା.. ହାଇସ୍କୁଲ ରୋଡ୍
ମୋ: ୭୦୦୮୨୩୬୯୯୧









କାର୍ତ୍ତିକ ସାଇଁ

## ମିନା ଅପାଙ୍କ ରାମାୟଣ ଟୁଙ୍ଗି (୪୮)

# ସୀତା ହରଣ



(ପୂର୍ବ ପ୍ରକାଶିତ ଉତ୍ତାରୁ)

ଅକମ୍ପନ ଅସୁର ମୁଖରୁ ରାବଣ ରାମ, ଲକ୍ଷ୍ମଣ ଓ ସୀତାଙ୍କ କଥା ଶୁଣିଥିଲା। ଖର, ଦୂଷଣ ଓ ତ୍ରିଶିରା ରାକ୍ଷାସଙ୍କ ସହିତ ତାଙ୍କ ସୈନ୍ୟବଳଙ୍କ ବିନାଶ କଥା ରାବଣ ମନରେ କ୍ରୋଧଜାତ କରିଥିଲା। ପ୍ରଥମ ଥର ପାଇଁ ତା ପ୍ରଭୁତ୍ୱକୁ କେହି ଆହ୍ୱାନ ଦେଇଛି। ଏ କଥା ତାର ହଜମ ହେଉ ନଥିଲା।

ଭଉଣୀ ସୂର୍ପଣଖାର ଦୁର୍ଦ୍ଦଶା ରାବଣକୁ ଦୁଃଖୀ କରିଥିଲା। ସୂର୍ପଣଖାର ଭର୍ତ୍ସନା ତାର ହଜମ ହେଉନଥିଲା। କେବଳ ସେତିକି ନୁହେଁ, ସୀତାଙ୍କ ସୌନ୍ଦର୍ଯ୍ୟର ବର୍ଣ୍ଣନା ରାବଣକୁ ଉତ୍ସାହିତ କରିଥିଲା ସୀତାଙ୍କୁ ପାଇବାକୁ।



ରାବଣ ପୁଣିଥରେ ଦଣ୍ଡକାରଣ୍ୟକୁ ଗଲା ଓ ମାରୀଚ ପାଖରେ ପହଂଚିଲା। ମାରୀଚ ରାମଙ୍କ ଶରାଘାତ ପାଇ ସମୁଦ୍ର କୂଳରେ ପଡ଼ିଲା ପରେ ତାର ବୁଦ୍ଧି ଉଦୟ ହୋଇଥିଲା ଓ ସେ ଏକ ତପସ୍ୱୀ ଜୀବନଯାପନ କରୁଥିଲା।

ରାବଣ ମାରୀଚ ପାଖରେ ପହଂଚି ତାର ଇଚ୍ଛା ବ୍ୟକ୍ତ କରନ୍ତେତ, ମାରୀଚ ତାକୁ ବୁଝାଇବାକୁ ଚେଷ୍ଟା କଲା। "ରାମ ଓ ଲକ୍ଷ୍ମଣଙ୍କ ପିଲାବେଳେ ମୁଁ ତାଙ୍କ ପରାକ୍ରମ ଦେଖିଛି। ଏବେ ସେମାନେ ବଡ଼ ଓ ସେମାନଙ୍କ ପରାକ୍ରମ ବହୁ ଗୁଣରେ ବର୍ଦ୍ଧିତ ହୋଇଥିବ। ତେଣୁ ତାଙ୍କ ସହିତ ଶତ୍ରୁତା କରିବା ଠିକ୍ ହେବନି। ଦ୍ୱିତୀୟ କଥା ସୀତାଙ୍କୁ ହରଣ କରି ତୁମେ କି ଯଶ ଅର୍ଜନ କରିବ? ବରଂ ତୁମର ଏହି କାର୍ଯ୍ୟ ତୁମର ବିନାଶର କାରଣ ହେବ।"

ମାରୀଚର ଉପଦେଶାତ୍ମକ କଥା ଶୁଣି ରାଗି ପ୍ରଚଣ୍ଡ ହେଲା ଓ ସେ ମାରୀଚକୁ ଧମକ ଦେଲା- "ଯଦି ତୁ ମୋ କଥା ନ ମାନିବୁ, ମୁଁ ତୋତେ ଏହି କ୍ଷଣି ବଧ କରିବି।"

ମାରୀଚ ଭାବି ଚିନ୍ତି ଦେଖିଲା-ରାମଙ୍କ ହାତରେ ମୃତ୍ୟୁ ଶ୍ରେୟସ୍କର। ତେଣୁ ସେ ସୀତା ହରଣରେ ରାବଣର ସହାୟତା କରିବାକୁ ରାଜି ହେଲା। ରାବଣର ଯୋଜନା ଅନୁସାରେ ମାରୀଚ ଏକ ସୁବର୍ଣ୍ଣ ମୃଗର ରୂପ ଧାରଣ କରି ଶ୍ରୀରାମଙ୍କ ପର୍ଣ୍ଣ କୁଟୀର ପାଖରେ ସୀତାଙ୍କ ଦୃଷ୍ଟି ଆକର୍ଷଣ କରିବ ଓ ସୀତାଙ୍କୁ ପ୍ରଲୋଭିତ କରିବ। ସୀତା ସୁବର୍ଣ୍ଣ ମୃଗ ପାଇବାକୁ ଇଚ୍ଛା କରିବ। ପ୍ରଥମେ ଶ୍ରୀରାମ ସୁବର୍ଣ୍ଣ ମୃଗକୁ ଜୀବନ୍ତ କରି ଆଣିବାକୁ ଜଙ୍ଗଲରେ ପ୍ରବେଶ କରିବ। ତାଙ୍କର ବିଳମ୍ବ ହେବାର ଦେଖି ସୀତା ଲକ୍ଷ୍ମଣକୁ ବନସ୍ତକୁ ଯିବାକୁ ବାଧ୍ୟ କରିବେ। ଲକ୍ଷ୍ମଣ ବନସ୍ତକୁ ଯିବାପରେ ରାବଣ ଛଦ୍ମବେଶ ଧରି ସୀତାଙ୍କୁ ହରଣ କରିବ।

ରାବଣ ଓ ମାରୀଚ ରାବଣର ଯୋଜନାକୁ କାର୍ଯ୍ୟକାରୀ କରିବାକୁ ବାହାରିଲେ।

ମାରୀଚ ଏକ ସୁବର୍ଣ୍ଣ ମୃଗର ରୂପ ଧାରଣ କଲା ଓ ଶୀଘ୍ରଯାଇ ଶ୍ରୀରାମଙ୍କ କୁଟୀର ପାଖରେ ପହଂଚି ତା ପାଖରେ ଇତସ୍ତତଃ ବୁଲିବାକୁ ଲାଗିଲା। ସୁବର୍ଣ୍ଣ ମୃଗ ପ୍ରଥମେ ରାମ ଓ ଲକ୍ଷ୍ମଣଙ୍କ ଦୃଷ୍ଟି ଆକର୍ଷଣ କଲା। ଶ୍ରୀରାମ ଏପରି ମୃଗକୁ ଦେଖି ଆଶ୍ଚର୍ଯ୍ୟ ହେଲେ ଓ ଲକ୍ଷ୍ମଣଙ୍କୁ ଦେଖାଇଲେ। ଏହା କୌଣସି ରାକ୍ଷସ ବା ମାରୀଚ ଅସୁରର ମାୟା ବୋଲି ଲକ୍ଷ୍ମଣ କହିଲେ।

ସେତେବେଳକୁ କନକ ମୃଗ ରୂପୀ ମାରୀଚ ଅସୁର ସୀତାଙ୍କ ଦୃଷ୍ଟି ଆକର୍ଷଣ କରି ସାରିଥିଲା। ସୀତା ଏପରି ସୁନ୍ଦର ଓ ସୁବର୍ଣ୍ଣ ମୃଗ ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ। ତାଙ୍କ ମନରେ ଏହି ମୃଗ ପ୍ରତି ଅହେତୁକ ଆକର୍ଷଣ ଜାଗ୍ରତ ହୋଇଥିଲା ଓ ସେ ମୃଗକୁ ପାଇବାକୁ ଚାହିଁଥିଲେ। ସେ ତ ଚାହିଁଥିଲେ ସୁବର୍ଣ୍ଣ ମୃଗକୁ ସାଙ୍ଗରେ ନେଇ ଅଯୋଧ୍ୟା ଯିବେ ଓ ସେଠାରେ ସମସ୍ତେ ମୃଗକୁ ଦେଖି ବହୁତ ଖୁସି ହେବେ।

ସୀତା ସଂଗେ ସଂଗେ ଶ୍ରୀରାମଙ୍କ ଡାକିଲେ ଓ ସୁବର୍ଣ୍ଣ ମୃଗକୁ ଦେଖାଇ ତାକୁ ଧରି ଆଣିବାକୁ କହିଲେ। ଭଗବାନ ମଣିଷ ଶରୀରରେ ଜନ୍ମ ହେଲେ ସେମାନେ କାଳର ଅଧିନ ହୁଅନ୍ତି ଓ ସମସ୍ତ ମାନବୀୟ ଗୁଣର ଅଧିକାରୀ ହୁଅନ୍ତି। ତାହା ହିଁ ହୋଇଥିଲେ ପ୍ରଭୁ ଶ୍ରୀରାମ ଓ ମା' ସୀତାଙ୍କ ଲାଗି। ସେମାନେ ମାରୀଚ ଅସୁରର ମାୟାକୁ ବୁଝିପାରିନଥିଲେ ଓ ମାୟା ମୃଗକୁ ସତ ସୁବର୍ଣ୍ଣ ମୃଗ ଭାବିଥିଲେ।

ସୀତାଙ୍କ ଅନୁରୋଧ ରକ୍ଷା କରିବାକୁ ଶ୍ରୀରାମ ସଂଗେ ସଂଗେ ତାଙ୍କ ଧନୁ ତୀର ଧରି ବାହାରିଗଲେ। ଯିବା ଆଗରୁ ଅନୁଜ ଲକ୍ଷ୍ମଣଙ୍କୁ ସତର୍କ କରିଗଲେ- ସୀତାଙ୍କୁ ଜଗି ବସିଥିବା ତାକୁ ଏକୁଟିଆ ଛାଡ଼ି କୁଆଡ଼େ ଯିବ ନାହିଁ।

ରାବଣ ଯୋଜନାର ପ୍ରଥମ ଭାଗ କାର୍ଯ୍ୟକାରୀ ହୋଇଗଲା। ଶ୍ରୀରାମ ମାୟାମୃଗ ପଛରେ ଧାଇଁ ଧାଇଁ ଘୋର ଅରଣ୍ୟରେ ପ୍ରବେଶ କଲେ।

ମିନା ଅପା ରାମାୟଣ କଥା ଏଇଠି ରଖିଲେ।

(କ୍ରମଶଃ) ମୋ: ୯୯୩୮୦୩୦୦୭୫୧



## ବିନୟ କୁମାର ଦାସ

# ଲେଖା ଲେଖି ଓ ବୟସ



ଜେଜେ....

କହ ମୋହିତ...ମୁଁ ଜାଣି ସାରିଲିଣି ସକାଳ ପାଖରୁ ତୋ ମନରେ କିଛି ପ୍ରଶ୍ନ ଉଙ୍କି ମାରୁଚି...ପଚାର ।

ତୁମେ ତ ସର୍ବଜ୍ଞ ଜେଜେ...ସେଇଥିପାଇଁ ପରା ତୁମ ପାଇଁ ମୋ ମନରେ ତୁମ ପ୍ରତି ବହୁତ ବହୁତ ଶ୍ରଦ୍ଧା ସମ୍ମାନ ।

ତୁ ଆଗ ତୋ ସନ୍ଦେହ ଦୂର କର..ତାପରେ ଯୋଉ କଥା...କଣ ପଚାରିବୁ ପଚାର ଜଲଦି।

ଜେଜେ...ତୁମକୁ ହେଲାଣି ଅଶି...ତଥାପି ତୁମେ ବୁଢା ହୋଇନ...ନା ବାଳ ପାଚୁଛି..ନା ଦାନ୍ତ ଝଡୁଚି...ଭଲ ଦେଖି ପାରୁଚ...ଶୁଣି ପାରୁଚ...ନିଜ କାମ ସବୁ ନିଜେ କରି ପାରୁଚ...

ବୁଝିଲୁ ମୋହିତ...ଏଇଟା ଆଜି ତୋର ସନ୍ଦେହ ନୁହେଁ....ସନ୍ଦେହ ଆଉ କିଛି ଅଲଗା..ସେ ସନ୍ଦେହ ଆଗ ଦୂର କର...ତାପରେ ଆଉ ଯୋଉ କଥା.।

ହଉ.ମୁଁ ସିଧା ପଚାରୁଛି...ପିଲାଟି ଦିନରୁ ତୁମେ ଲେଖା ଲେଖି କରୁଥିଲ ବୋଲି ଆଜି ଏ ବୟସ ରେ ବି ଲେଖି ପାରୁଚ...କିନ୍ତୁ ମୁଁ ବୁଝି ପାରୁନି...ତୁମେ ଆମ ମଧୁ ମଉସାକୁ ଲେଖାଲେଖି କରିବାକୁ କହୁଛ କଣ ପାଇଁ...ତାଙ୍କର ଏବେ ଚାଳିଶ ବର୍ଷ ..ଜୀବନରେ ସେ କେବେ କିଛି ଲେଖାଲେଖି କରି ନାହାନ୍ତି...ସେ କଣ କିଛି ଲେଖି ପାରିବେ ?

ବାଃ, ସୁନ୍ଦର ପ୍ରଶ୍ନଟିଏ ତୋ ମନକୁ ଆସିଚି । ଖାଲି ତୋର ନୁହେଁ, ଏ ପ୍ରଶ୍ନ ସବୁରି ମନରେ ଉଣା ଅଧିକେ ଉଙ୍କିମାରେ । ତେବେ ଶୁଣ୍, ତାର ସିଧା ସଳଖ ଉତ୍ତର ହେଲା...ହଁ। ସେ ଲେଖି ପାରିବେ...ନିଶ୍ଚୟ ପାରିବେ । ଖାଲି ସେଥିପାଇଁ ଦରକାର ମନବଳ ଆଉ ଝୁଙ୍କ୍ । ହଁ..ମୁଁ ପାରିବି....ଏଇ ମନୋବୃତ୍ତି ନେଇ କାଗଜ କଲମ ଧରି ବସିଲେ, ଧୀରେଧୀରେ ତାହା କାର୍ଯ୍ୟକାରୀ ହୋଇପାରିବ । ତୁ ଦେଖିବୁନି, ସେ ଗୋଟିଏ ମାସ ଭିତରେ କିଛି ଲେଖି ମୋତେ ଆଣି ଦେଖାଇବେ । ଏମିତି ତ ବହୁ ଦୃଷ୍ଟାନ୍ତ ରହିଚି...

ହଉହେଲା...ତେବେ ମୋତେ କହିଲ ଜଣକ ନାମ ମୁଁ ବି ଟିକେ ଜାଣିଥାଏ....

ଆରେ ବାବୁ, ଜଣେ କାହିଁକି ଏକାଧିକ ଉଦାହରଣ ଦେବି ତୋତେ ।

ହଉ ଦିଅ...

ପ୍ରଥମେ କହିବି..ଜେ ଫ୍ରେ ଚସର୍ । ସେ ଥିଲେ ଜଣେ ଇଂରେଜ କବି । ସାରା ଜଗତଖ୍ୟାତ ଏହି କବି ଜଣକ ମାତ୍ର ଷାଠିଏ ବର୍ଷ ବଂଚି ରହିଥିଲେ।

ତାଙ୍କୁ ଯେତେବେଳେ ମାତ୍ର ୫୪ ବର୍ଷ ବୟସ ସେତିକି ବେଳେ ରଚନା ଆରମ୍ଭ କରିଥିଲେ ବିଶ୍ୱ ପ୍ରସିଦ୍ଧ ଗ୍ରନ୍ଥ 'କ୍ୟାଣ୍ଟର ବେରୀ ଟେଲସ୍'। ଗ୍ରନ୍ଥ ରଚନା ସରିଗଲା, ମାତ୍ର ତାହା ଛପା ହେବା ପୂର୍ବରୁ ସେ ଦୁନିଆରୁ ବିଦାୟ ନେଇ ସାରିଥିଲେ । ଅବଶ୍ୟ ୧୪୭୬ମସିହା ପୂର୍ବରୁ ଇଂଲଣ୍ଡରେ କୌଣସି ପୁସ୍ତକ ଛପା ହୋଇ ପାରୁନଥିଲା ।

ବିଶ୍ୱ ବିଖ୍ୟାତ ଗ୍ରୀକ କବି ହୋମର ଗ୍ରୀକ ଭାଷାରେ ବହୁ ଉପାଦେୟ ପୁସ୍ତକ ରଚନା କରିଯାଇଛନ୍ତି । ସେଥିରୁ ବହୁ ଲେଖା ଅନେକ ଲାଟିନ୍ ଭାଷାରେ ଅନୁଦିତ ହୋଇଛି । ଏସବୁକୁ ଅନୁବାଦ କରିଛନ୍ତି ଓରଲଭି । ତେବେ ଆଶ୍ଚର୍ଯ୍ୟର କଥା ଏହିକି ଯେ ପଚାଶ ବର୍ଷ ବୟସ ପର୍ଯ୍ୟନ୍ତ ଓରଲଭି ନା ଲାଟିନ୍ ଜାଣିଥିଲେ ନା..ଜାଣିଥିଲେ ଗ୍ରୀକ ଭାଷା । ସର୍ବ ପ୍ରଥମେ ସେ ଏହି ଦୁଇଟି ଭାଷାକୁ ଭଲ ଭାବରେ ଆୟତ୍ତ କଲେ ଓ ତାପରେ କଲେ ଅନୁବାଦ । ବୁଝି ପାରୁଛୁ ତ ମୋହିତ, ଏ କାମ କେତେ କଷ୍ଟସାଧ୍ୟ ଆଉ କେତେ ଧୈର୍ଯ୍ୟର ସହିତ ତାହା କରାଯାଇଥିବ ।

ହଁ ଆହୁରି କହୁଛି ଶୁଣ୍...କବି ଲଙ୍ଗଫେଲୋ ଆଧୁନିକ ଭାଷା ବିଜ୍ଞାନର ପ୍ରଫେସର ଥିଲେ । ତାଙ୍କୁ ଯେତେବେଳେ ୪୭ ବର୍ଷ ବୟସ ସେ ନିଜର ଚାକିରୀ ଛାଡି ଦେଇ କବିତା ଲେଖିବା ଆରମ୍ଭ କଲେ । ବୟସ ବଢି ଚାଲିଲା । ବଢି ଚାଲିଲା ତାଙ୍କର କବିତା ଲେଖା ନିଶା । ଥରେ ଜଣେ ଭଦ୍ରଲୋକ ତାଙ୍କୁ ପଚାରିଲେ, 'ଆପଣଙ୍କର ଏତେ ବୟସ ହେଲାଣି । ଚଲାବୁଲା କରିବାରେ କଷ୍ଟ ଅନୁଭବ କରୁଛନ୍ତି । ଆଖି ର ଜ୍ୟୋତି ବି କମି ଗଲାଣି । ଅଥଚ ଏ ପରିସ୍ଥିତିରେ ଆପଣ ଏମିତି ହୃଦୟସ୍ପର୍ଶୀ କବିତାମାନ ରଚନା କରି ପାରୁଛନ୍ତି କେମିତି ?'

ତହୁଁ ସେ ଉତ୍ତର ଦେଇଥିଲେ..'ଆପଣ ଥରେ ଗଭର୍ଣ୍ଣର ଏଲଡିକଟ୍ଙ୍କ ବଗିଚାକୁ ବୁଲି ଯାଆନ୍ତୁ । ଦେଖିବେ ସେଠି ଗୋଟେ ପିଜୁଳି ଗଛ ଅଛି ଯାହାର ବୟସ ଦୁଇ ଶହ ବର୍ଷ । ଦେଖିବେ ସେ ଗଛ ଏବେବି ତା ଦେହରେ ମିଠା ମିଠା ଫଳ ଫଳାଇ ପାରୁଛି । ସେହି ଫଳର ସୁଆଦ ନୂଆ ଗଛ ଫଳ ର ସୁଆଦ ଠାରୁ କିଛି ପରିମାଣରେ କମ୍ ନୁହେଁ । ଯଦି ଗଛଟିଏ ଏତକ କରି ପାରୁଛି ତେବେ ମୁଁ ପାରିବିନି କାହିଁକି ? ବୟସ ବଢିଗଲେ ମୋ ଲେଖାର ସ୍ୱାଦ କମିବ ବା କଣପାଇଁ ?'

ତହୁଁ ମୋହିତ ତାଳି ମାରି କହିଲା ; ବୁଝିଗଲି ଜେଜେ, ତୁମ କଥାରୁ ବହୁତ କିଛି ବୁଝିଗଲି ।'

'ବାଇଆଟା, କଣ ବଝିଲୁ କିରେ... ?'

' ଏଇଆ କି ତୁମ ଲେଖାମାନ ଏତେ ମନଛୁଆଁ ହେଉଛି କଣ ପାଇଁ, ତା କାରଣ ତ ରହିଛି ଏଇଠି...ଆଉ ମୋର ବି ବିଶ୍ୱାସ ଆସିଗଲା...ମଧୁ ମଉସା ବି ନିଶ୍ଚୟ ଲେଖିପାରିବେ ।'

+ଅଂଗାରଗଡିଆ, ବାଲେଶ୍ୱର-୨
ମୋ: ୭୯୭୮୮୬୦୩୬୩

## ଧାରାବାହିକ ଉପନ୍ୟାସ

ଭାଗ-୩

# ଗପ ହେଲେ ବି ସତ

## ରାମଚନ୍ଦ୍ର ସେଠୀ



(ପୂର୍ବ ପ୍ରକାଶିତ ଉତ୍ତାରୁ)

ମହାବଳ ବାଘ ଅପେକ୍ଷା କଲରାପତିଆ ବାଘ ବହୁତ ଭୟଙ୍କର। ଗଛରେ ଚଢ଼ିଗଲେ ମହାବଳ ବାଘ ଗଛରେ ଚଢ଼ିପାରେନି। କାରଣ, ତାକୁ ଗଛଚଢ଼ା ଆସେନି। କିନ୍ତୁ, କଲରାପତିଆ ବାଘ ମାଙ୍କଡ଼ମାନଙ୍କ ପରି ଗଛ ଚଢ଼ାରେ ଓସ୍ତାଦ୍। ଗଛ ଉପରେ ଚଢ଼ି ମାଙ୍କଡ଼ମାନଙ୍କୁ ସିଏ ଗୋଡ଼େଇ ଗୋଡ଼େଇ ଧରେ। ମାଙ୍କଡ଼ ଗୋଠରୁ ସିଏ ଗୋଟିଏ ମାଙ୍କଡ଼କୁ ନିଶ୍ଚିତ ଖାଏ। କଲରାପତିଆ ବାଘ ଗଛ ଉପରେ ପ୍ରାୟ ଅଠରଘଂଟା କାଟେ। ବାକି ସମୟ ଶିକାର ପାଇଁ ତଳକୁ ଖସେ।

ମୋ ପିଲାଦିନର ବଣବୁଲା କଥା ପଢ଼ିଲେ ପାଠକମାନେ ମିଛମିଛ ଭାବିବେ କିନ୍ତୁ ଏହା ନିରାଟ ସତ୍ୟ। ମୁଁ ଯେଉଁ ବଣରେ ବୁଲୁଥିଲି ସେଇ ବଣର ବାଘମାନେ ବର୍ଷକକୁ ଅତି କମରେ ଦଶପନ୍ଦର ଜଣ ମଣିଷ ଖାଉଥିଲେ। ଗାଈଗୋରୁ ଛେଳିମେଣ୍ଢା କୋଡ଼ିଏ ପଚିଶଠୁ ବେଶି ଖାଉଥିଲେ। ଏମାନଙ୍କର ଉତ୍ପାତ ଆହୁରି ବଢ଼ିଗଲେ ଏମାନେ ଶିକାରୀ ହାତରେ ମରୁଥିଲେ। ୧୯୭୨ ମସିହାରେ ବଣ୍ୟଜନ୍ତୁ ବା ଜୀବଜନ୍ତୁ ଶିକାର କରିବା ଆଇନ୍ ଅନୁସାରେ ଦଣ୍ଡନୀୟ ବୋଲି ସରକାର ଘୋଷଣା କଲେ। ମାତ୍ର ତାହା ପୂର୍ବରୁ ଗୋଟେ ମଣିଷଖିଆ ବାଘକୁ ମାରିଲେ ସରକାର ପାଂଚଶହ ଟଙ୍କା ପୁରସ୍କାର ଦେଉଥିଲେ। ଗୋଟେ ଅଜଗର କି ଅହିରାଜ ସାପକୁ ମାରିଲେ ସରକାର ପଚିଶି ଟଙ୍କା ପୁରସ୍କାର ଦେଉଥିଲେ। ଗୋଟେ ମାଙ୍କଡ଼ ମାରି ତା ଲାଂଜକୁ କାଟି ସରକାରଙ୍କୁ ଦେଖେଇଲେ ସରକାର ତାକୁ ବାରଅଣା ପଇସା ପୁରସ୍କାର ଦେଉଥିଲେ। କାରଣ, ମୋ ପିଲାଦିନେ ଆମ ଅଂଚଳରେ ଏମାନଙ୍କ ଦୌରାତ୍ମ୍ୟ ବହୁତ ଥିଲା। ଏମିତି ମରି ମରି ବଣରୁ ଯେତେବେଳେ ସବୁ ଜୀବଜନ୍ତୁଙ୍କ ସଂଖ୍ୟା କମିଗଲା ସେତେବେଳେ ସରକାର କହିଲେ- ଆଉ ମାରନି। ମାରିଲେ ଦଣ୍ଡ ପାଇବ।

ମୋ ବଡ଼ଭାଇ ଡାକବିଭାଗର ସିନିଅର ସୁପରିନ୍‌ଟେଣ୍ଡେଣ୍ଟ ଥିଲେ। ତାଙ୍କର ଗୋଟିଏ ଦୁଇନଳିଆ ରାଇଫଲ ଥିଲା। ସେ ଶିକାରୀ ଥିଲେ। ଏପରିକି ବାଘ ବି ମାରୁଥିଲେ। ସିଏ ଫୁଲବାଣୀରେ ଥିଲାବେଳେ ଦଳେ ଆଦିବାସୀ ଆସି ଭାଇନାଙ୍କୁ ବାଘ ମାରିବାକୁ କହିଲେ। ବାଘଟା ବହୁତ ଗୋରୁଗାଈ ଖାଉଥିଲା ଆଉ ସେଦିନ ସିଏ ତାଙ୍କ ଗାଆଁ ପାଖରେ ଗୋଟେ ବଳଦ ମାରିଦେଇଥିଲା। ଭାଇନା ରାଜି ହେଇଗଲେ। କହିଲେ - ମୁଁ ଯିବି। ମୁର୍ଦ୍ଦାରଟା ଯେଉଁଠି ପଡ଼ିଚି ତା ପାଖ ଗୋଟେ ବଡ଼ ଗଛରେ ଅଠରଫୁଟ ଉଚ୍ଚରେ ଗୋଟେ ମଂଚା କରିବ। ମୋ ବନ୍ଧୁକରୁ ଗୁଳି ଫୁଟିବାର ପାଂଚମିନିଟ୍ ଯାଏ ଅପେକ୍ଷା କରିବ। କାରଣ, ବାଘର ଠିକ୍ ଜାଗାର ଗୁଳି ନବାଜିଥିଲେ ମୁଁ ଦ୍ୱିତୀୟ ଗୁଳି ଫୁଟେଇବି। ପାଂଚମିନିଟ୍ ଭିତରେ ମୋ ଦ୍ୱିତୀୟ ଗୁଳି ନ ଫୁଟିଲେ ତୁମେ ଭାବିବ ବାଘଟା ମରିଗଲା। ଆଉ, ସମସ୍ତେ ସେଇଠିକି ଯିବ।

ମୋ ବୟସ ସେତେବେଳକୁ ଚଉଦ ପନ୍ଦର ବର୍ଷ ହେବ। ମୁଁ ସେଇଠି ଥିଲି। ଭାଇନା ବାଘ ମାରିବାପାଇଁ ଯିବେ ଶୁଣି ମତେ ବଡ଼ କୁତୁକୁତୁ ଲାଗିଲା। ସେ ପ୍ରଥମେ ମତେ ନାହିଁ ନାହିଁ କଲେ। ତାପରେ ରାଜିହେଲେ। ମୁଁ ଗୋଟେ ଗାମୁଛା ସାଙ୍ଗରେ ନେଇଥିଲି। କାରଣ, ଗାମୁଛାଟା ପାଖରେ ଥିଲେ ସେଇ ଗାମୁଛାରେ ମୁଁ ମତେ ଗୋଟେ ଗଛ ଡାଳରେ ବାନ୍ଧିବି।

ଆମେ ଦୁଇଭାଇ ଚାରିଟାବେଳକୁ ସେଇ ଆଦିବାସୀଙ୍କ ଗାଆଁରେ ଯାଇ ପହଂଚିଲୁ। ସେମାନେ ଆମକୁ ନଈପାଖକୁ ନେଇଗଲେ। ସେଇଠି ଗୋଟେ ବଳଦ ମରି ପଡ଼ିଥିଲା। ତା ପେଟରୁ ଅଧେ ବାଘ ଖାଇଦେଇଚି। (କ୍ରମଶଃ)

+ ହାତୀମୁଣ୍ଡା, ବାଣୀପୁର, ଖୋର୍ଦ୍ଧା

## କବିତା ତୁମ ପାଇଁ

### ଗଛ ଦିଏ ଅମ୍ଳଜାନ

ଦୀପକ କୁମାର ମିଶ୍ର



କୁନା, ମୁନା, ଟୁନା, ରୁନା, ଝୁନା
କଥାଟି କହେ ଅନାରେ ଅନା ।
ଗଛ ଆମର କେତେ ନିଜର
ଛାଇ ସହ ଦିଏ ଫଳ ପତର ।

ନିଜେ ଜଳି ତିଆରେ ଅମ୍ଳଜାନ
ଏଣୁ ବଞ୍ଚଇ ମଣିଷଙ୍କ ଜୀବନ ।
ଯେବେ ନ ରହିବ ବୃକ୍ଷରାଜି
ଜୀବ ଜଗତ ଯିବରେ ହଜି ।

ଆସ ସଭିଏଁ ମେଳି କରିବା
ବନ ମହୋତ୍ସବ ଆମେ ପାଳିବା ।
ଗଛ ଲଗାଇବା ଭଳିକି ଭଳି
ଆମ୍ବ, କରମଙ୍ଗା ଆଉ ପିଜୁଳି ।
ପଣସ ଲେମ୍ବୁ ସଙ୍ଗେ ଜାମୁକୋଳି
ପରିବେଶ ଖୁସିରେ ଯିବ ଉଚ୍ଛୁଳି ।
ସମାଜ ଆମକୁ ମନେ ରଖିବ
ଭଲ ମଣିଷ ଆମମାନଙ୍କୁ କହିବ ।

+ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦

### ପରିବେଶ ଯତ୍ନ ନେବା

ଆଦ୍ୟାଶା ମହାପାତ୍ର



ନଭ ଜଳ ସ୍ଥଳ ବାୟୁ ଭୂମଣ୍ଡଳ
ପ୍ରାଣୀ ଉଦ୍ଭିଦ ଜଗତ
ଏସବୁକୁ ନେଇ ଗଢା ଏ ସଂସାର
ଲାଗେ ଏବେ ପ୍ରଦୂଷିତ।
ଆସ ପିଲାମାନେ ଏକ ଏକ କରି
ବୃକ୍ଷ ରୋପଣ କରିବା
ଆମ ପରିବେଶ ଆମ ଚତୁଃପାର୍ଶ୍ୱ
ଯତନ ତାହାର ନେବା ।
ସଡକ କଡରେ ବାଡି ବଗିଚାରେ
ଚାରା ଆଣି ପୋତିଦେବା
ସୁମନ ସୁବାସେ ପରିବେଶଟିକୁ
ମହକିତ କରିଦେବା।
ସୁଜଳା ସୁଫଳା ହୋଇବ ଧରିତ୍ରୀ
ହସିବ ପ୍ରକୃତି ରାଣୀ
ସ୍ୱଚ୍ଛ ସମୀରଣ ପ୍ରଶ୍ୱାସେ ଆମର
ପ୍ରବାହିତ ହେବ ପୁଣି।
ବୃକ୍ଷ ମୃତ୍ତିକାକୁ ସଂରକ୍ଷଣ କରେ
ହୁଏ ବର୍ଷାର କାରଣ
କେତେ ପଶୁପକ୍ଷୀ ଲୋଡିବେ ଆଶ୍ରୟ
କରିବ ସେ ଛାୟା ଦାନ।
ଏ ଜୀବ ଜଗତ ଖୁସିରେ ବଞ୍ଚିବେ
ନଭୋଗିବେ ପରାଭବ
ପ୍ରଦୂଷଣ ମୁକ୍ତ ହେବ ପରିବେଶ
ମାଟି ମା ହସି ଉଠିବ

+ନୂଆପଡା,କଟକ

### ବରଷା ଆସିଛି

ଜଗଦୀଶ ସାହୁ



ବରଷା ଆସିଛି ଗାଆଁକୁ ମୋର
ଭିଜେଇ ଦେଇଛି ଚାଳ ଛପର
ଟପଟପ ପଡ଼େ ପାଣି
କାଗଜ ଡଙ୍ଗାକୁ ଦାଣ୍ଡରେ ଭସେଇ
ହସୁଛି କଣ୍ଢେଇ ରାଣୀ !

ସରସର ପାଣି ଯାଉଛି ବହି
ଗାଆଁ ପୋଖରୀରେ ମିଶିବା ପାଇଁ
ବେଙ୍ଗ ବେଙ୍ଗୁଲୀଙ୍କ ରଡି
ଶୁଣି ଆମ ସାଇ ତରତର ହୋଇ
ମାଆ କାନି ଧରେ ଭିଡି !

ଫୁଲଫୁଟି ଧରା ସୁନ୍ଦର ଦିଶେ
ସବୁଜ ଘାସରେ ପଡିଆ ହସେ
ନାଲି ନୀଳ କଇଁଫୁଲ
ପୋଖରୀର ଶୋଭା ବଢ଼େଇ ଦିଅନ୍ତି
କିଏ ହେବ ତାଙ୍କ ତୁଲ!

ବରଷା ଅଟଇ ଚାଷୀର ମିତ
ପାହାଡି ଝରଣା ଗାଉଛି ଗୀତ
ଜଳରେ ଜୀବନ ଗଢ଼ା
ମଙ୍ଗଳମୟ ଏ ବରଷା ଋତୁଟି
ସଭିଙ୍କ ପାଇଁକି ଲୋଡ଼ା !

ସଞ୍ଜପଡା, ହିନ୍ଦୋଳ
ଢେଙ୍କାନାଳ,୭୫୯୧୨୮
ମୋ :-୯୦୭୮୧୮୫୬୧୬



# କ୍ୟାପିଟାଲ ଓ ଆଚାର୍ଯ୍ୟ ହରିହର କର୍କଟ ହସ୍ପିଟାଲକୁ ଆଉଟସୋର୍ସିଂକୁ ବିରୋଧ କରି କଂଗ୍ରେସର ଧାରଣା

ଭୁବନେଶ୍ୱର ,୧୫/୦୭ (ନି.ପ୍ର): କ୍ୟାପିଟାଲ ହସ୍ପିଟାଲ ଓ ଆଚାର୍ଯ୍ୟ ହରିହର କର୍କଟ ହସ୍ପିଟାଲରେ ଆଉଟସୋର୍ସିଂ ନିଯୁକ୍ତିକୁ ବିରୋଧ କରିଛି କଂଗ୍ରେସ। ଏହାର ପ୍ରତିବାଦରେ ଗୁରୁବାରଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶଙ୍କ ସଭାପତିତ୍ୱରେ ଭୁବନେଶ୍ୱର ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। କଂଗ୍ରେସ କହିଛି କ୍ୟାପିଟାଲ ହସପିଟାଲକୁ ରାଜ୍ୟର ଅନ୍ୟତମ ଉତ୍କୃଷ୍ଟମାନ ହସପିଟାଲ କରି ଗଢ଼ି ତୋଳିବା ସହିତ ପୋଷ୍ଟ ଗ୍ରାଜୁଏଟ ପିଲାମାନଙ୍କର ଶିକ୍ଷାନୁଷ୍ଠାନ କରିବାପାଇଁ ନବୀନ ସରକାର ପ୍ରତିଶ୍ରୁତି ଦେଇଥିଲେ। ସରକାର ସ୍ୱାସ୍ଥ୍ୟଭଳି ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ସିଧାସଳଖ ନିଯୁକ୍ତି ପ୍ରଦାନ ନକରି ଏ ସବୁକୁ ଆଜି ଆଉଟସୋର୍ସିଂ କରିବାପାଇଁ ନିଷ୍ପତି ନେଇସାରିଛନ୍ତି। ଯଦି ସରକାର ନିଜେ ନିଯୁକ୍ତି କରିପାରୁ ନାହାନ୍ତି ତାହାହେଲେ ବେସରକାରୀ ସଂସ୍ଥା ଦ୍ୱାରା ନିଯୁକ୍ତି କରାଇବା ଓ ଏ ସମସ୍ତ ସଂସ୍ଥାକୁ ବେସରକାରୀ ସଂସ୍ଥାକୁ ଟେକିଦେବା । ଏହା କଣ ନବୀନ ବାବୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତନ ଆଣିବାରେ ନିଷ୍ଠା କି ବୋଲି କଂଗ୍ରେସ ପ୍ରଶ୍ନ କରିଛି। ସାରା ଓଡ଼ିଶାର ଆଚାର୍ଯ୍ୟ ହରିହର କର୍କଟ ଗବେଷଣା କେନ୍ଦ୍ର କର୍କଟ ରୋଗି ମାନଙ୍କ ଆଶା ଭରଷା। ଆଜି ରାଜ୍ୟରେ କର୍କଟ ରୋଗୀଙ୍କ ସଂଖ୍ୟା ହୁ ହୁ ବଢୁଥିଲା ବେଳେ ସରକାର ନିଜର ଉତର ଦାୟୀତ୍ୱ ନେବା ପରିବର୍ତେ ଏହାର ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗକୁ ଆଉଟସୋର୍ସିଂ କରିବା କ'ଣ ଉଚିତ କି ? ଏ ଆଉଟସୋର୍ସିଂ କରିବାଦ୍ୱାରା ଗରିବ ଜନସାଧାରଣଙ୍କ ପାଖରୁ ଅଧିକ ୟୁଜର୍ସଫି ଆଦାୟ ହେବ ଏବଂ ଓଡ଼ିଶାର ମାନବସମ୍ବଳକୁ ଠିକା କର୍ମଚାରି ନିଯୁକ୍ତି କରିବା ଶ୍ରେୟ ହେବ ବୋଲି ଶ୍ରୀ ଦାଶ କହିଛନ୍ତି। ସେହିପରି ବରିଷ୍ଠ କଂଗ୍ରେସ ନେତା ତଥା ବିଧାୟକ ସୁରେଶ କୁମାର ରାଉତରାୟ ସରକାରଙ୍କୁ କଟୁ ସମାଲୋଚନା କରିବା ସହିତ ଏହି ନିଷ୍ପତିରୁ ତୁରନ୍ତ ସରକାର ଓହରି ଯାଆନ୍ତୁ ବୋଲି କହିଥିଲେ। ବରିଷ୍ଠ ଆଇନଜୀବି ଏବଂ କଂଗ୍ରେସ ନେତା ଶିବାନନ୍ଦ ରାୟ ସରକାରଙ୍କୁ ଏ ନିଷ୍ପତିରୁ କ୍ଷାନ୍ତ ରହିବା ସହିତ ଟାଟା ଯେଉଁ କ୍ୟାନସର ହସପିଟାଲ କରିବା କଥା ତାହା କୁଆଡ଼େ ଗଲା ବୋଲି ପ୍ରଶ୍ନ କରିଥିଲେ। ଯୁବ କଂଗ୍ରେସ ସଭାପତି ଡ. ସ୍ମୃତି ରଞ୍ଜନ ଲେଙ୍କା ସରକାର ସିଧାସଳଖ ନିଯୁକ୍ତି ଦେବା ପରିବର୍ତେ କାହିଁକି ରାଜ୍ୟର ଯୁବକମାନଙ୍କର ଭବିଷ୍ୟତକୁ କିଛି ବେପାରିଙ୍କ ହାତରେ ଟେକି ଦେଉଛନ୍ତି। ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ଆସନ୍ତା ଦିନରେ ସରକାର ଏହି ନିଷ୍ପତିରୁ ନ ଓହରିଲେ ଜନସାଧାରଣଙ୍କ ସ୍ୱାର୍ଥରକ୍ଷା ପାଇଁ ସରକାରଙ୍କ ବିରୋଧରେ ଲଢ଼େଇ ଯୋରଦାର ହେବ। ଏହି ପ୍ରତିବାଦ ସଭାରେ ଅନ୍ୟମାନଙ୍କ ମଧ୍ୟରେ ମୋହନ ଜେନା, ସୁବ୍ରତ ମହାପାତ୍ର, ମିହିର ଆଚାର୍ଯ୍ୟ, ଦେବରାଜ ମିଶ୍ର, ବ୍ରହ୍ମାନନ୍ଦ ସାହୁ, ଆଶିଷ ମଲ୍ଲିକ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ସାହାରା ଅଫିସ୍ ଘେରିଲେ ଜମାକାରୀ

ଭୁବନେଶ୍ୱର ,୧୫/୦୭ (ନି.ପ୍ର): ହଜାର ହଜାର ସାହାରା ଜମାକାରୀ ଶହୀଦନଗର ସ୍ଥିତ ସାହାରା ଜୋନାଲ୍ କାର୍ଯ୍ୟାଳୟ ଘେରାଉ କରିଛନ୍ତି। କମିଶନରେଟ୍ ପୋଲିସ୍ ଉଦ୍ୟମରେ ସାହାରା ଓଡ଼ିଶା ମୁଖ୍ୟ ବାବୁ ବସନ୍ତିଆ ଆସି ଜମାକାରୀମାନଙ୍କୁ ଟଙ୍କା ଫେରସ୍ତ ପାଇଁ ଲକ୍ଷ୍ମୌ ମୁଖ୍ୟ କାର୍ଯ୍ୟାଳୟକୁ ଜଣାଇଥିବା ସୂଚନା ଦେଇଥିଲେ ବି, ସେବିର କଟକଣା ହେତୁ ଜମାକାରୀମାନଙ୍କ ପରିପକ୍ୱ ରାଶି ଫେରାଇବାରେ ପ୍ରତିବନ୍ଧକ ହେଉଥିବା କଥା କହିଥିଲେ। ସାହାରା ଜମାକାରୀ ମଞ୍ଚର କର୍ମକର୍ତା ଓ ଜମାକାରୀ ମିଳିତ ମଂଚର କର୍ମକର୍ତ୍ତାମାନେ ସାହାରା ରାଜ୍ୟ ମୁଖ୍ୟମାନେ ଜମାକାରୀମାନଙ୍କୁ ସୁପ୍ରିମ୍ କୋର୍ଟ,ଦିଲ୍ଲୀ ହାଇକୋର୍ଟ ଓ ସେବି ସଂସ୍ଥାର ପଦକ୍ଷେପ ସମ୍ପର୍କରେ ଭୁଲ ତଥ୍ୟ ପରିବେଷଣ କରି ଜମାକାରୀଙ୍କଠାରୁ ଟଙ୍କା ଆଦାୟ କରିଚାଲିଛନ୍ତି। ସାହାରା କମ୍ପାନୀ ହାଉସିଂ ସ୍କିମ୍‌ରେ ଜମାକାରୀଙ୍କ ପାଖରୁ ନେଇଥିବା ଟଙ୍କା ସହ ସମସ୍ତ ଜମାକାରୀଙ୍କ ତଥ୍ୟ ସେବି ନିକଟରେ ଉପସ୍ଥାପନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ସାହାରାର ରାଜ୍ୟ କର୍ତୃପକ୍ଷ ୪ଟି ମଲ୍‌ଟି ଷ୍ଟେଟ୍ ସମବାୟ ସଂସ୍ଥା ଜରିଆରେ ଜମାକାରୀଙ୍କୁ ଭୁଲ ତଥ୍ୟ ଦେଇ ଜମା ଟଙ୍କା ନେଇ ସୁପ୍ରିମ କୋର୍ଟ, ହାଇକୋର୍ଟ ଏବଂ ସେବି ନାଁରେ ମିଛ ପ୍ରଚାର କରି ପରିପକ୍ୱ ରାଶି ଫାଙ୍କି ଚାଲିଛି। ନୂତନ ବି.ଏମ୍.ସି. କାର୍ଯ୍ୟାଳୟଠାରୁ ସାହାରା ଜମାକାରୀ ମଞ୍ଚ ଓ ଆର୍ଥିକ ସଂସ୍ଥାମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତଙ୍କ ମିଳିତ ମଞ୍ଚ ନେତୃତ୍ୱରେ ହଜାର ହଜାର ଜମାକାରୀ ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମା କରି ଶହୀଦନଗରସ୍ଥିତ ସାହାରା କାର୍ଯ୍ୟାଳୟରେ ପହଞ୍ଚିବା ପରେ ସାହାରା ଜମାକାରୀ ମଞ୍ଚର ରାଜ୍ୟ ସଭାପତି ବିଜୟ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବରିଷ୍ଠ ସାମ୍ବାଦିକ ରବି ଦାସ, ଆର୍ଥିକ ସଂସ୍ଥାମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତଙ୍କ ମିଳିତ ମଂଚର ସଭାପତି ଜୟନ୍ତ ଦାସ, ସାଧାରଣ ସମ୍ପାଦକ ମଧୁସୂଦନ ବିଶ୍ୱାଳ, ରାଜ୍ୟ ନେତ୍ରୀ ଅନୁରାଧା ସୁବୁଦ୍ଧି, ସାହାରା ଜମାକାରୀ ମଞ୍ଚର ସମ୍ପାଦକ ସଞ୍ଜୀବ ପଣ୍ଡା, ଉପସଭାପତି ସୁନୀଲ କୁମାର ଦାସ, ସାହାରା ଜମାକାରୀମାନଙ୍କର ସର୍ବଭାରତୀୟ ଉପଦେଷ୍ଟା ତଥା ଆଇନଜୀବୀ ଅମନ୍ ଶ୍ରୀବାସ୍ତବ, ଉତ୍ତର ପରିଡ଼ା, ଅମରେଶ୍ୱର ତ୍ରିପାଠୀ, ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ସାହାରା ରାଜ୍ୟ ମୁଖ୍ୟ ଶ୍ରୀମତୀ ସୀମା ଦାସ ଓ ବାବୁ ବସନ୍ତିଆ ତାଙ୍କ ନିଜ ବାସଭବନରେ ରହି ଜମାକାରୀମାନଙ୍କ ଦାବି ଶୁଣିବାକୁ ନ ଆସିବାରୁ କମିଶନରେଟ୍ ପୋଲିସ୍ ଉଦ୍ୟମରେ ସେମାନଙ୍କୁ କାର୍ଯ୍ୟାଳୟକୁ ଅଣାଯାଇଥିଲା। ଜମାଟଙ୍କା ଫେରସ୍ତ ପ୍ରକ୍ରିୟା ଆଗାମୀ ୧୦ ଦିନ ମଧ୍ୟରେ ତ୍ୱରାନ୍ୱିତ ନହେଲେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜମାକାରୀ ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଥିଲା।

# ରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ସିଇଓଙ୍କ ନିର୍ବାଚନ ପ୍ରକୋଷ୍ଠ ପରିଦର୍ଶନ

ଭୁବନେଶ୍ୱର,୧୫/୦୭ (ନି.ପ୍ର): ଆସନ୍ତା ୧୮ ତାରିଖରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନ କାର୍ଯ୍ୟର ସମୀକ୍ଷା ସହ ଗୁରୁବାର ଅପରାହ୍ନରେ ବିଧାନସଭା ପରିଦର୍ଶନ କରିଛନ୍ତି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ। ସେ ବିଧାନସଭା ଗୃହର ୫୪ ନଂ ପ୍ରକୋଷ୍ଠରେ ହୋଇଥିବା ଭୋଟିଂ କମ୍ପାଟମେଂଟ ଓ ଭୋଟରଙ୍କ ପ୍ରତୀକ୍ଷା କକ୍ଷ, ଗଣମାଧ୍ୟମ ପ୍ରତିନିଧିଙ୍କ ଖବର ସଂଗ୍ରହ ସ୍ଥାନ ପରିଦର୍ଶନ କରିଥିଲେ । ରାଷ୍ଟ୍ରପତି ନିର୍ବାଚନ କାର୍ଯ୍ୟରେ ନିୟୋଜିତ ହୋଇଥିବା ପୁଲିଙ୍ଗ ଅଧିକାରୀ, ସୁରକ୍ଷା ଅଧିକାରୀ ଓ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ହୋଇଥିବା ସମସ୍ତ କର୍ମଚାରୀଙ୍କ ସହ ଆଲୋଚନା କରି ଶାନ୍ତିଶୃଙ୍ଖଳା ସହିତ ନିର୍ବାଚନ କାର୍ଯ୍ୟ ପରିଚାଳନା କରିବାକୁ ସେ ପରାମର୍ଶ ଦେଇଥିଲେ । ରାଷ୍ଟ୍ରପତି ନିର୍ବାଚନରେ ଭୋଟରମାନେ ଯେପରି ସୁରୁଖୁରୁରେ ମତଦାନ କରିପାରିବେ ସେ ନେଇ ସେ ପ୍ରତ୍ୟେକ ପୁଲିଙ୍ଗ ଅଧିକାରୀଙ୍କର କାର୍ଯ୍ୟ ସଂପର୍କରେ ଅବଗତ କରାଇଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସହକାରୀ ରିଟର୍ଣ୍ଣିଂ ଅଧିକାରୀ ଆର. ରଘୁରାମ ଆୟାର ଓ ଗଙ୍ଗାଧର ମଲ୍ଲିକ, ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର, ଯୁଗ୍ମ ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରମୋଦ କୁମାର ସାହୁ, ସମସ୍ତ ପୁଲିଙ୍ଗ ଅଧିକାରୀ, ବିଧାନସଭା ସୁରକ୍ଷା ଅଧିକାରୀ ଗୋପାଳ କୃଷ୍ଣ ବେହେରା, ଅତିରିକ୍ତ ଏସ୍‌ପି, ସହକାରୀ ମାର୍ଶାଲଙ୍କ ସହ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ଦ ଓଡ଼ିଶା ବିଜ୍ଞାନ ମଣ୍ଡଳର କଟକ କାର୍ଯ୍ୟକ୍ରମରେ ବିଜ୍ଞାନ ମନ୍ଥନରୁ ଅମୃତ ମହୋତ୍ସବ

କଟକ/ଭୁବନେଶ୍ୱର,୧୫/୦୭ (ନି.ପ୍ର): ଦ ଓଡ଼ିଶା ବିଜ୍ଞାନ ମଣ୍ଡଳ ଆନୁକୂଲ୍ୟରେ ଗୁରୁବାର ତୁଳସୀପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ୧ମ ଓଡ଼ିଆ ବିଜ୍ଞାନ ସମ୍ମିଳନୀ (ସାଇନ୍ସ ଫେଷ୍ଟ)-୨୦୨୨ ଓ ବିଦ୍ୟାର୍ଥୀ ବିଜ୍ଞାନ ମନ୍ଥନର ରାଜ୍ୟସ୍ତରୀୟ ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହୋଇ ଯାଇଛି । ମୁଖ୍ୟ ଅତିଥିଭାବେ ଯୋଗଦେଇ ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ୍ ବିଜ୍ଞାନର ଦୁଇଟି ରୂପ- ପରାପ୍ରକୃତି ଓ ଅପରାପ୍ରକୃତି ବିଷୟରେ କହିଥିଲେ । ପରାପ୍ରକୃତି ଆଧ୍ୟାତ୍ମିକତାକୁ ବାଟ କଢ଼ାଏ ଓ ଅପରାପ୍ରକୃତି ପାର୍ଥିବ ସୁଖ ଦେଇଥାଏ । ଅନ୍ତରର ଆବିଷ୍କାର ହିଁ ପ୍ରକୃତ ଗବେଷଣା, ବିଜ୍ଞାନର ବାସ୍ତବ ଅଧ୍ୟୟନ । ମୁଖ୍ୟବକ୍ତା ଡ. ଅନୀଲ କୁମାର ମିଶ୍ର ବୈଜ୍ଞାନିକଙ୍କୁ କୈବର୍ତ୍ତରାଜ ନିଷାଦ ସହ ତୁଳନା କରିଥିଲେ । ତନ୍ମୟ ହେଲେ ଯାଇ ବ୍ୟକ୍ତି ସତ୍ୟର ନିକଟତର ହୋଇପାରିବ ବୋଲି ସେ କହିଥିଲେ । ଏହି ଅବସରରେ ଦ ଓଡ଼ିଶା ବିଜ୍ଞାନ ମଣ୍ଡଳ ତରଫରୁ ବିଭିନ୍ନ କ୍ଷେତ୍ରରେ ଜୀବନବ୍ୟାପୀ ସାଧନାପାଇଁ ଛଅଜଣ ପ୍ରାଜ୍ଞପୁରୁଷଙ୍କୁ ସମ୍ମାନିତ କରାଯାଇଥିଲା । ପ୍ରଫେସର ତ୍ରିଲୋଚନ ପ୍ରଧାନ ପାଇଲେ ମରଣୋତ୍ତର ପଠାଣି ସାମନ୍ତ ସମ୍ମାନ-୨୦୨୨ । ଶିକ୍ଷାକୁ ସମାଜର ଶେଷଲୋକ ପାଖରେ ପହଁଚାଇଥିବାରୁ ବିଦ୍ୟାଭାରତୀର ଅଖିଳ ଭାରତୀୟ ସଙ୍ଗଠନ ମନ୍ତ୍ରୀ ଶ୍ରୀ ଗୋବିନ୍ଦ ଚନ୍ଦ୍ର ମହାନ୍ତଙ୍କୁ ଉତ୍କଳମଣି ଶିକ୍ଷା ସମ୍ମାନ-୨୦୨୨ରେ ସମ୍ମାନୀତ କରାଗଲା । ଲକ୍ଷ୍ମଣ ମିଶ୍ର ଲୋକପ୍ରିୟ ବିଜ୍ଞାନ ପୁରସ୍କାର-୨୦୨୨ ପାଇଲେ ସୁଲେଖକ ପ୍ରଫେସର ଲମ୍ବୋଦର ପ୍ରସାଦ ସିଂ । ପ୍ରଫେସର ବାସୁଦେବ କର ଭେଷଜ ଚିକିତ୍ସା ସମ୍ମାନ-୨୦୨୨ ପାଇଲେ ବିଶିଷ୍ଟ ଦନ୍ତ ଚିକିତ୍ସକ ଡା. ସଞ୍ଜିତ୍ କୁମାର ପଣ୍ଡା । ପ୍ରଫେସର ପ୍ରାଣକୃଷ୍ଣ ପରିଜା ବିଜ୍ଞାନ ସମ୍ମାନ-୨୦୨୨ ପାଇଲେ ବିଶିଷ୍ଟ ବୈଜ୍ଞାନିକ ଡଃ ବିଜୟ କୁମାର ଶତପଥି । ଇଂ. ଭୁବନାନନ୍ଦ ପ୍ରଯୁକ୍ତି ବିଦ୍ୟା ସମ୍ମାନ-୨୦୨୨ ପାଇଲେ ବିଶିଷ୍ଟ ଗବେଷକ ପ୍ରଫେସର ଧନୁଷଧାରୀ ମିଶ୍ର । ରାଜପାଳଙ୍କୁ ବିଜ୍ଞାନ ମଣ୍ଡଳ ତରଫରୁ ଇଂ. ଅରୁଣ କୁମାର ସାହୁ ସମ୍ବର୍ଦ୍ଧିତ କଲେ । ବିଦ୍ୟାର୍ଥୀ ବିଜ୍ଞାନ ମନ୍ଥନରେ ରାଜ୍ୟସ୍ତରୀୟ ୧୮ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ରାଜ୍ୟପାଳ ପୁରସ୍କାର ରାଶି, ପ୍ରମାଣ ପତ୍ର ଓ ମେମେଣ୍ଟୋ ଦେଇ ପୁରସ୍କୃତ କରିଥିଲେ । ଏହି ପ୍ରତିଯୋଗୀତାରେ ଏ ବର୍ଷ ସମୁଦାୟ ୩୨୩୧ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ ଓ ସମୁଦାୟ ୬୦୦୦୦ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା । ବିଜ୍ଞାନ ଭାରତୀ, ଏନ୍.ସି.ଇ.ଆର୍.ଟି., ବିଜ୍ଞାନ ପ୍ରସାର ମିଳିତ ଭାବେ ପରୀକ୍ଷା ଆୟୋଜନ କରିଥିଲେ । ପ୍ରଫେସର ଗୌରାଙ୍ଗ ଚନ୍ଦ୍ର ମହାନ୍ତି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ । ସୌଭାଗ୍ୟ ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଡ. ଗୌରୀଶଙ୍କର ସାହୁ ଅତିଥିମାନଙ୍କ ପରିଚୟ ପ୍ରଦାନ ଏବଂ ସଙ୍ଗଠନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ସମ୍ୟକ୍ ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୟ କୁମାର ପଟ୍ଟନାୟକ, ଦିବ୍ୟକିଶୋର ପଣ୍ଡା, ନାରାୟଣ ଷଡଙ୍ଗୀ, ଶାନ୍ତନୁ ପ୍ରଧାନ, ଡ. ସଚ୍ଚିଦ୍ର ରାଉଳ, କିଶୋର ମହାନ୍ତି, ଅଜୟ ଜଟ, ପ୍ରକାଶ ପରିଜା, ସ୍ମୃତିରଞ୍ଜନ ମହାନ୍ତି, ପ୍ରଶାନ୍ତ ଦାଶ କାର୍ଯ୍ୟକ୍ରମ ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ବିଶିଷ୍ଟ ବୈଜ୍ଞାନିକ ଡ. ବିକାଶ କୁମାର ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ୨୧ରେ ଭାରତ ରଙ୍ଗ ମହୋତ୍ସବର ଉଦ୍‌ଘାଟନ କରିବେ ଆନ୍ଧ୍ର ରାଜ୍ୟପାଳ

ଭୁବନେଶ୍ୱର ,୧୫/୦୭ (ନି.ପ୍ର): ୨୧ ତାରିଖ ଦିନ ଓଡ଼ିଶା ଅଭିମୁଖେ ଯାତ୍ରା କରିବାର କାର୍ଯ୍ୟକ୍ରମ ରହିଛି। ରାଜ୍ୟପାଳ ଶ୍ରୀ ହରିଚନ୍ଦନ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ପାଳିତ ହେଉଥିବା ଭାରତ ସରକାରଙ୍କ ଆଜାଦୀକା ଅମୃତ ମହୋତ୍ସବ କାର୍ଯ୍ୟକ୍ରମରେ ଚଳିତ ୨୧ ତାରିଖ, ଭୁବନେଶ୍ୱରସ୍ଥ କିଟ୍ କ୍ୟାମ୍ପସରେ ଅନୁଷ୍ଠିତ ହେଉଥିବା ୨୨ତମ ଭାରତ ରଙ୍ଗ ମହୋତ୍ସବର ଉଦ୍‌ଘାଟକ ଓ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଉକ୍ତ କାର୍ଯ୍ୟକ୍ରମ ନାସ୍‌ନାଲ ସ୍କୁଲ୍ ଅଫ୍ ଡ୍ରାମା (ଏନ୍‌ଏସ୍‌ଡି) ତତ୍ୱାବଧାନରେ ସାରା ଭାରତବର୍ଷର ବିଭିନ୍ନ ପ୍ରାନ୍ତରେ ପରିବେଶିତ ହେଉଥିଲା ବେଳେ ଏହା ଓଡ଼ିଶାରେ ପୂର୍ବ ଭାରତର ୩ଟି ରାଜ୍ୟର ଭିନ୍ନ ଭିନ୍ନ ନାଟକ ଚଳିତ ମାସ ୨୧ ତାରିଖରୁ ୨୫ ତାରିଖ ମଧ୍ୟରେ ଭୁବନେଶ୍ୱରସ୍ଥ କିଟ୍ କ୍ୟାମ୍ପସରେ ପରିବେଶିତ ହେବ। ଏଠାରେ ଓଡ଼ିଶା, ଆସାମ ଓ ପଶ୍ଚିମବଙ୍ଗର ନାଟକଗୁଡ଼ିକ ପରିବେଶିତ ହେବ। କାର୍ଯ୍ୟକ୍ରମରେ ବୀର ସଂଗ୍ରାମୀମାନଙ୍କ ବୀରତ୍ୱର ସ୍ମୃତୀକୁ ମନେପକାଇବା ଓ ତାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିବା ଏହାର ଲକ୍ଷ୍ୟ ରହିଥିବା ବେଳେ ଉତ୍ସବର ଉଦ୍‌ଘାଟନୀ ଦିବସ ୨୧ ତାରିଖରେ ଦୁର୍ଦ୍ଧର୍ଷ ସେନାପତି ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ଇଂରେଜ ମାନଙ୍କ ବିରୋଧରେ ଲଢ଼ାଯାଇଥିବା ପାଇକ ବିଦ୍ରୋହ ଉପରେ ଆଧାରିତ ନାଟକ 'ମହାସଂଗ୍ରାମର ମହାନାୟକ' ପରିବେଶିତ ହେବ। ଉକ୍ତ ନାଟକ ଓଡ଼ିଶାର ବିଶିଷ୍ଟ ନାଟ୍ୟ ସଂସ୍ଥା ଶତାବ୍ଦିର କଳାକାର ପରିବେଷଣ କରୁଥିବା ବେଳେ ନାଟକ ରଚନା କରିଛନ୍ତି ଆନ୍ଧ୍ର ପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ। ଏହାପରେ ରାଜ୍ୟପାଳ ଶ୍ରୀ ହରିଚନ୍ଦନ ଅନ୍ୟକେତେକ କାର୍ଯ୍ୟକ୍ରମରେ ଯୋଗଦେବେ ଓ କିଛି ବିଶିଷ୍ଟ ବ୍ୟକ୍ତିମାନଙ୍କ ସହ ଆଲୋଚନା ପରେ ଆନ୍ଧ୍ର ରାଜ ଭବନ ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଥିବା ଆନ୍ଧ୍ର ରାଜଭବନରୁ ପ୍ରକାଶିତ ଏକ ପ୍ରେସ ବିବୃତିରୁ ଜଣାପଡ଼ିଛି।

# ଫସଲବୀମା ଜାଲିଆତି ପ୍ରତିବାଦରେ ଆଜି ବରଗଡର ସମସ୍ତ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବ ବିଜେପି

ବରଗଡ/ଭୁବନେଶ୍ୱର ,୧୫/୦୭ (ନି.ପ୍ର): ଦୀର୍ଘଦିନ ଧରି କୃଷକମାନଙ୍କ ଆନ୍ଦୋଳନ ଓ ବରଗଡ ଜିଲ୍ଲା ପ୍ରଶାସନର ପ୍ରତିଶ୍ରୁତି ସତ୍ୱେ ଏଚଡିଏଫସି ଏଗ୍ରୋ ବୀମା କମ୍ପାନୀ ଚାଷୀମାନଙ୍କୁ ୨୦୨୧-୨୨ବର୍ଷର ପ୍ରଧାନମନ୍ତ୍ରୀ ଫସଲବୀମା ଟଙ୍କା ଚାଷୀଙ୍କୁ ଯୋଗାଇ ଦେବାରେ ଜାଲିଆତି, ଟାଳଟୁଳ ନୀତି ଅବଲମ୍ବନ କରୁଛି। ଏଭଳି ସମୟରେ ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ନୀରବତାକୁ ନେଇ ଅନେକ ପ୍ରଶ୍ନ ଉଠିଛି ବୋଲି ପୂର୍ବତନ ବିଧାୟକ ତଥା ବିଜେପି କୃଷକ ମୋର୍ଚ୍ଚାର ରାଜ୍ୟ ସଭାପତି ପ୍ରଦୀପ ପୁରୋହିତ କହିଛନ୍ତି । ଆଜି ପଦ୍ମପୁର (ବରଗଡ) ପୂର୍ତ ଡାକବଙ୍ଗଳାଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ସରକାରଙ୍କ ନିରବତାକୁ ନେଇ ପ୍ରଶ୍ନ ଉଠାଇବା ସହ ଗତ ତ୍ରିସ୍ତରୀୟ ପଂଚାୟତ ଓ ପୌର ନିର୍ବାଚନ ପାଇଁ ବିଜୁ ଜନତା ଦଳ ସଂପୃକ୍ତ କମ୍ପାନୀଠାରୁ ୧ଶହ କୋଟି ଟଙ୍କା ଦଳୀୟ ପାଣ୍ଠି ସଂଗ୍ରହ କରିଥିବାରୁ ରାଜ୍ୟ ସରକାର ଚାଷୀଙ୍କୁ ସମର୍ଥନ ନକରି ବୀମା କମ୍ପାନୀ ସପକ୍ଷରେ କେନ୍ଦ୍ରକୁ ଚିଠି ଲେଖିବା ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ପୁରୋହିତ ଅଭିଯୋଗ କରିଛନ୍ତି । ଯେଉଁ ଚାଷୀମାନେ ପ୍ରଧାନମନ୍ତ୍ରୀ ଫସଲବୀମା ପାଇଁ ପଞ୍ଜିକୃତ କରିଛନ୍ତି ସେମାନେ ସମସ୍ତେ ପ୍ରଧାନମନ୍ତ୍ରୀ ଫସଲବୀମା ଟଙ୍କା ନପାଇବା ପର୍ଯ୍ୟନ୍ତ ଚାଷୀଙ୍କ ହକ ପାଇଁ ବ୍ୟାପକ ବିଜେପି କୃଷକ ମୋର୍ଚ୍ଚା ଆନ୍ଦୋଳନ କରିବ। ଗତକାଲି ବରଗଡ କୃଷି ବିଭାଗର ଉପନିର୍ଦ୍ଦେଶକ କାର୍ଯ୍ୟାଳୟରେ ତାଲାବନ୍ଦ ଆନ୍ଦୋଳନ ପରେ ଆସନ୍ତା ୧୬ ତାରିଖ ଦିନ ବରଗଡ ଜିଲ୍ଲାର ସମସ୍ତ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ୨ଘଂଟିଆ ଧାରଣା ଦିଆଯିବ। ଆସନ୍ତା ୧୮ ତାରିଖରେ ବିଭିନ୍ନ କୃଷକ ସଙ୍ଗଠନ ଦ୍ୱାରା ପଦ୍ମପୁର ସବଡିଭିଜନ ବନ୍ଦ ପାଳନର ଆହ୍ୱାନକୁ ବିଜେପି ପୂର୍ଣ୍ଣ ସମର୍ଥନ ଜ୍ଞାପନ କରିବା ସହ ୧୮ ତାରିଖ ଆନ୍ଦୋଳନରେ ବିଜେପିର ସମସ୍ତ କାର୍ଯ୍ୟକର୍ତା ସାମିଲ ହେବା ପାଇଁ ଶ୍ରୀ ପୁରୋହିତ ଆହ୍ୱାନ କରିଛନ୍ତି।

ଏଚଡିଏଫସି ବୀମା କମ୍ପାନୀକୁ ରାଜ୍ୟ ସରକାର କଳା ତାଲିକାଭୁକ୍ତ କରନ୍ତୁ ଓ ଆଗାମୀ ଦିନରେ ପ୍ରଧାନମନ୍ତ୍ରୀ ଫସଲବୀମା ପାଇଁ ଏହି କମ୍ପାନୀ ସହ ଓଡିଶା ସରକାର ଚୁକ୍ତିପତ୍ର ସ୍ୱାକ୍ଷର କରନ୍ତୁ ନାହିଁ ବୋଲି ଶ୍ରୀ ପୁରୋହିତ ଦାବି କରିଛନ୍ତି। ଏତଦ୍ ସହ ପଦ୍ମପୁର ସବଡିଭିଜନକୁ ରାଜ୍ୟ ସରକାର ମରୁଡି ଘୋଷଣା କରି ଚାଷୀମାନଙ୍କ ଏକ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିବାକୁ ଶ୍ରୀ ପୁରୋହିତ ଦାବୀ କରିଛନ୍ତି ।

## ଜିଲ୍ଲା ବିକାଶ ପରିଷଦର ସାଧାରଣ ବୈଠକ

ଭୁବନେଶ୍ୱର,୧୫/୦୭ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାରେ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ପର୍ଯ୍ୟଟନ, ଗମନାଗମନ ଓ ଶିଳ୍ପର ବିକାଶ ଆଶାନୁରୂପ ହୋଇ ନାହିଁ। ରାଜ୍ୟର ଅର୍ଥନୈତିକ ମାନଚିତ୍ରରେ ଏବେ ବି ଜିଲ୍ଲା ପଛୁଆ ହୋଇ ରହିଛି। ଜିଲ୍ଲାର ବିକାଶ ପାଇଁ ମିଳିତ ପ୍ରୟାସର ଆବଶ୍ୟକତା ରହିଛି ବୋଲି ମତପ୍ରକାଶ ପାଇଛି। ଗତ ୧୦ ତାରିଖରେ ଲୋହିଆ ଏକାଡେମିଠାରେ ଅନୁଷ୍ଠିତ କେନ୍ଦ୍ରାପଡ଼ା ଜିଲ୍ଲା ବିକାଶ ପରିଷଦର ସାଧାରଣ ପରିଷଦ ବୈଠକରେ ଯୋଗ ଦେଇ ବିଶିଷ୍ଟ ବ୍ୟକ୍ତିମାନେ ଏହି ମତ ଦେଇଛନ୍ତି। ଡାକ୍ତର ମଧୁସୂଦନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାର ବିକାଶ ସମ୍ଭାବନାର ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା। କେନ୍ଦ୍ରାପଡ଼ାର ଝୋଟ ଶିଳ୍ପକୁ ଜାତୀୟ ମାନ୍ୟତା, କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା, ମେଡିକାଲ କଲେଜ ଖୋଲିବା, କେନ୍ଦ୍ରାପଡ଼ା କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା, ପର୍ଯ୍ୟଟନ ଶିଳ୍ପକୁ ପ୍ରୋତ୍ସାହନ ଆଦି ପ୍ରସଙ୍ଗରେ ବକ୍ତାମାନେ ଆଲୋକପାତ କରିଥିଲେ। କେନ୍ଦ୍ରାପଡ଼ାରେ ପର୍ଯ୍ୟଟନ ପାଇଁ ବ୍ୟାପକ ସୁଯୋଗ ଥିବାରୁ ୨୦୨୨କୁ ପର୍ଯ୍ୟଟନର ବର୍ଷ ଭାବେ ପାଳନ କରିବାକୁ ନିଷ୍ପତ୍ତି ହୋଇଥିଲା। ଆସନ୍ତା ଅଗଷ୍ଟ ୧୧ ତାରିଖ ପୂର୍ବାହ୍ନ ୧୦ଟାରେ ଜୟଦେବ ଭବନରେ ପ୍ରଭୁ ବଳଦେବଜୀଉଙ୍କ ଜନ୍ମ ଉତ୍ସବ ପାଳନ କରିବା ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନାଚକ୍ର ଆୟୋଜନ କରାଯିବାକୁ ସ୍ଥିର କରାଯାଇଥିଲା।

ଏହି ଅବସରରେ ପରିଷଦର କର୍ମକର୍ତ୍ତା ମନୋନୟନ କରାଯାଇଥିଲା।

# ଲିଭର ଟ୍ରାନ୍ସପ୍ଲାଂଟ ପାଇଁ ସରକାର ଓ ଆସ୍ତର ହସ୍ପିଟାଲ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର ,୧୫/୦୭ (ନି.ପ୍ର): ଶିଶୁମାନଙ୍କ କ୍ଷେତ୍ରରେ ଲିଭର ଟ୍ରାନ୍ସପ୍ଲାଂଟ କରିବା ପାଇଁ ଆଜି ବେଙ୍ଗାଲୁରୁର ଆସ୍ତର ସିଏମ୍‌ଆଇ ହସ୍ପିଟାଲ୍ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ ଓ ବିଭାଗୀୟ ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳଙ୍କ ଉପସ୍ଥିତିରେ ଆସ୍ତର ସିଏମ୍‌ଆଇ ହସ୍ପିଟାଲ ପକ୍ଷରୁ ଆଂଚଳିକ ନିର୍ଦ୍ଦେଶକ ଡା. ନିତିଶ ସେଟ୍ଟି ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଡିଏମ୍‌ଇଟି ଡା. ରମାରମଣ ମହାନ୍ତି ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି। ଏହି ସୁବିଧା ପ୍ରଥମ ଥର କରି ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ଉପଲବ୍ଧ ହେବ। ଏଠାରେ ଆସ୍ତର ହସ୍ପିଟାଲ ଡାକ୍ତରମାନେ ଯକୃତ ରୋଗରେ ପୀଡ଼ିତ ଶିଶୁମାନଙ୍କର ପରୀକ୍ଷାନିରୀକ୍ଷା କରିବା ପରେ ଅସ୍ତ୍ରୋପଚାରର ଆବଶ୍ୟକତା ପଡ଼ିଲେ ସେମାନଙ୍କୁ ଉନ୍ନତ ଚିକିତ୍ସା ସେବା ଯୋଗାଇଦେବେ। ଏହା ସହ ଆସ୍ତର ପକ୍ଷରୁ ଡାକ୍ତର, ନର୍ସ, ପାରାମେଡିକ୍ସମାନଙ୍କୁ ଲିଭର ଟ୍ରାନ୍ସପ୍ଲାଂଟ ସଂପର୍କିତ ସମସ୍ତ ପ୍ରକାର ତାଲିମ ପ୍ରଦାନ କରାଯିବ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ଦାସ କହିଲେ ଯେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହେବା ଦ୍ୱାରା ରାଜ୍ୟରେ ସୁପରସ୍ପେସିଆଲିଟି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ନୂତନ ମାଇଲଖୁଂଟ ସ୍ଥାପନ ହୋଇଛି। ଏହା ଦ୍ୱାରା ପ୍ରକୃତ ରୋଗୀଟି ବିନାମୂଲ୍ୟରେ ଅତ୍ୟାଧୁନିକ ଚିକିତ୍ସାସୁବିଧା ପାଇପାରିବ। ଏଥି ପାଇଁ ଆଉ ଖର୍ଚ୍ଚାନ୍ତ ହୋଇ ରାଜ୍ୟ ବାହାରକୁ ଯିବାକୁ ପଡ଼ିବ ନାହିଁ। ସରକାରଙ୍କ ଯୋଜନା ଅନୁଯାୟୀ ଆଗାମୀ ଦିନରେ ବୟସ୍କମାନଙ୍କୁ ମଧ୍ୟ ଲିଭର ଟ୍ରାନ୍ସପ୍ଲାଂଟର ସୁବିଧା ଯୋଗାଇ ଦିଆଯିବ ବୋଲି ସେ ପ୍ରକାଶ କରିଥିଲେ। ଏହି ଅବସରରେ ଅତିରିକ୍ତ ଡିଏମ୍‌ଇଟି ଡା. ଉମାକାନ୍ତ ଶତପଥୀ, ଆସ୍ତର ସିଇଓ ରମେଶ କୁମାର ଏସ୍, ଡା. ସୋନାଲ ଆସ୍ଥାନା ପ୍ରମୁଖ ଉପସ୍ଥିତ ଥିଲେ ।

# ହଜାରେ ଟପିଲା ରାଜ୍ୟରେ ଦୈନିକ ସଂକ୍ରମଣ, ଶହେ ଛୁଇଁଲା ୧୮ ବର୍ଷରୁ କମ୍ ବୟସର ସଂକ୍ରମିତଙ୍କ ସଂଖ୍ୟା

ଭୁବନେଶ୍ୱର,୧୫/୦୭ (ନି.ପ୍ର): ଗତ କିଛି ଦିନଧରି ରାଜ୍ୟରେ ଦୈନିକ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୫୦୦ ଉପରେ ରହିଆସୁଥିଲା ହେଲେ ଆଜି ଏହା ହଜାରେ ଟପିଛି। ଗତକାଲି ୮୦୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୧୦୪୩ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୬୦୯ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୪୩୪ ଜଣ ପଜିଟିଭ ସ୍ଥାନୀୟ ସଂକ୍ରମଣରୁ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରେ ୧୦୦ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି। ଆଜି ରାଜ୍ୟର ୨୮ଟି ଜିଲ୍ଲାରୁ ୧୦୪୩ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଅବଶିଷ୍ଟ ୨ଟି ଜିଲ୍ଲାରେ କରୋନା ସଂକ୍ରମଣର ସୂଚନା ନାହିଁ। ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୩୩୫ ଜଣ ଚିହ୍ନଟ ହୋଇଛନ୍ତି। ଏନେଇ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲ୍ଲାରୁ ୨୦ ଜଣ, ବରଗଡ଼ ଜିଲ୍ଲାରୁ ୨ ଜଣ, ଭଦ୍ରକରୁ ୭ ଜଣ, ବଲାଙ୍ଗୀରରୁ ୭ ଜଣ, ବୌଦ୍ଧରୁ ୧୩ ଜଣ, କଟକରୁ ୨୦୫ ଜଣ, ଦେବଗଡ଼ରୁ ୪ ଜଣ, ଗଜପତିରୁ ୧୦ ଜଣ, ଗଞ୍ଜାମରୁ ୬ ଜଣ, ଜଗତସିଂହପୁରରୁ ୨୨ ଜଣ, ଯାଜପୁରରୁ ୧୮ ଜଣ, ଝାରସୁଗୁଡ଼ାରୁ ୧୨ ଜଣ, କଳାହାଣ୍ଡି ଜିଲ୍ଲାରୁ ୧୦ ଜଣ, କନ୍ଧମାଳରୁ ୨ ଜଣ, କେନ୍ଦ୍ରାପଡ଼ା ଜିଲ୍ଲାରୁ ୧୫ ଜଣ, କେନ୍ଦୁଝରରୁ ୬ ଜଣ, ଖୋର୍ଦ୍ଧା ଜିଲ୍ଲାରୁ ୩୩୫, କୋରାପୁଟ ଜିଲ୍ଲାରୁ ୪ ଜଣ, ମୟୂରଭଞ୍ଜରୁ ୨୮ ଜଣ, ନବରଙ୍ଗପୁରରୁ ୯ ଜଣ, ନୟାଗଡ଼ ଜିଲ୍ଲାରୁ ୧୯ ଜଣ, ନୂଆପଡ଼ାରୁ ୯ ଜଣ, ପୁରୀରୁ ୨୮ ଜଣ, ରାୟଗଡ଼ାରୁ ୧ ଜଣ, ସମ୍ବଲପୁରରୁ ୩୧ ଜଣ, ସୋନପୁରରୁ ୩୨ ଜଣ, ସୁନ୍ଦରଗଡ଼ରୁ ୧୦୬ ଜଣ ଓ ଷ୍ଟେଟପୁଲରୁ ୭୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏପର୍ଯ୍ୟନ୍ତ ରାଜ୍ୟରେ ୧୨, ୯୭, ୧୭୫ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ୧୨,୮୩, ୧୬୯ ଜଣ ସୁସ୍ଥ ହୋଇଛନ୍ତି। ଏବେ ବି ୪୮୨୫ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି।

# ଆଜିଠାରୁ କୋଭିଡ ଟିକାକରଣ ଅମୃତ ମହୋତ୍ସବ

ଭୁବନେଶ୍ୱର,୧୫/୦୭ (ନି.ପ୍ର): ଆସନ୍ତାକାଲି ଅର୍ଥାତ୍ ୧୫ ଜୁଲାଇ ୨୦୨୨ ଠାରୁ ୭୫ ଦିନିଆ – 'କୋଭିଡ ଟିକାକରଣ ଅମୃତ ମହୋତ୍ସବ' ଆରମ୍ଭ ହେବାକୁ ଯାଉଛି । ଏହି ଅଭିଯାନ ଅନ୍ତର୍ଗତ ସବୁ ସରକାରୀ ଟିକାକରଣ କେନ୍ଦ୍ରରେ ୧୮ ବର୍ଷରୁ ଅଧିକ ସବୁ ଯୋଗ୍ୟ ନାଗରିକମାନଙ୍କୁ କୋଭିଡ ବୁଷ୍ଟର ଡୋଜ୍ ଟିକା ଦିଆଯିବ । ଆଜାଦୀ କା ଅମୃତ ମହୋତ୍ସବ ସମାରୋହ ପାଳନର ଅଂଶବିଶେଷ ସ୍ୱରୂପ ଏହି ସ୍ୱତନ୍ତ୍ର କୋଭିଡ ଟିକାକରଣ ଅଭିଯାନକୁ 'ମିଶନ୍ ମୋଡ'ରେ କାର୍ଯ୍ୟକାରୀ କରାଯିବ । ସବୁ ଯୋଗ୍ୟ ନାଗରିକମାନଙ୍କୁ କୋଭିଡ ଟିକାର ବୁଷ୍ଟର ଡୋଜ୍ ଟିକା ଯୋଗାଇ ଦେବାର ଲକ୍ଷ୍ୟ ନେଇ ଏହି ବିଶେଷ ଅଭିଯାନ କାର୍ଯ୍ୟକାରୀ ହେବାକୁ ଯାଉଛି। ଏଥିପାଇଁ ସବୁ ରାଜ୍ୟ/କେନ୍ଦ୍ର ଶାସିତ ପ୍ରଦେଶର ସଚିବ ଏବଂ ଏନ୍‌ଏଚ୍‌ଏମ୍ ଏମ୍‌ଡିମାନଙ୍କୁ ନେଇ ଏକ ଭର୍ଚୁଆଲ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ଅଧ୍ୟକ୍ଷତା କରିଥିଲେ । ସବୁ ଯୋଗ୍ୟ ହିତାଧିକାରୀଙ୍କୁ ଟିକା ଦେବା ଏବଂ ସେମାନଙ୍କୁ ବୁଷ୍ଟର ଡୋଜ୍ ଟିକାକରଣ ଅଭିଯାନରେ ସାମିଲ କରିବା ଲାଗି ଏକ ବ୍ୟାପକ ଏବଂ ମହତ୍ୱାକାଂକ୍ଷୀ ପୂର୍ଣ୍ଣ କୋଭିଡ ୧୯ ଟିକାକରଣ ଅଭିଯାନ କାର୍ଯ୍ୟକାରୀ କରିବା ନିମନ୍ତେ ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶମାନଙ୍କୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ନିବେଦନ କରାଯାଇଛି। ଏହି ଅଭିଯାନ ୧୫ ଜୁଲାଇ ଠାରୁ ୩୦ ସେପ୍ଟେମ୍ବର ପର୍ଯ୍ୟନ୍ତ ୭୫ ଦିନ ଧରି ଜାରି ରହିବ । ୧୮ ବର୍ଷରୁ ଅଧିକ ସବୁ ବ୍ୟକ୍ତି ଯେଉଁମାନେ ଦ୍ୱିତୀୟ ଡୋଜ୍ ଟିକା ନେବାର ୬ ମାସ (୨୬ ସପ୍ତାହ) ପୂରଣ କରିସାରିଛନ୍ତି ସେମାନେ ବୁଷ୍ଟର ଡୋଜ୍ ନେବା ଲାଗି ଯୋଗ୍ୟ ହୋଇପାରିବେ।

ବାଲେଶ୍ୱର, ଶନିବାର, ୧୬ ଜୁଲାଇ, ୨୦୨୨

# ଧ୍ୱନି ପ୍ରତିଧ୍ୱନି



## ଗୋଟିଏ ଦିନରେ ୧୦୪୩ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୧୫/୦୭ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୦୪୩ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୯୭୧୭୫ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ ୧୦୦ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୮୩୧୬୯ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୪୮୨୫ ରହିଛି । ଆଜି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୬୦୯ ଜଣ ସଂଗରୋଧରୁ ଓ ୪୩୪ ଜଣ ସ୍ଥାନୀୟ ସମ୍ପର୍କରୁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୮ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲାରେ ୨୦, ବରଗଡ ଜିଲ୍ଲାରେ ୨, ଭଦ୍ରକ ଜିଲ୍ଲାରେ ୭, ବଲାଙ୍ଗୀର ଜିଲ୍ଲାରେ ୭, ବୌଦ୍ଧ ଜିଲ୍ଲାରେ ୧୩, କଟକ ଜିଲ୍ଲାରେ ୨୦୫. ଦେବଗଡ, ଜିଲ୍ଲାରେ ୪, ଢେଙ୍କାନାଳ ଜିଲ୍ଲାରେ ୩ ଗଜପତି ଜିଲ୍ଲାରେ ୧୦, ଗଂଜାମ ଜିଲ୍ଲାରେ ୬, ଜଗତସିଂହପୁର ଜିଲ୍ଲାରେ ୨୨,ଯାଜପୁର ଜିଲ୍ଲାରେ ୧୮, ଝାରସୁଗୁଡା ଜିଲ୍ଲାରେ ୧୨ . କଳାହାଣ୍ଡି ଜିଲ୍ଲାରେ ୧୦ , କନ୍ଧମାଳ ଜିଲ୍ଲାରେ ୨, କେନ୍ଦ୍ରାପଡା ଜିଲ୍ଲାରେ ୧୫, କେନ୍ଦୁଝର ଜିଲ୍ଲାରେ ୬, ଖୋର୍ଦ୍ଧା ଜିଲ୍ଲାରେ ୩୩୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରେ ୪, ମୟୁରଭଂଜ ଜିଲ୍ଲାରେ ୨୮, ନୟାଗଡ ଜିଲ୍ଲାରେ ୧୯, ନୂଆପଡା ଜିଲ୍ଲାରେ ୯, ପୁରୀ ଜିଲ୍ଲାରେ ୨୮, ରାୟଗଡା ଜିଲ୍ଲାରେ ୧, ସମ୍ବଲପୁର ଜିଲ୍ଲାରେ ୩୧, ସୋନପୁର ଜିଲ୍ଲାରେ ୩୨, ସୁନ୍ଦରଗଡ ଜିଲ୍ଲାରେ ୧୦୬ ଓ ଷ୍ଟେଟ ପୁଲରେ ୭୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଅବଶିଷ୍ଟ ୨ ଟି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।

## ବିଶ୍ୱ ଯୁବ ଦକ୍ଷତା ଦିବସ ପାଳିତ



ଭଦ୍ରକ,୧୫/୦୭ (ନି.ପ୍ର): ଜନ ଶିକ୍ଷଣ ସଂସ୍ଥାନ, ଭଦ୍ରକ ଏବଂ 'ଦି ହ୍ୟୁମାନ ରାଇଟ୍ସ ଫାଉଣ୍ଡେସନ'ର ମିଳିତ ପ୍ରୟାସରେ ଅର୍ଣ୍ଣପାଳର ଆର୍.କେ.ବି. କଲେଜରେ ୫୦ଜଣ ଯୁବକ ଯୁବତୀମାନଙ୍କୁ ନେଇ ଏହି ଦିବସର ଗୁରୁତ୍ୱ, ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଆଲୋଚନା କରାଯାଇଥିଲା । ସଂସ୍ଥାର ନିର୍ଦ୍ଦେଶିକା ଆରତୀ ସାହୁ, ଫାଉଣ୍ଡେସନର ମୁଖ୍ୟ ସଂଗ୍ରାମ କିଶୋର ମହାନ୍ତି, କଲେଜ ଅଧକ୍ଷ ମୁକ୍ତିକାନ୍ତ ପଣ୍ଡା, ଓକରା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ପୂର୍ଣ୍ଣିମା ଦାସ ଓ ପ୍ରଶାନ୍ତ ସାହୁ ଯୁବ ପିଢିଙ୍କର ଆତ୍ମ ନିର୍ଭରଶୀଳତାର ଗୁରୁତ୍ୱ ଉପରେ ବକ୍ତବ୍ୟ ରଖିଥିଲେ । ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହରମୋହନ ଜେନା ଯୁବପିଢିମାନେ କିପରି ଦକ୍ଷତା ହାସଲ କରି ଆତ୍ମ ନିର୍ଭରଶୀଳ ହୋଇ ପାରିବ ବୋଲି ଉତ୍ସାହିତ କରିଥିଲେ । 'ବିଶ୍ୱ ଯୁବ ଦକ୍ଷତା ଦିବସ - ୨୦୨୨' ଅବସରରେ ୩୨ ଜଣ କୁଇଜ୍ ପ୍ରତିଯୋଗିତା ଏବଂ ୨୫ ଜଣ ଯୁବକ ଯବତୀଙ୍କୁ ନେଇ ମାସ୍କ ତିଆରି କରିବା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଜନଶିକ୍ଷଣ ସଂସ୍ଥାର ପ୍ରୋଗ୍ରାମ ଅଫିସର ଗଜେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ସଂସ୍ଥାର ବିଶ୍ୱଜିତ୍ ବେହେରା ରଶ୍ମିରଂଜନ ସାହୁ, ନମିତା ପରିଡ଼ା, ସିପ୍ରା ଦାସ, ଅନିତା ଦାସ ଅଧିକାରୀ, ଭାରତୀ ସାହୁ ପ୍ରମୁଖ ଅଧାପକ ଅଧାପିକା ସଭା ସଂଚାଳନ କରିଥିଲେ ।

## ଜିଲ୍ଲାରେ ୧୮,୧୭,୭୪୮ ଜଣ ନେବେ ବୁଷ୍ଟର ଟିକା



ବାଲେଶ୍ୱର,୧୫/୦୭ (ନି.ପ୍ର): ସାମ୍ପ୍ରତିକ ସ୍ଥିତିରେ ବୃଦ୍ଧି ପାଉଥିବା କରୋନା ସଂକ୍ରମଣ ପାଇଁ ସତର୍କତା ଅବଲମ୍ବନ ସହ ୧୮ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ମାଗଣା ବୁଷ୍ଟର ଟିକା ପ୍ରଦାନ ନେଇ ଜନସଚେତନତା ସୃଷ୍ଟି ପ୍ରତି ବିଶେଷ ଗୁରୁତ୍ୱ ଦେଇଛି ବାଲେଶ୍ୱର ଜିଲା ପ୍ରଶାସନ ତଥା ସ୍ୱାସ୍ଥ୍ୟ ବିଭାଗ । ଏହି ପରିପ୍ରେକ୍ଷୀରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସଭାଗୃହରେ ଏକ ସାମ୍ବାଦିକ ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଦତାତ୍ରୟ ଭାଉ ସାହେବ ଶିନ୍ଦେ ଏଥିରେ ଯୋଗଦେଇ ଓଡ଼ିଶାରେ ବଢ଼ୁଥିବା କରୋନା ସଂକ୍ରମଣ ରୋକିବା ଓ ସତର୍କତା ଅବଲମ୍ବନ ପ୍ରତି ଗୁରୁତ୍ୱ ଦେବାକୁ ଜିଲାବାସୀଙ୍କୁ ନିବେଦନ କରିଛନ୍ତି । ପୂର୍ବଭଳି ମାସ୍କ ବ୍ୟବହାର ଓ ସାମାଜିକ ଦୂରତା ରକ୍ଷା ପାଇଁ ସେ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି । ସେହିଭଳି ଆସନ୍ତା ୭୫ ଦିନ ପାଇଁ ଜିଲାରେ ଆଜିଠାରୁ ଆରମ୍ଭ ହୋଇଥିବା ବୁଷ୍ଟର ଟିକାକରଣ ସମ୍ପର୍କରେ ସେ ସୂଚନା ଦେବା ସହ ପ୍ରତ୍ୟେକ ବ୍ୟକ୍ତି ଟିକା ନେବା ପାଇଁ ଜିଲାପାଳ ଶ୍ରୀ ଶିନ୍ଦେ କହିଛନ୍ତି । ଜିଲାରେ ମୋଟ ୧୮ଲକ୍ଷ, ୧୭ ହଜାର ୭୪୮ଜଣଙ୍କୁ ଟିକା ଦେବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଲକ୍ଷ୍ୟ ଧାର୍ଯ୍ୟ ଥିବା ବେଳେ ଟିକାକରଣକୁ ଶତ ପ୍ରତିଶତ ସଫଳ କରିବା ପାଇଁ ସେ ସବୁ ମହଲରୁ ସହଯୋଗ କାମନା କରିଛନ୍ତି । ଏନେଇ ବାଲେଶ୍ୱର ସହରର ମୁଖ୍ୟ ଚିକିତ୍ସାଳୟ, ଗାନ୍ଧୀସ୍ମୃତି ଭବନ, ସହଦେବଖୁଣ୍ଟା ଓ ସୁନହଟ ସହରାଞ୍ଚଳ ଡାକ୍ତରଖାନା ଆଦି ୪ଗୋଟି ସ୍ଥାନ ସମେତ ପ୍ରତ୍ୟେକ ବ୍ଲକର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏହି ଟିକାକରଣ ନିୟମିତ ଜାରି ରହିବ । ପ୍ରଥମ ପର୍ଯ୍ୟାୟରେ ୨୦ ଗୋଟି କେନ୍ଦ୍ରରେ ଟିକାକରଣ ଆରମ୍ଭ ହୋଇଥିବା ବେଳେ ଜନଗହଳି ଅଞ୍ଚଳରେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନେ ତୁରନ୍ତ ଟିକା ନେବା ପାଇଁ ଜିଲାପାଳ ନିବେଦନ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦୁଲାଳସେନ ଜଗଦେବ, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡାକ୍ତର ଶଶାଙ୍କ ଶେଖର ଚୌଧୁରୀ ଓ ଡାକ୍ତର ମୃତ୍ୟୁଞ୍ଜୟ ମିଶ୍ର, ଡିପିଏମ ଅନୀଲ କୁମାର ମହାନ୍ତି ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ୭୫ ଦିନିଆ ଟିକାକରଣ ସଫଳତାର ବିଭିନ୍ନ ଦିଗ ଉପରେ ସୂଚନା ଦେଇଥିଲେ ।

## ଗୁଣୁପୁର ପର୍ଯ୍ୟନ୍ତ କଟକ-ପଲାସା-କଟକ ଏକ୍ସପ୍ରେସ ସମ୍ପ୍ରସାରିତ

ଭୁବନେଶ୍ୱର,୧୫/୦୭ (ନି.ପ୍ର): ୧୮୪୪୩/୧୮୪୪୪ କଟକ-ପଲାସା-କଟକ ଏକ୍ସପ୍ରେସର ସେବାକୁ ଗୁଣୁପୁର ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବାକୁ ନିଷ୍ପତି ନିଆଯାଇଛି । ଏହି ଟ୍ରେନ ପାଇଁ ଥିବା ସେବା, ସ୍ଥିରୀକୃତ ଷ୍ଟେସନ ଏବଂ ସମୟ ସାରଣୀ କଟକ ଏବଂ ପଲାସା ମଧ୍ୟରେ ଉଭୟ ପାର୍ଶ୍ୱରୁ ଅପରିବର୍ତ୍ତିତ ରହିବ । ୧୮୪୪୩ କଟକ-ଗୁଣୁପୁର ଏକ୍ସପ୍ରେସ କଟକ ଠାରୁ ୨୦ ଜୁଲାଇ ଗୁଣୁପୁର ଯାତ୍ରା କରିବ । ଏହି ଟ୍ରେନ ପଲାସା ଠାରେ ପହଁଚିବା ପରେ ସେଠାରୁ ରାତ୍ର ୧୦ଘ ୨୫ମି ରେ ଛାଡି ଗୁଣୁପୁର ଠାରେ ରାତ୍ରି ୧ଘ ୪୫ମି ରେ ପହଞ୍ଚିବ । ଫେରିବା ମାର୍ଗରେ ୧୮୪୪୪ ଗୁଣୁପୁର-କଟକ ଏକ୍ସପ୍ରେସ ୨୧ ଜୁଲାଇ ରୁ ଗୁଣୁପୁର ଠାରୁ ରାତ୍ରି ୨ଘ ୪୫ମି ରେ ଛାଡି ପଲାସା ଠାରେ ଭୋର ୫ଘ ୫୫ମି ରେ ପହଞ୍ଚିବ । ଉଭୟ ପାର୍ଶ୍ୱରୁ ଗୁଣୁପୁର ଓ ପଲାସା ମଧ୍ୟରେ ଏହି ଟ୍ରେନ ପୁଣ୍ଡି, ରୌଥପୁରମ, ନୌପଡା, ଟେକ୍କଲି, ପେଦ୍ଦସନ, ତେମ୍ମୁରୁ, ଗାଙ୍ଗୁଭଡ଼ା, ପଥପଟନମ, ପାରଳାଖେମୁଣ୍ଡି, ସୀତାପୁରାମ, ହଡ଼ଭାଙ୍ଗି, କାଶୀନଗର, ଲିହୁରୀ, ବଂଶଧାରା ଓ ପଲାସିଙ୍ଗି ଠାରେ ରହଣୀ କରିବ ।

## ରାଜ୍ୟରେ ୧୩ ଲକ୍ଷ ଡୋଜ୍ ଟିକା ରହିଛି

ଭୁବନେଶ୍ୱର,୧୫/୦୭ (ନି.ପ୍ର): ରାଜ୍ୟରେ ଆଜି ୨୩୨୦ କେନ୍ଦ୍ରରେ ଟିକାକରଣ ଆରମ୍ଭ ହୋଇଛି । କେବଳ ରାଜଧାନୀ ଭୁବନେଶ୍ୱରରେ ୧୯ଟି କେନ୍ଦ୍ରରେ ଟିକାକରଣ ଆରମ୍ଭ ହୋଇଛି । ନିର୍ଦ୍ଦେଶକ,ପରିବାର କଲ୍ୟାଣ ତଥା ଷ୍ଟେଟ ନୋଡାଲ ହେଡ ଡାକ୍ତର ବିଜୟ ପାଣିଗ୍ରାହୀ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ଏହା କ୍ରମାଗତ ଭାବେ ୭୫ ଦିନ ଚାଲିବ । ୨ କୋଟି ୬୫ ଲକ୍ଷ ଲୋକ (୧୮ରୁ ୫୯ ବର୍ଷ)ଙ୍କୁ ପ୍ରିକ୍ସନ ଡୋଜ/ ବୁଷ୍ଟର ଡୋଜ ଦିଆଯିବ । ପରେ ଆବଶ୍ୟକତା ଅନୁଯାୟୀ ଓଡ଼ିଶାରେ ଟିକାକରଣ କେନ୍ଦ୍ରର ସଂଖ୍ୟା ବଢ଼ାଯିବ ବଢ଼ାଯିବ । ଏବେ ଆମ ପାଖରେ ୧୩ ଲକ୍ଷ ଡୋଜ୍ ଟିକା ରହିଛି ବୋଲି ଡାକ୍ତର ବିଜୟ ପାଣିଗ୍ରାହୀ ସୂଚନା ଦେଇଛନ୍ତି । କେନ୍ଦ୍ରସ୍ୱାସ୍ଥ୍ୟ ବିଭାଗକୁ ଅଧିକ ଟିକା ଦେବା ଲାଗି ଅନୁରୋଧ କରାଯାଇଛି ବୋଲି ସେ କହିଛନ୍ତି ।

## ଆନନ୍ଦ ମାର୍ଗ ପ୍ରଚାରକ ସଂଘ ପକ୍ଷରୁ ଯୋଗ ଶିବିର ଉଦ୍‌ଘାଟିତ

ବାଲେଶ୍ୱର,୧୫/୦୭ (ନି.ପ୍ର): ଆନନ୍ଦ ମାର୍ଗ ପ୍ରଚାରକ ସଂଘ ବାଲେଶ୍ୱର ଜିଲା ଶାଖା ପକ୍ଷରୁ ଉତ୍ତର ଓଡ଼ିଶା ସ୍ତରୀୟ ଆଲୋଚନାଚକ୍ର ଓ ଯୋଗ ଶିବିର ଫୁଲାଡ଼ିସ୍ଥିତ ଆନନ୍ଦମାର୍ଗ ଆବାସିକ ବିଦ୍ୟାଳୟ ପରିସରରେ ଶୁକ୍ରବାର ଉଦଘାଟିତ ହୋଇଯାଇଛି । ଆନନ୍ଦମାର୍ଗ କେନ୍ଦ୍ରୀୟ ସମ୍ପାଦକ ଆଚାର୍ଯ୍ୟ ପ୍ରସୁନାନନ୍ଦ ଅବଧୂତ ଏହାକୁ ଉଦଘାଟନ କରିବା ସହିତ ଉପସ୍ଥିତ ଛାତ୍ରଛାତ୍ରୀ ତଥା ଶିବିରାର୍ଥୀଙ୍କୁ ଦୈନନ୍ଦିନ ଜୀବନଚର୍ଯ୍ୟାରେ ଯୋଗ ଓ ପ୍ରାଣାୟମର ଉପାଦେୟତା ସମ୍ପର୍କରେ କହିଥିଲେ । ମଣିଷର ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ସାଙ୍ଗକୁ ମନ ଏବଂ ଆତ୍ମା ମଧ୍ୟରେ ଏହା ସମନ୍ୱୟ ରକ୍ଷା କରିଥାଏ ବୋଲି ସେ କହିଥିଲେ । ପ୍ରଚାରକ ସଂଘର ସେବାଦଳ ପ୍ରାନ୍ତୀୟ ମୁଖ୍ୟ ଆଚାର୍ଯ୍ୟ ଅରିନ୍ଦମାନନ୍ଦ ଅବଧୂତ, ଆଚାର୍ଯ୍ୟ ମୁକ୍ତିଚେତସାନନ୍ଦ ଅବଧୂତ, ଆଚାର୍ଯ୍ୟ ବିଶେଶ୍ୱରାନନ୍ଦ ଅବଧୂତ, ଆଚାର୍ଯ୍ୟ ମହାଦେବାନନ୍ଦ ଅବଧୂତ, ଅବଧୂତିକା ଅନନ୍ଦସୁଧିରା, ଅବଧୂତିକା ଆନନ୍ଦ ରତ୍ନାଧୀଶା, ବ୍ରହ୍ମଚାରିଣୀ ସୁଚେତା ପ୍ରମୁଖ ଏଥିରେ ସମ୍ମାନିତ ବକ୍ତା ଭାବେ ଯୋଗଦେଇ ପ୍ରାଚୀନ ଭାରତୀୟ ସଂସ୍କୃତିରେ ଯୋଗ-ପ୍ରାଣାୟମ ଓ ଧ୍ୟାନ ପରମ୍ପରାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେବା ସହ ସାମାଜିକ ଜୀବନରେ ଏହାର ଆବଶ୍ୟକତା ଉପରେ ବିସ୍ତୃତ ଆଲୋଚନା କରିଥିଲେ । ଉତ୍କଳ ସମାଜର ବାଲେଶ୍ୱର ମୁଖ୍ୟ ଡ. ଭାସ୍କର ଚନ୍ଦ୍ର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଉଦଘାଟନୀ ଉତ୍ସବ ଆୟୋଜିତ ହୋଇଥିଲା । ଇଂଜିନିୟର କାହ୍ନୁ ଚରଣ ଦେହୁରୀ ଓ ସଂଘର ବାଲେଶ୍ୱର ଜିଲା ଭୁକ୍ତି ପ୍ରଧାନ ହରିଶ୍ଚନ୍ଦ୍ର ସାହାଣୀ ଏଥିରେ ଯୋଗଦେଇ ଶିବିର ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ତେବେ ଏହି ଶିବିରରେ ଅଧିକରୁ ଅଧିକ ଜନସାଧାରଣ ଯୋଗଦେବା ପାଇଁ ସେମାନେ ନିବେଦନ କରିଥିଲେ । ଏହି ଶିବିରରେ ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର ଓ ଭଦ୍ରକ ଜିଲାର ଶତାଧିକ ପ୍ରତିନିଧିଙ୍କ ସମେତ ଆଖପାଖ ଅଞ୍ଚଳରୁ ବହଲୋକେ ଯୋଗ ଦେଇଥିଲେ । ଚୌଧୁରୀ ଶରତ ଚନ୍ଦ୍ର ଦାସ, ଭୂପେନ୍ଦ୍ର କୁମାର, ପୀତାମ୍ବର ଭୂୟାଁ, ଗୟାଧର ବେହେରା, ପ୍ରମୋଦ ବେହେରା ପ୍ରମୁଖ ଏଥିରେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।

## ଅବିବାହିତଙ୍କୁ ଆଡ଼ ଆଖି : ମିଳୁ ନାହିଁ ଜବ୍‌କାର୍ଡ଼ କିମ୍ୱା ପ୍ରଧାନମନ୍ତ୍ରୀ ଆବାସ



ଉଦଳା, ୧୫/୦୭ (ନି.ପ୍ର): ଅବିବାହିତଙ୍କ ପ୍ରତି ଗାଁ ଗହଳ ମାନଙ୍କରେ ବିଭିନ୍ନ ପ୍ରକାର କୁତ୍ସାରଟନା କରାଯାଇଥାଏ । ଏହିଭଳି କୁତ୍ସାରଟନା ମଧ୍ୟରେ ସେମାନଙ୍କୁ ବିବାହ କରିବାକୁ ବାଧ କରାଯାଇଥାଏ । ତେବେ ଏହାକୁ ଭୃକ୍ଷେପ ନକରି ଯେ ବାଟ ଚାଲିଥାଏ ତାଙ୍କ ପ୍ରତି ବିଭିନ୍ନ ପ୍ରକାର ଆଡ଼ଆଖି ବହୁ ଲୋକ ଦେଖାଇଥାନ୍ତି । କିନ୍ତୁ ଆଶ୍ଚର୍ଯ୍ୟର କଥା ସରକାର ଅବିବାହିତଙ୍କ ପ୍ରତି ଆଡ଼ଆଖି ଦେଖାଉଛନ୍ତି । ଏହିଭଳି ଅଭିଯୋଗଟିଏ ଆସିଛି କପ୍ତିପଦା ବ୍ଲକର ଲାବଣ୍ୟଦେଇପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ସାଣଦେଇ ଗ୍ରାମରୁ । ଏହି ଗ୍ରାମରେ ବସବାସ କରୁଥିବା ଗୋପିନାଥ ଖଟୁଆଙ୍କ ପୁତ୍ର ପୁରଷ୍ତମଙ୍କ ବୟସ ବର୍ତ୍ତମାନ ୫୫ ଛୁଇଁଲାଣି । ସେ ଦିନ ମଜୁରିଆ ଭାବରେ କାମଧନ୍ଦା କରି ନିଜର ଗୁଜୁରାଣ ମେଣ୍ଟାଉଥିବା ବେଳେ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ କାମ କରି ଦୁଇ ପଇସା ରୋଜଗାର କରିବାକୁ ଚାହାନ୍ତି । କିନ୍ତୁ ଏଥି ନିମନ୍ତେ ଜବ୍‌କାର୍ଡ଼ ପାଇବାକୁ ସେ ପଞ୍ଚାୟତ କାର୍ଯ୍ୟାଳୟକୁ ଦୁଡ଼ି ଦୁଡ଼ି କିଛି ଲାଭ ମିଳିନଥିବାର ଜଣାଇଛନ୍ତି । ସେହିପରି ସେ ଅବିବାହିତ ଥିବାରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘରଟିଏ ପାଇପାରିନଥିବାର କହିଛନ୍ତି ।

## ଶ୍ରୀନିକ୍ସ କଲେଜରେ 'ସ୍ୱାବଲମ୍ବୀ ଭାରତ ଅଭଯାନ' କାର୍ଯ୍ୟକ୍ରମ

ବାଲେଶ୍ୱର,୧୫/୦୭ (ନି.ପ୍ର): ବାଲେଶ୍ୱର ସହରର ଶ୍ରୀନିକ୍ସ ବୈଷୟିକ ମହାବିଦ୍ୟାଳୟରେ 'ସ୍ୱାବଲମ୍ବୀ ଭାରତ ଅଭଯାନ' କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ସ୍ୱାବଲମ୍ବୀ ଭାରତ ଅଭିଯାନର ପ୍ରମୁଖ ଅନ୍ନଦା ପାଣିଗ୍ରାହୀ ଏଥିରେ ଅଧ୍ୟକ୍ଷତା କରିବା ସହିତ କାର୍ଯ୍ୟକ୍ରମରେ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଶିଳ୍ପୋଦ୍ୟୋଗୀ ଇଂ. ଗୋପାଲ ଖଣ୍ଡେଲଓ୍ୱାଲ, ଶିଳ୍ପୋଦ୍ୟୋଗୀ ଉମେଶ ଦାସଅଧିକାରୀ, ମହାବିଦ୍ୟାଳୟର ଅତିରିକ୍ତ ନିର୍ଦ୍ଦେଶକ ଇଂ ଗୌରାଙ୍ଗ ଚନ୍ଦ୍ର ସାହୁ, ଅଧ୍ୟକ୍ଷ ଡ. ଯଶୋବନ୍ତ ମହାନ୍ତି, ପ୍ରଫେସର ସୁମନ୍ତ ଦାସ, ହେମନ୍ତ ଜେନା ପ୍ରମୁଖ ଏଥିରେ ଯୋଗଦେଇ ସ୍ୱାବଲମ୍ବୀ ଭାରତ ଅଭିଯାନ କାର୍ଯ୍ୟକାରିତାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ବିଶେଷ କରି ଦକ୍ଷତା ବିକାଶ ସହ ଚାକିରି ପଛରେ ନ ଗୋଡ଼ାଇ ଜଣେ ଜଣେ ଉଦ୍ୟୋଗୀ ପ୍ରତିଷ୍ଠିତ ହେବାକୁ ବକ୍ତାମାନେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ନିଜେ ସ୍ୱାବଲମ୍ବୀ ହୋଇ ଅନ୍ୟମାନଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିପାରିଲେ ସ୍ୱାବଲମ୍ବୀ ଭାରତ ଅଭିଯାନ ସାର୍ଥକତା ଲାଭ କରିପାରିବ ବୋଲି ସେମାନେ କହିଥିଲେ । ଅଧ୍ୟାପିକା ଇଂ. ବନଜା ମହାପାତ୍ର ଏହି କାର୍ଯ୍ୟକ୍ରମରେ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ସ୍ୱାବଲମ୍ବୀ ଭାରତ ଅଭିଯାନର ଜିଲା ସଂଯୋଜକ ପ୍ରଭଞ୍ଜନ ପାଢ଼ୀ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଅନୁଷ୍ଠାନର ତୃତୀୟ ବାର୍ଷିକ ଯାନ୍ତ୍ରିକ ଛାତ୍ରୀମାନେ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ ।

## ଓଡିଶା କୃଷକ ସାଥୀ ସଂଘ ତରଫରୁ ୧୪ ଦଫା ଦାବି ନେଇ କୃଷି ଅଫିସ ସମ୍ମୁଖରେ ଧାରଣା



ବାଲିଆପାଳ, ୧୫/୦୭ (ନି.ପ୍ର): ଓଡିଶା କୃଷକ ସାଥୀ ସଂଘର ଦୀର୍ଘ ୧୫ ବର୍ଷ ପର୍ଯ୍ୟନ୍ତ ଓଡିଶା ସରକାରଙ୍କ ନିକଟରେ ଅନେକ ଦାବି ଉପସ୍ଥାପନ କରିଆସୁଥିଲା ବେଳେ କୃଷକ ସାଥୀମାନଙ୍କର ସର୍ବନିମ୍ନ ମଜୁରୀ ସାମାଜିକ ସୁରକ୍ଷା ଅଦ୍ୟାବଧି ସରକାରଙ୍କ ଅଗୋଚରରେ ରହିଯାଇଛି । ଏଥିପାଇଁ ଆଜି ପୂର୍ବାହ୍ନ ୮ ଘଟିକା ସମୟରେ ଓଡିଶା କୃଷକ ସାଥୀ ସଂଘ ତରଫରୁ ୧୪ ଦଫା ଦାବି ନେଇ କୃଷି ଅଫିସ ସମ୍ମୁଖରେ ବାଲିଆପାଳ ବ୍ଲକର ସମସ୍ତ କୃଷକ ସାଥୀ ଧାରଣାରେ ବସିଥିଲେ । ସୋମାନଙ୍କର ଦାବି ଥିଲା କୃଷକ ସାଥୀଙ୍କୁ ତାଲିମ ପ୍ରଦାନ ସହିତ ସାର୍ଟିଫିକେଟ ପ୍ରଦାନ, ପରିସଂଖ୍ୟାନ ବିଭାଗର ଅମିନ ଭାବରେ ନିଯୁକ୍ତି, ଅଗ୍ରଣୀ କୃଷକ ସାଥୀ ପରିବର୍ତ୍ତେ କୃଷି କର୍ମଚାରୀର ମାନ୍ୟତା, ସମସ୍ତ କୃଷି ଭିତିକ ଉନ୍ନୟନ କାର୍ଯ୍ୟରେ ଏନଜିଓ ମାନଙ୍କୁ ଉଚ୍ଛେଦ କୃଷକ ସାଥୀମାନଙ୍କୁ ନିୟୋଜିତ କରାଯାଉ, କୃଷକ ସ୍ୱଶକ୍ତ କରଣ ଏବଂ ବିହନ ବିଶୋଧନ କାର୍ଯ୍ୟକ୍ରମରେ ସେମାନଙ୍କୁ ନିୟୋଜିତ କରାଯାଉ, ସରକକାରଙ୍କ ନିର୍ଦ୍ଦେଶା ନାମା ଅନୁଯାୟୀ କୃଷକ ସାଥୀମାନଙ୍କୁ କୃଷି ବିଭାଗରେ ନିୟୋଜିତ କରାଯାଉ ବୋଲି ୧୪ଟି ପ୍ରସ୍ତାବ ରଖି ସେମାନେ ଧାରଣାରେ ବସିଥିଲେ । କୃଷକ ସାଥୀମାନଙ୍କ ମଧ୍ୟରୁ ମୃତ୍ୟୁଞ୍ଜୟ ହାଜିରା, ନିରଞ୍ଜନ କରଣ, ରାଜଶ୍ରୀ ଜେନା, ସୁନୀଲ କୁମାର ବେହେରା, ହରେକୃଷ୍ଣ ରଞ୍ଜିତ, ସୁଧାଂଶୁ ପ୍ରମାଣିକ, ପରମାନନ୍ଦ ବେହେରା, ରାମହରି ପ୍ରଧାନ ପ୍ରମୁଖ ଧାରଣାରେ ବସିଥିଲେ ।

## ଧାମରା ବନ୍ଦର କର୍ମଚାରୀଙ୍କ ସୁରକ୍ଷା ପ୍ରଶ୍ନ : କେନ୍ଦ୍ର ମନ୍ତ୍ରୀଙ୍କୁ ଭେଟିଲେ ବିଏମ୍‌ଏସ୍ ପ୍ରତିନିଧି ଦଳ



ଭଦ୍ରକ,୧୫/୦୭ (ନି.ପ୍ର): ଧାମରା ବନ୍ଦରର କର୍ମଚାରୀମାନଙ୍କ ସୁରକ୍ଷାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛି ଭାରତୀୟ ମଜ୍‌ଦୂର ସଂଘ । ୧୦ ବର୍ଷରେ ବନ୍ଦରରେ କାର୍ଯ୍ୟ କରୁଥିବା ୧୦ରୁ ଉର୍ଦ୍ଧ୍ୱ କର୍ମଚାରୀଙ୍କର ସୁରକ୍ଷାର ଅଭାବ କାରଣରୁ ଦୁର୍ଘଟଣାରେ ମୃତ୍ୟୁ ଘଟିଛି । ବାରମ୍ବାର ଦାବୀ ସତ୍ତ୍ୱେ ବନ୍ଦର କର୍ତ୍ତୃପକ୍ଷ ନିରବ ରହିବା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ । ଏ ନେଇ ଆଜି ଭାରତୀୟ ମଜଦୂର ସଂଘ ଭଦ୍ରକ ଜିଲ୍ଲା ସଭାପତି ମନୋଜ ବସନ୍ତରାୟଙ୍କ ପ୍ରତିନିଧିତ୍ୱରେ ଏକ ପ୍ରତିନିଧି ଦଳ ଭଦକ୍ର ଗସ୍ତରେ ଆସିଥିବା କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ଶାନ୍ତନୁ ଠାକୁରଙ୍କୁ ଭେଟି ଏକ ଦାବୀପତ୍ର ପ୍ରଦାନ କରିଛନ୍ତି । ଧାମରା ବନ୍ଦରକୁ ବିଶ୍ୱସ୍ତରୀୟ ବୃହତ ବନ୍ଦର ଭାବେ ମାନ୍ୟତା ପ୍ରଦାନ କରିବା, ବନ୍ଦରରେ କାର୍ଯ୍ୟରତ କର୍ମଚାରୀଙ୍କୁ ଇଏସ୍‌ଆଇ ଅନ୍ତର୍ଭୁକ୍ତ କରାଯିବା, ଦୃଢ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି ଭାବେ ଲାଗୁ କରାଯିବା, ଭାରତୀୟ ମଜ୍‌ଦୂର ସଂଘ ସହ ଅନୁବନ୍ଧିତ ଧାମରା ବନ୍ଦର କର୍ମଚାରୀ ସଂଘକୁ ମାନ୍ୟତା ପ୍ରଦାନ ଭଳି ଦାବୀ ଉପସ୍ଥାପନ କରାଯାଇଥିଲା । ଏହି ପ୍ରତିନିଧି ଦଳରେ ବିଏମ୍‌ଏସ୍‌ର ଜିଲ୍ଲା ସଭାପତି ଶ୍ରୀ ବସନ୍ତରାୟଙ୍କ ସହିତ ସମ୍ପାଦକ ପରେଶ ନାଥ ଧଳ, ମୁକ୍ତିକାନ୍ତ ସାହୁ, ବସନ୍ତ ପାତ୍ର ପ୍ରମୁଖ ସାମିଲ ହୋଇଥିଲେ ।

## ସଂସ୍କୃତି ଭବନ ଆର୍ଟ ଗ୍ୟାଲେରିରେ ଚିତ୍ରକଳା ପ୍ରଦର୍ଶନୀ 'ମେଘ ମଲ୍ଲାର'

ବାଲେଶ୍ୱର,୧୫/୦୭ (ନି.ପ୍ର): ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଲଳିତ କଳା ଏକାଡେମୀର ମିଳିତ ସହଯୋଗରେ ମେଘ ମହ୍ଲାର ଶୀର୍ଷକ ଚିତ୍ରକଳା ପ୍ରଦର୍ଶନୀ ସ୍ଥାନୀୟ ସଂସ୍କୃତି ଭବନ ସ୍ଥିତ ଆର୍ଟ ଗ୍ୟାଲେରୀରେ ଶୁକ୍ରବାର ଉଦଘାଟିତ ହୋଇଯାଇଛି । ଜିଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ ଏହାକୁ ଉଦଘାଟନ କରିଥିଲେ । ବର୍ଷାଋତୁକୁ ନେଇ ଏହି ପ୍ରଦର୍ଶନୀରେ ସ୍ଥାନୀତ ବିଭିନ୍ନ ଆକର୍ଷଣୀୟ ଚିତ୍ରକଳାକୁ ଜିଲାପାଳ ବୁଲି ଦେଖିବା ସହିତ ଶିଳ୍ପୀଙ୍କୁ ପ୍ରଶଂସା କରିଥିଲେ । ଓଡ଼ିଶାର ବିଭିନ୍ନ ଜିଲାରୁ ୪୫ ଜଣ ଶିଳ୍ପୀଙ୍କ ଚିତ୍ରକଳା ଏଥିରେ ସ୍ଥାନୀତ ହୋଇଥିଲା । ଚିତ୍ରଗୁଡ଼ିକ ବର୍ଷା ଋତୁର ସୁଦୃଶ୍ୟ ଘଟଣାବଳୀ, ପର୍ବପର୍ବାଣୀ, ଗ୍ରାମ୍ୟ ଜୀବନ, ବର୍ଷାଋତୁରେ ସମୁଦ୍ର ବେଳାଭୂମିର ଦୃଶ୍ୟ, ମୟୂର ନାଚିବାର ଦୃଶ୍ୟ, ପଦ୍ମପୋଖରୀରେ ବର୍ଷା ପଡ଼ିବାର ଦୃଶ୍ୟ, କାଶତଣ୍ଡି ଫୁଲର ଦୃଶ୍ୟ, ସାରୁବୁଦା ମୂଳରେ ବେଙ୍ଗ ବେଙ୍ଗୁଲି ଦୃଶ୍ୟ, ବନ୍ୟାରେ ନଦୀକୂଳ ଲଙ୍ଘିବା ଦୃଶ୍ୟ ଆଦି ବିଭିନ୍ନ ପ୍ରକାର କଳାତ୍ମକ ଭାବନାଯୁକ୍ତ ଚିତ୍ରକୁ ଦେଖି ସମସ୍ତେ ଏହି ପ୍ରଦର୍ଶନୀରେ ଶିଳ୍ପୀଙ୍କୁ ପ୍ରଶଂସା କରିଥିଲେ । ଲଳିତକଳା ଏକାଡେମୀର ସଚିବ ପଞ୍ଚାନନ ସାମଲ ଅତିଥିଙ୍କୁ ସ୍ୱାଗତ କରିବା ସହିତ ପ୍ରଦର୍ଶନୀର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭାରପ୍ରାପ୍ତ ସଂସ୍କୃତି ବିଭାଗ ଅଧିକାରୀ ତଥା ଜିଲା ପର୍ଯ୍ୟଟନ ଅଧିକାରୀ ଗଗନ ସାହୁ, ଚିତ୍ରଶିଳ୍ପୀ ଅରୁଣ ଜେନା, ଶିଳ୍ପୀ କେଶୁ ଦାସ, ନିତ୍ୟାନନ୍ଦ ଦାସ, ବିଶ୍ୱଜିତ ପରମାଣିକ, ପ୍ରତାପ ସିଂ, ପୂର୍ଣ୍ଣେନ୍ଦୁ ପତି, ଶକୁନ୍ତଳା ସାହୁ, କବିତା ଦତ୍ତ, ଅରୁଣ ବାରିକ ପ୍ରମୁଖ ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ଏମ୍.କେ.ସି ହାଇସ୍କୁଲର କୃତୀ ବିଦ୍ୟାର୍ଥୀ ପୁରସ୍କୃତ



ବାରିପଦା,୧୫/୦୭ (ନି.ପ୍ର): ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଶ୍ରୀମତୀ ବିଷ୍ଣୁପ୍ରିୟା ଏବଂ ଡଃ ଲଡୁକେଶ୍ୱର ଶତପଥୀ ନୀଳଚକ୍ର ପୁରସ୍କାର-୨୦୨୨ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଆମେରିକାରେ ଅବସ୍ଥିତ ବିଦ୍ୟାଳୟର କୃତୀ ପ୍ରାକ୍ତନ ବିଦ୍ୟାର୍ଥୀ ପ୍ରଫେସର ଶଶୀ ଶେଖର ଶତପଥୀଙ୍କ ସହାୟତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଗୋବିନ୍ଦ ଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ପ୍ରଦାନ ଉତ୍ସବରେ କାର୍ଯ୍ୟକ୍ରମ ସଂଯୋଜକ ଶିକ୍ଷକ ଅମିତାଭ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା । କରିଥିଲେ । ମ୍ୟାଟ୍ରିକ୍ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ କୌଶଲ୍ୟା ସିଂ ଓ ଦ୍ୱିତୀୟ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର ଓମ୍ ପ୍ରକାଶ ଦାସଙ୍କୁ ଯଥାକ୍ରମେ ଟ.୫,୦୦୦ ଓ ଟ.୪,୦୦୦ ପ୍ରଦାନ କରାଯାଇଥିଲା । ଅନୁରୂପ ଭାବେ ନବମ ଶ୍ରେଣୀର ଶ୍ରେଷ୍ଠ ବିଦ୍ୟାର୍ଥୀ ବିଭୁକିଶୋର ମଲ୍ଲିକ୍ ଓ ସ୍ୱୟଂସଂପର୍ଣ୍ଣା ମଲ୍ଲିକଙ୍କୁ ଯଥାକ୍ରମେ ଟ.୪,୦୦୦ ଓ ଟ. ୩,୦୦୦ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା । ତତ୍‌ସହିତ ଛାତ୍ରଛାତ୍ରୀମାନଙ୍କୁ ପୁଷ୍ପଗୁଚ୍ଛ ଓ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା । ବିଦ୍ୟାଳୟର ଶିକ୍ଷକ ଅମୂଲ୍ୟ କୁମ୍ଭକାର, ପ୍ରଦୀପ କୁମାର ଦଣ୍ଡପାଟ, ଉପେନ୍ଦ୍ର ନାଥ ବେହେରା, ମନୋଜ କୁମାର ପରିଡା ଏବଂ ପ୍ରାକ୍ତନ ଛାତ୍ର ତିମିର କୁମାର ଘୋଷ ଓ ବିଜୟ କୁମାର ଦାସ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ଚଳିତବର୍ଷ କରୋନା ମହାମାରୀ ଯୋଗୁଁ ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇପାରିନାହିଁ । ପ୍ରଫେସର ଶତପଥୀଙ୍କର ଏହି ମହନୀୟ କାର୍ଯ୍ୟ ପାଇଁ ବିଦ୍ୟାଳୟ ତରଫରୁ କୃତଜ୍ଞତା ବ୍ୟକ୍ତ କରାଯାଇଛି ।

## ସିଦ୍ଧେଶ୍ୱର ହାଇସ୍କୁଲର ଏ-୧ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଜଳେଶ୍ୱର, ୧୫/୭(ନି.ପ୍ର) : ଜଳେଶ୍ୱର ପୌରପାଳିକାର ଶାସନବାର୍ଡଠାରେ ଥିବା ସିଦ୍ଧେଶ୍ୱର ହାଇସ୍କୁଲର ଏ-୧ରେ ପାସ୍‌କରିଥିବା ୧୨ଜଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଆୟୋଜିତ ସଭାରେ ପରିଚଳନା କମିଟି ସଭାପତି ଦୁର୍ଯ୍ୟୋଧନ କୁମାର ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ । ଏଥିରେ ମୁଖ୍ୟ ଅତିଥିଭାବେ ଡ. ଅରୁଣ କୁମାର ପ୍ରଧାନ, ମୁଖ୍ୟବକ୍ତାଭାବେ ପୂର୍ବତନ ଡିଆଇ ଧରିତ୍ରୀ ଦାସ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଓଷ୍ଟାର ସମ୍ପାଦକ ଡ. ଅତିତ୍ କୁମାର ମହାନ୍ତି, ସିଦ୍ଧେଶ୍ୱର ପଣ୍ଡା, ଫନିନ୍ଦ୍ର ସେନାପତି, ଆଶୋତୋଷ ପଟ୍ଟନାୟକ, କାଳିଚରଣ ପୃଷ୍ଟି, ପ୍ରଶାନ୍ତ କୁମାର ଦାସ, ହରିହର ମହାପାତ୍ର, ଅଜିତ୍ ରାୟ, ସେକ୍ ଫରିଦ୍ ଅହମ୍ମଦ, ଅଶ୍ୱିନୀ କୁମାର ବେହେରା, ଗୌରଶଂକର ମହାନ୍ତି ଓ ମହେଶ୍ୱର ବେହେରା ପ୍ରମୁଖ ଯୋଗ ଦେଇଥିଲେ । ସରୋଜ କୁମାର ପାଣିଗ୍ରାହୀ ସୂଚନା ଓ ଆଭିମୁଖ୍ୟ ପ୍ରଦାନ କରିଥିବା ବେଳେ ହରିଶଂକର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ୧୨ଜଣ ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ବିଦ୍ୟାଳୟରେ ସର୍ବୋଚ୍ଚ ୫୭୮ନଂ ରଖି ଥିବା ପ୍ରଜ୍ଞାପାରମିତା ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶିକ୍ଷକ ଶିକ୍ଷୟତ୍ରୀମାନେ ପରିଚାଳନା କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo